# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୪/୨୦୨୬ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 4/2026 Page 12 ₹ 7.00 SAMBALPUR

୫୨ଶ ଭାଗ ୧୨୯ ସଂଖ୍ୟା VOLUME 52 ISSUE 129 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul


# ଇରାନ୍ ହିଟ୍ ଲିଷ୍ଟରେ ୮ ବ୍ରିଜ୍

ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ ଓ ଇରାନ୍‌ର ପ୍ରତିଆକ୍ରମଣ ଜାରି ରହିଛି, ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତେଜନା ଥମୁନାହିଁ। ଇରାନ୍‌ର ସର୍ବୋଚ୍ଚ ତଥା ଆଇକନିକ୍ ବି୧ ବ୍ରିଜ୍‌କୁ ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଉଡ଼ାଇ ଦିଆଯିବା ପରେ ତେହରାନ୍ ସମଗ୍ର ଉପସାଗରୀୟ ଅଞ୍ଚଳରେ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନ୍‌ର ହିଟ୍ ଲିଷ୍ଟରେ ରହିଛି ଗଲ୍ଫରେ ଥିବା ୮ଟି ହାଇପ୍ରୋଫାଇଲ୍ ସେତୁ, ଯାହାକୁ ଇସ୍‌ଲାମିକ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଉଡ଼ାଇଦେବାକୁ ପ୍ରସ୍ତୁତି ଚଳାଇଛି। ଏହି ବ୍ରିଜ୍‌ଗୁଡ଼ିକ ଉପରେ ଆକ୍ରମଣ କରାଗଲେ ଗଲ୍ଫରେ ବାଣିଜ୍ୟିକ ପରିବହନ ଓ ଆଞ୍ଚଳିକ ଯୋଗାଯୋଗ କ୍ଷେତ୍ରରେ ବଡ଼ ବାଧା ଉପୁଜିପାରେ। ଏହାକୁ ଦୃଷ୍ଟିରେ ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନ୍‌ରେ ଯାହା ବର୍ତ୍ତିଯାଇଛି ସେଗୁଡ଼ିକୁ ଧ୍ୱଂସ କରିବା ଆମେରିକା ଆରମ୍ଭ କରିନାହିଁ। ତେହରାନ୍ ଯଦି ଯୁଦ୍ଧାବସାନ ପାଇଁ ଡିଲ୍ ନ କରୁଛି ତେବେ ବେସାମରିକ ଭିତ୍ତିଭୂମି ଉପରେ ଜୋର୍‌ଦାର ଷ୍ଟ୍ରାଇକ୍ କରାଯିବ। ଏଭଳି ସ୍ଥିତିରେ ଯୁଦ୍ଧ ବନ୍ଦ ହେବା ନେଇ ୨ ଦିନ ପୂର୍ବରୁ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହା ମଉଳିଯାଇଛି।

## ଆମେରିକାକୁ ତେହରାନ୍ ଦେବ ବି୧ ଷ୍ଟ୍ରାଇକ୍‌ର ଜବାବ



ଆମେରିକା-ଇସ୍ରାଏଲର ମିଳିତ ଷ୍ଟ୍ରାଇକରେ ଇରାନର ବି୧ ବ୍ରିଜ୍ ୨ ଭାଗ ହୋଇଯାଇଛି। (ସୌଜନ୍ୟ-ଗାର୍ଡିଆନ୍)

**ତେହରାନ୍,୩।୪(ଏ.ପି./ଅଲ୍‌ଜଜିରା)**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୩୩ ଦିନ ପୂରିଥିବାବେଳେ ଇସ୍ରାଏଲ୍ ଓ ଆମେରିକୀୟ ଷ୍ଟ୍ରାଇକ୍‌ରେ ମୃତ୍ୟୁସଂଖ୍ୟା ୩,୦୦୦ ଅତିକ୍ରମ କଲାଣି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜଳପଥରେ ଉତ୍ତେଜନା ଲାଗିରହିଥିବାବେଳେ ଆମେରିକା ସେନା ଇରାନୀୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ ଆରମ୍ଭ କରିଛି। ଆମେରିକାର ଏୟାର ଷ୍ଟ୍ରାଇକ୍‌ରେ ଗୁରୁବାର ତେହରାନ୍ ସହ କରାଜ୍‌କୁ ଯୋଡ଼ିବାକୁ ଥିବା ବି୧ ବ୍ରିଜ୍ ଭୁଶୁଡ଼ିପଡ଼ିଛି। ☞ପୃଷ୍ଠା-୨

# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୩।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ସନ୍ଧ୍ୟା ୬ଟାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍‌ରେ ୭ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିବାକୁ ରହିଛି। ସେଥିମଧ୍ୟରେ ନିର୍ମାଣ ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିବାବେଳେ ସ୍ୱାସ୍ଥ୍ୟ, ଜଳସମ୍ପଦ, ରାଜସ୍ୱ ଭଳି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଶାସନରେ ଭନ୍ୟ

୫ ପ୍ରଦୂଷଣ ରୋକିବାକୁ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି









ନୂଆଦିଲ୍ଲୀ ନିକଟ ଯମୁନା ନଦୀରେ ବିଷାକ୍ତ ଫେଣ ଭରି ରହିଥିବାବେଳେ ପିଲାମାନେ କୂଳରେ ବ୍ୟବହାରଯୋଗ୍ୟ ସାମଗ୍ରୀ ଖୋଜୁଛନ୍ତି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଭାରତ ଆସୁଥିବା ତୈଳ ଜାହାଜ ଚାଇନାକୁ ମୁହାଁଇଲା

**ନୂଆଦିଲ୍ଲୀ,୩।୪**

ଆମେରିକା ପକ୍ଷରୁ ଇରାନୀୟ ତୈଳ ଉପରୁ କଟକଣା ହଟାଯିବା ପରେ ତେହରାନ୍‌ର କ୍ରୁଡ୍ ଅଏଲ୍ କିଣିବା ପାଇଁ ଭାରତ ପ୍ରସ୍ତୁତ ହୋଇଛି। କିନ୍ତୁ ଇରାନୀୟ ତୈଳ ବୋଝେଇ ଏକ ଟ୍ୟାଙ୍କର ଭାରତ ଆସୁଥିବାବେଳେ ଯାତ୍ରା ମଝିରୁ ଚାଇନା ଆଡ଼କୁ ମୁହାଁଇଛି। ୭ ବର୍ଷ ମଧ୍ୟରେ ଏହି ଟ୍ୟାଙ୍କର ଏତେ ପରିମାଣର ତୈଳ କେବେ ଆଣି ନ ଥିଲା ବୋଲି ଜଣାପଡ଼ିଛି। ୨୦୦୨ରେ ନିର୍ମିତ ଆଫ୍ରାମ୍ୟାକ୍ସ ଟ୍ୟାଙ୍କର ପିଙ୍ଗ୍ ଶୁନ୍ ଉପରେ ୨୦୨୫ରେ ଆମେରିକା କଟକଣା ଜାରି କରିଥିଲା। ଜାହାଜଟି ଗୁଜରାଟର ଭାଦିନାରକୁ ଆସୁଥିଲା। ଏବେ ଏହା ଚାଇନାର ଡୋଙ୍ଗୟିଙ୍ଗ୍ ଯିବାକୁ ସିଗ୍‌ନାଲ ଦେଇଥିବା ଶିପ୍-ଟ୍ରାକିଂ ସଂସ୍ଥା କେପଲେର ସୂତ୍ରରୁ ଜଣାପଡ଼ିଛି। ଏନେଇ କେପ୍‌ଲେର ମୁଖ୍ୟ ଗବେଷଣା ବିଶ୍ଳେଷକ ସୁମିତ୍ ରିତୋଲିଆ କହିଛନ୍ତି, ଇରାନୀୟ ତୈଳ ଜାହାଜ ପିଙ୍ଗ୍ ଶୁନ୍ ଗତ ୩ ଦିନ ଧରି ଲକ୍ଷ୍ୟସ୍ଥଳ ଭାଦିନାର ଆଡ଼କୁ ଆସୁଥିଲା। କିନ୍ତୁ ଏହା କେଉଁ କାରଣରୁ ଚାଇନାକୁ ମୁହାଁଇଛି ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ମତରେ ଦେୟଜନିତ କାରଣରୁ ଜାହାଜ ଗତି ବଦଳାଇଥାଇପାରେ।



ତେବେ ଏହି କ୍ରୁଡ୍‌ର ପ୍ରକୃତ କ୍ରେତା ଓ ବିକ୍ରେତା କିଏ ତାହା ମଧ୍ୟ ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ, ଗୁଜରାଟର ଜାମନଗର ଜିଲାସ୍ଥିତ ଭାଦିନାରରେ ବର୍ଷକୁ ୨୦ ନିୟୁତ ଟନ୍ ତୈଳ ବିଶୋଧନ କରାଯାଇଥାଏ। ରୁଷୀୟ ତୈଳ କମ୍ପାନୀ ରୋସ୍‌ନେଫ୍ଟ ସମର୍ଥିତ ନାୟରା ଏନର୍ଜି ସେଠାକୁ କ୍ରୁଡ୍ ଯୋଗାଇଥାଏ।

# ଜାତିସଂଘରେ ହର୍ମୁଜ୍ ଭାଗ୍ୟ

## ଜଳମାର୍ଗ ଖୋଲିବା ପାଇଁ ୟୁଏନ୍‌ଏସ୍‌ସିରେ ଭୋଟିଂ ଆଜି




**ଜାତିସଂଘ,୩।୪(ପି.ଟି.)**

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ପୁଣି ଖୋଲିବା ପାଇଁ ବାହାରିନ୍ ପକ୍ଷରୁ ଅଣାଯାଇଥିବା ଏକ ଚିଠା ସଂକଳ୍ପନାମା ଉପରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଶନିବାର ମତଦାନ କରାଯିବ। ତେବେ ଏହି ଜଳପଥକୁ ବଳପୂର୍ବକ ଖୋଲିବାକୁ ଉଦ୍ୟମ ହେଉଥିବା ଦର୍ଶାଇ ୟୁଏନ୍‌ଏସ୍‌ସି ସ୍ଥାୟୀ ସଦସ୍ୟ ଚାଇନା ଓ ରୁଷିଆ ଏ ସମ୍ପର୍କିତ ପ୍ରସ୍ତାବକୁ ବିରୋଧ କରିଛନ୍ତି। ତେଣୁ ଉକ୍ତ ସଂକଳ୍ପନାମା ପାରିତ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ଉକ୍ତ ଡ୍ରାଫ୍ଟ ସିକ୍ୟୁରିଟି କାଉନ୍‌ସିଲ ରିଜୋଲ୍ୟୁଶନ୍ ସୁନିଶ୍ଚିତ କରିଛି ଯେ ହର୍ମୁଜ୍ ପ୍ରଣାଳୀ ସମସ୍ତ ଟ୍ରାଞ୍ଜିଟ୍ ପ୍ୟାସେଜ୍ ପାଇଁ ମୁକ୍ତ ହେବା ଆବଶ୍ୟକ। କାରଣ ହର୍ମୁଜ୍ ପ୍ରଣାଳୀକୁ ଖୋଲିବା କିମ୍ବା ଏହା ଉପରେ ନିୟନ୍ତ୍ରଣ କରିବା ଅଧିକାର କୌଣସି ରାଷ୍ଟ୍ରର ନାହିଁ। ଟ୍ରାଞ୍ଜିଟ୍ ପ୍ୟାସେଜ୍ ସୁନିଶ୍ଚିତ କରିବା ଏବଂ ଇରାନ୍ ଅନ୍ତର୍ଜାତୀୟ ନୌ ଚଳାଚଳରେ ବାଧା ଉପୁଜାଇଲେ ତେହରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଗତ କର୍ତ୍ତୃତ୍ୱ ପ୍ରଦାନ କରାଯିବା ହେଉଛି ଉକ୍ତ ସଂକଳ୍ପନାମାର ମୂଳ ଲକ୍ଷ୍ୟ। ଅନ୍ତର୍ଜାତୀୟ ଆଇନ ଓ ମାନବୀୟ ଆଇନକୁ ଅନୁସରଣକରି ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ପରିବହନ ସକାଶେ ଏହା ସମସ୍ତ ରାଷ୍ଟ୍ରକୁ ଏକ ସ୍ପଷ୍ଟ ଆଇନଗତ ଅଧିକାର ଦେବ। ହର୍ମୁଜ୍ ଉପରେ ଅନୁଧ୍ୟାନ କରାଯାଇ ପ୍ରତି ମାସରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ନିକଟରେ ରିପୋର୍ଟିଂ କରାଯିବ, ଯଦ୍ୱାରା ୟୁଏନ୍‌ଏସ୍‌ସି ନୂଆ ଘଟଣାକ୍ରମ ଉପରେ ଅଧିକ କାର୍ଯ୍ୟାନୁଷ୍ଠାନ ନେଇପାରିବ।

ଏପ୍ରିଲ ମାସ ପାଇଁ ପ୍ରେସିଡେଣ୍ଟ ଅଫ୍ କାଉନ୍‌ସିଲ ଥିବା ବାହାରିନ୍‌ର ଏହି ପ୍ରସ୍ତାବକୁ ଜିସିସି ଏବଂ ଜୋର୍ଡାନ୍ ସମର୍ଥନ କରିଛନ୍ତି। ୧୫ ସଦସ୍ୟତା ବିଶିଷ୍ଟ ସୁରକ୍ଷା ପରିଷଦରେ ଶନିବାର ଏହା ଉପରେ ଭୋଟ କରାଯିବ। ତେବେ ବଳପ୍ରୟୋଗ ଜରିଆରେ ହର୍ମୁଜ୍ ଖୋଲାଯିବା ପ୍ରସ୍ତାବକୁ ରୁଷିଆ, ଚାଇନା ଓ ଫ୍ରାନ୍ସ ଭଳି ଭିଟୋ କ୍ଷମତାସମ୍ପନ୍ନ ସ୍ଥାୟୀ ସଦସ୍ୟ ବିରୋଧ କରିଛନ୍ତି। ତେଣୁ ପୂର୍ବ ଚିଠା ପ୍ରସ୍ତାବର ଭାଷାରେ ପରିବର୍ତ୍ତନ କରାଯାଇଛି।

# ଭାଜପା ପ୍ରାର୍ଥୀ ତାଲିକାରୁ ଆନ୍ନାମଲାଇ ବାଦ୍

**ଚେନ୍ନାଇ,୩।୪**

ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭାଜପା ଶୁକ୍ରବାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ତେବେ ଦଳର ପୂର୍ବତନ ରାଜ୍ୟ ସଭାପତି କେ. ଆନ୍ନାମଲାଇଙ୍କ ନାମ ଉକ୍ତ ତାଲିକାରେ ନାହିଁ। ପ୍ରାର୍ଥୀ ଚୟନକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ଭାଜପା ୨୭ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବର୍ତ୍ତମାନ ଦଳର ରାଜ୍ୟ ସଭାପତି ଥିବା ନୈନାର ନାଗେନ୍ଦ୍ରନ୍ ସତ୍ତୁରରୁ ନିର୍ବାଚନ ଲଢ଼ିବାକୁ ଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ଏଲ୍. ମୁରୁଗାନ୍‌ଙ୍କୁ ଅବିନାଶୀ ଆସନ ପାଇଁ ଟିକେଟ ମିଳିଛି। ପୂର୍ବତନ ସଭାପତି ତାମିଲିସାଇ ସୁନ୍ଦରାରାଜନ ମହୀଶୂରରୁ ପ୍ରାର୍ଥୀ ହୋଇଥିବାବେଳେ ଏମ୍ ରାଜସିମ୍‌ହାନ୍ ମହିନ୍ଦ୍ରା ଆଭାଦିରୁ ଲଢ଼ିବେ। ଆନ୍ନାମଲାଇ କୋଏମ୍ବାଟୁର୍ (ନର୍ଥ) କିମ୍ବା ମୋଡାକ୍କୁରିଚି ଆସନରୁ ଲଢ଼ିବେ ବୋଲି କଳ୍ପନାଜଳ୍ପନା ଲାଗିରହିଥିବା ବେଳେ ଉକ୍ତ ତାଲିକାରେ ତାଙ୍କ ନାମ ନାହିଁ।

# ବିଜୟ ଦାଖଲ କରିଥିବା ୨ ସତ୍ୟପାଠରେ ତାରତମ୍ୟ

**ଚେନ୍ନାଇ,୩।୪**

ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ଅଭିନେତା ତଥା ଟିଭିକେ ପ୍ରତିଷ୍ଠାତା ବିଜୟ ୨ଟି ଆସନ ପେରାମ୍ବୁର ଏବଂ ତିରୁଚିରାପଲ୍ଲୀ ଇଷ୍ଟ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ସେ ଦାଖଲ କରିଥିବା ୨ଟି ନିର୍ବାଚନୀ ସତ୍ୟପାଠ୍ୟରେ ତାରତମ୍ୟ ରହିଥିବା ପଦାକୁ ଆସିଛି। ନିର୍ବାଚନ ପୂର୍ବରୁ ଏହା ସମ୍ଭାବ୍ୟ ଆଇନଗତ ଯାଞ୍ଚ ଏବଂ ରାଜନୈତିକ ବିତର୍କକୁ ଡାକିଆଣିଛି। ଆପରାଧିକ ମାମଲା, ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତାଙ୍କ ଘୋଷଣାନାମା ପରସ୍ପର ବିରୋଧରେ ଯାଉଛି। ପେରାମ୍ବୁର ଆସନ ପାଇଁ ଦାଖଲ ସତ୍ୟପାଠରେ ବିଜୟଙ୍କ ନାମରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନ ଥିବା ଉଲ୍ଲେଖ ଥିବାବେଳେ ତିରୁଚିରାପଲ୍ଲୀ ଘୋଷଣାନାମାରେ ତାଙ୍କ ନାମରେ ୨ଟି ଏତଲା ଥିବା ଦର୍ଶାଯାଇଛି। ସେହିପରି ପେରାମ୍ବୁର ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି ନିର୍ବାଚନ ଖର୍ଚ୍ଚ ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ସାଲିଗ୍ରାମମ୍ ଶାଖାରେ ବିଜୟ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିଛନ୍ତି, ଯେଉଁଥିରେ ୧ ଲକ୍ଷ ଟଙ୍କା ଜମା ରହିଛି। ଅନ୍ୟପକ୍ଷରେ ତିରୁଚିରାପଲ୍ଲୀ ସତ୍ୟପାଠରେ ୨ଟି ଅଲଗା ବ୍ୟାଙ୍କ ଆକାଉଣ୍ଟ କଥା ଉଲ୍ଲେଖ କରାଯାଇଛି।

# ଆମେରିକା ସେନା ମୁଖ୍ୟ ବିଦା

## ବାଧ୍ୟତାମୂଳକ ଅବସର ଦେଲେ ହେଗ୍‌ସେଥ୍

**ୱାଶିଂଟନ୍,୩।୪**

ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଦେଶର ଆର୍ମି ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ର୍ୟାଣ୍ଡି ଜର୍ଜଙ୍କୁ ତତ୍କାଳ ତାଙ୍କ ପଦରୁ ହଟାଇ ଦେଇଛନ୍ତି। ର୍ୟାଣ୍ଡିଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ସେନାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ହେଗ୍‌ସେଥ୍‌ଙ୍କ ରହିଥିବା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଜଣେ ସାମରିକ ଅଧିକାରୀଙ୍କୁ ଉକ୍ତ ପଦରେ ନିଯୁକ୍ତ କରାଯାଇପାରେ।

ପେଣ୍ଟାଗନ୍ ମୁଖ୍ୟ ମୁଖପାତ୍ର ସିଏନ୍ ପାର୍ନେଲ କହିଛନ୍ତି, ର୍ୟାଣ୍ଡି ୪୧ତମ ଚିଫ୍ ଅଫ୍ ଷ୍ଟାଫ୍ ଅଫ୍ ଦି ଆର୍ମି ପଦରୁ ତତ୍କାଳ ଅବସର ନେବେ। ସେ ଅନେକ ଦଶନ୍ଧି ଧରି ଦେଶ ପାଇଁ କରିଥିବା ସେବା ସକାଶେ ଯୁଦ୍ଧ ବିଭାଗ କୃତଜ୍ଞ। ସେହିପରି ଆଉ ୨ ଜଣ ସେନା ଅଧିକାରୀଙ୍କୁ ମଧ୍ୟ ହଟାଯାଇଛି। ସେମାନେ ହେଲେ ଜେନେରାଲ ଡେଭିଡ୍ ହୋଡ୍‌ନେ, ଯିଏକି ସେନାର ଟ୍ରାନ୍ସଫର୍ମେଶନ୍ ପାଇଁ ନେତୃତ୍ୱ ନେଇଥିଲେ ଏବଂ ମେଜର ଜେନେରାଲ ୱିଲିୟମ୍, ଯାହାଙ୍କ ନେତୃତ୍ୱରେ ଚାପ୍ଲେନ୍ କର୍ ରହିଥିଲା।



ଜେନେରାଲ ର୍ୟାଣ୍ଡି ଜର୍ଜ

# ମହିଳା ସରକାରୀ କର୍ମଚାରୀଙ୍କୁ ବଳାତ୍କାର ପରେ ବୀଭତ୍ସ ଆକ୍ରମଣ

**ବିଜୟୱାଡ଼ା,୩।୪**

ଆନ୍ଧ୍ରପ୍ରଦେଶର ପାଲନାଡୁ ଜିଲା ଅନ୍ତର୍ଗତ ମାଚେର୍ଲା ସହରରେ ଜଣେ ୩୫ ବର୍ଷୀୟା ସରକାରୀ କର୍ମଚାରୀଙ୍କୁ ଅଜଣା ବ୍ୟକ୍ତି ବଳାତ୍କାର କରିବା ସହ ତାଙ୍କ ଗୁପ୍ତାଙ୍ଗରେ ଲୁହାରଡ୍ ପୂରାଇ ଦେବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ନରସରାଓପେଟା ଏରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ଗୁରୁବାର ଅପରାହ୍ନରେ ପୀଡ଼ିତା ଘରେ ଏକାକୀ ଥିବାବେଳେ ଅଭିଯୁକ୍ତ ପାଣି ପିଇବା ପାଇଁ ଯାଇ ତାଙ୍କ ସହ ଜୋରଜବରଦସ୍ତ କରିଥିଲେ। ସେ ମହିଳାଙ୍କୁ ଏକ ସ୍କାର୍ଫରେ ବାନ୍ଧିଦେଇ ଛୁରି ଦେଖାଇ ବଳାତ୍କାର କରିଥିଲେ ଓ ମାଡ଼ ମାରିଥିଲେ। ପୀଡ଼ିତା ନିଜକୁ ଏଚ୍‌ଆଇଭି ସଂକ୍ରମିତ କହିବାରୁ ଅଭିଯୁକ୍ତ ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ମହିଳାଙ୍କ ପୁତୁରା ବାରମ୍ବାର ଫୋନ୍ କରିବା ସତ୍ତ୍ୱେ କୌଣସି ଜବାବ ନ ମିଳିବାରୁ ସେ ସନ୍ଦେହ କରି ପଡ଼ୋଶୀଙ୍କୁ ଜଣାଇଥିଲେ। ପଡ଼ୋଶୀ ମହିଳାଙ୍କୁ ଅଚେତ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେବା ପରେ ତାଙ୍କୁ ପ୍ରଥମେ ମର୍ଚ୍ଚେଲା ସରକାରୀ ହସ୍ପିଟାଲ ଓ ପରେ ନରସରାଓପେଟା ଏରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ନ୍ୟାୟିକ ଅଧିକାରୀଙ୍କୁ ଘେରାଉର ମାଷ୍ଟରମାଇଣ୍ଡ ଗିରଫ

**କୋଲକାତା,୩।୪**

ପଶ୍ଚିମବଙ୍ଗର ମାଲଦା ଜିଲାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ କରାଯିବା ଘଟଣାର ମାଷ୍ଟରମାଇଣ୍ଡ ସମେତ ୨ ଜଣଙ୍କୁ ଶୁକ୍ରବାର ପୋଲିସ ସିଲିଗୁଡ଼ିର ବାଗ୍‌ଡୋଗ୍ରା ଏୟାରପୋର୍ଟରୁ ଗିରଫ କରିଛି। ଅଭିଯୁକ୍ତ ମାଷ୍ଟରମାଇଣ୍ଡ ହେଉଛନ୍ତି ଆଇନଜୀବୀ ମୋଫାକ୍କରୁଲ ଇସ୍‌ଲାମ। ସେ ବିମାନରେ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗିରଫ କରାଯାଇଛି। କାଳିଆଚକ୍ ଥାନାରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

ବୁଧବାର ରାତିରେ କାଳିଆଚକ-୨ ବ୍ଲକ୍ କାର୍ଯ୍ୟାଳୟରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଅନେକ ଘଣ୍ଟା ପର୍ଯ୍ୟନ୍ତ ଘେରାଉ କରି ରଖାଯାଇଥିଲା। ଉକ୍ତ ନ୍ୟାୟିକ ଅଧିକାରୀମାନେ ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଆସିଥିବା ଆପତ୍ତି ଅଭିଯୋଗର ଶୁଣାଣି କାର୍ଯ୍ୟରେ ସାମିଲ ଥିଲେ। ମୋଫାକ୍କରୁଲ୍‌ଙ୍କ ଘର ଉତ୍ତର ଦିନାଜପୁର ଜିଲା ଅନ୍ତର୍ଗତ ଇଟାହାରରେ ହୋଇଥିବାବେଳେ ସେ କୋଲକାତାରେ ରହୁଥିଲେ ବୋଲି ଉତ୍ତର ପଶ୍ଚିମବଙ୍ଗ ଏଡିଜି କେ. ଜୟରମଣ କହିଛନ୍ତି। ୭ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ କରାଯିବା ଘଟଣାରେ ଗୁରୁବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଏହା କେବଳ ଭୋଟର ତାଲିକାର ଏସ୍‌ଆଇଆର୍‌କୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ସଦୃଶ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ କହିଥିଲେ। ଘଟଣାର ତଦନ୍ତ ସିବିଆଇ କିମ୍ବା ଏନ୍‌ଆଇଏ ଦ୍ୱାରା କରାଯିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କାଳିଆଚକ ଘଟଣାକୁ ନେଇ ମୋଟ ୧୯ଟି ମାମଲା ରୁଜୁ ହୋଇଛି।



ମାଷ୍ଟରମାଇଣ୍ଡ ମୋଫାକ୍କରୁଲ ଇସ୍‌ଲାମ।

# ଏନ୍‌ସିଇଆର୍‌ଟିକୁ ଡିମ୍‌ଡ-ଟୁ-ବି ୟୁନିଭର୍ସିଟି ମାନ୍ୟତା

**ନୂଆଦିଲ୍ଲୀ,୩।୪**

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ଆନୁଷ୍ଠାନିକ ଭାବେ ଡିମ୍‌ଡ-ଟୁ-ବି ୟୁନିଭର୍ସିଟି ଘୋଷଣା କରାଯାଇଛି। ଫଳରେ ଏହା ନିଜସ୍ୱ ଡିଗ୍ରୀ ପ୍ରଦାନ କରିବାକୁ କ୍ଷମତା ପାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ସୁପାରିସକ୍ରମେ ଶିକ୍ଷା ମନ୍ତ୍ରଣାଳୟ ଏନ୍‌ସିଇଆର୍‌ଟି ସମେତ ଏହାର ୬ଟି ଆଞ୍ଚଳିକ ଅନୁଷ୍ଠାନକୁ ସ୍ୱତନ୍ତ୍ର ବର୍ଗରେ ଡିମ୍‌ଡ ଟୁ ବି ୟୁନିଭର୍ସିଟି ଭାବେ ଘୋଷଣା କରିଥିବା ବିଜ୍ଞପ୍ତିରେ କୁହାଯାଇଛି। ଉକ୍ତ ଆଞ୍ଚଳିକ ଶିକ୍ଷାନୁଷ୍ଠାନଗୁଡ଼ିକ ଆଜମେର, ଭୋପାଳ, ଭୁବନେଶ୍ୱର, ମହୀଶୂର ଏବଂ ଶିଲଂରେ ରହିଥିବାବେଳେ ଭୋପାଳରେ ଥିବା ପଣ୍ଡିତ ସୁନ୍ଦରଲାଲ୍ ଶର୍ମା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭୋକେଶନାଲ ଏଜୁକେଶନ ରହିଛି।



ଜୟପୁରସ୍ଥିତ ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଆର୍‌ଏସ୍‌ଏସ୍ ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମ ବିରୋଧରେ ବିକ୍ଷୋଭ କରୁଥିବା ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ସଦସ୍ୟଙ୍କୁ ପୋଲିସ ଉଠାଇ ନେଉଛି।

# ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯିବାକୁ କଂଗ୍ରେସର ବିରୋଧ

**ନୂଆଦିଲ୍ଲୀ,୩।୪(ପି.ଟି.)**

ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ନିର୍ବାଚନରେ ରାଜନୈତିକ ଲାଭ ଉଠାଇବା ପାଇଁ କେନ୍ଦ୍ର ସରକାର ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଆଇନରେ ସଂଶୋଧନ ଏବଂ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଗୃହୀତ କରାଇବା ଉଦ୍ଦେଶ୍ୟରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏହା ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଗମ୍ଭୀର ଉଲ୍ଲଂଘନ ବୋଲି କଂଗ୍ରେସ ଶୁକ୍ରବାର ଅଭିଯୋଗ କରିଛି। ତରବରିଆ ଭାବେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଗୃହୀତ କରାଇବା ଉଦ୍ୟମର ପରିଣତି ବିପଜ୍ଜନକ ହେବ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଆମେ ବର୍ତ୍ତମାନର ପାର୍ଥକ୍ୟ ଏବଂ ଆପେକ୍ଷିକ ସାମର୍ଥ୍ୟରେ କୌଣସି ପରିବର୍ତ୍ତନ ଚାହୁଁନାହୁଁ। ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଗୃହୀତ ହେବା ପରେ ସରକାର ୩୦ ମାସ ହେଲା ଶୋଇରହିଥିଲେ ଏବଂ ଏବେ ନିର୍ବାଚନ ସମୟରେ ଡବଲ ଫାଇଦା ଉଠାଇବା ପାଇଁ ସେଥିରେ ସଂଶୋଧନ କରି ପୁନର୍ବାର ଗୃହୀତ କରାଇବା ପାଇଁ ତତ୍ପର ହୋଇଉଠିଛନ୍ତି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ନେଇ ସରକାରଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ଯୋଗାଯୋଗ କିମ୍ବା ପ୍ରସ୍ତାବ ନାହିଁ। ତେବେ ଲୋକ ସଭା ଆସନ ସଂଖ୍ୟାରେ ଆନୁପାତିକ ବୃଦ୍ଧି ହେବ ବୋଲି ଆମେ ଭିନ୍ନ ସୂତ୍ରରୁ ଜାଣିବାକୁ ପାଇଥିବା ଜୟରାମ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ବାସ୍ତବରେ ଛୋଟ ରାଜ୍ୟ ଏବଂ ଦକ୍ଷିଣ, ଉତ୍ତରପୂର୍ବ ଏବଂ ପଶ୍ଚିମ ଭାଗରେ ଥିବା ରାଜ୍ୟଗୁଡ଼ିକ ଏଥିରେ କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୪/୨୦୨୬ | Bhubaneswar, Saturday, April 4/2026





## ସ୍ୱାମୀଙ୍କ ପ୍ରଶଂସାରେ ଶତମୁଖ ଆଲିଆ

ପ୍ରଥମ ଝଲକ ରିଲିଜ୍ ହୋଇଥିବା 'ରାମାୟଣ' ଫିଲ୍ମରେ ରାମ ଭୂମିକାରେ ରଣବୀର କପୁରଙ୍କ ଅଭିନୟ ଦେଖି ଆଲିଆ ଏବେ ସ୍ୱାମୀଙ୍କ ପ୍ରଶଂସାରେ ଶତମୁଖ।

୦୨

୧୦

## ବୋଧାନା ଶୀର୍ଷ ରେଟିଂ ପ୍ରାପ୍ତ ମହିଳା ଖେଳାଳି

ଫିଡେ ରେଟିଂ ତାଲିକାରେ ଇଂଲଣ୍ଡର ଶୀର୍ଷ ରେଟିଂ ପ୍ରାପ୍ତ ମହିଳା ଖେଳାଳି ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ବୋଧାନା ଶିବାନନ୍ଦନ।



# ୪୦ ଡିଗ୍ରୀ ଉପରେ ୯ ସହରର ତାପମାତ୍ରା

- ଝାରସୁଗୁଡ଼ାରେ ସର୍ବାଧିକ ୪୧.୬ ଡିଗ୍ରୀ
- ୫ ଜିଲାକୁ ବର୍ଷା ନେଇ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୩।୪(ବନ୍ଦନା ସେଠୀ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପ୍ରବଳ ଗରମ ଓ ଗୁଳୁଗୁଳି ହେଉଛି। ଏଥିସହ ଗରମ ଝାଞ୍ଜି ପବନରେ ଦେହ ହାତ ପୋଡିଗଲା ଭଳି ଅନୁଭୂତ ହେଉଛି। ଗତ ୨୪ଘଣ୍ଟାରେ ରାଜ୍ୟର ୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଝାରସୁଗୁଡାରେ ସର୍ବାଧିକ ୪୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଅନୁଗୋଳ ୪୦.୭ ଡିଗ୍ରୀ, ଟିଟିଲାଗଡ଼ ଓ ଭଦ୍ରକ ୪୦.୫, ହୀରାକୁଦ ୪୦.୪, ବଲାଙ୍ଗୀର ୪୦.୩, ପାରଳାଖେମୁଣ୍ଡି, ସମ୍ବଲପୁର ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ସେହିପରି ଦ୍ୱୈତନଗରୀ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୮.୭ ଡିଗ୍ରୀ ଓ କଟକରେ ୩୮.୪ ଡିଗ୍ରୀ ରେକର୍ଡ ହୋଇଛି। ଆଗାମୀ ୪ଦିନ ଧରି ରାଜ୍ୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ☞ପୃଷ୍ଠା-୫



ଭୁବନେଶ୍ୱରରେ ଶୁକ୍ରବାର ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଖରାରୁ ରକ୍ଷା ପାଇବା ପାଇଁ ମହିଳାମାନେ ମୁହଁରେ ଚୁନି ଘୋଡ଼ାଇ ଛତା ଧରି ରାସ୍ତାରେ ଯାଉଛନ୍ତି। **(ଫଟୋ- ବିକାଶ ନାୟକ)**

# ଆଜି ବିଦ୍ୟାଳୟରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

**ଭୁବନେଶ୍ୱର,୩।୪(ସୁଚିସ୍ମିତା ସାହୁ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଦ୍ୟାଳୟଗୁଡ଼ିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହେବ। ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି କୁନି କୁନି ପିଲାଙ୍କୁ ଖଡ଼ିଛୁଆଁଇବେ। ଏଥିସହ ପିଲାଙ୍କୁ ପାଠପଢ଼ା ପ୍ରତି ସଚେତନତା କରିବା ପାଇଁ ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ବୁଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଶିଶୁବାଟିକା ପିଲାଙ୍କ ପାଇଁ ଏପ୍ରିଲ ୨ରେ ହେବାକୁ ଥିବା ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ୪ ତାରିଖକୁ ଘୁଞ୍ଚାଯାଇଛି। ସେହିପରି ଏପ୍ରିଲ ୬ରୁ ୮ ଯାଏ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶିଶୁବାଟିକାରେ ନାମ ଲେଖାଇବାକୁ ଥିବା ଶିଶୁଙ୍କ ପରିବାରକୁ ପୂର୍ବରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁଯାୟୀ ଡ୍ରପ୍ଆଉଟ୍ ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉଛି। ଏହି ଉତ୍ସବରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଅଭିଭାବକ, ଅଧିକାରୀ ଶିଶୁଙ୍କୁ ପାଠପଢ଼ିବା ଦିଗରେ ପ୍ରୋତ୍ସାହିତ କରିବେ।

# ବାଣ ଭିଡୁଥିବା ବେଳେ ବିସ୍ଫୋରଣ, ୬ ଗୁରୁତର

**ନୟାଗଡ଼/ନୂଆଗାଁ,୩।୪ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)**

## ଲଙ୍କାପୋଡ଼ି ଯାତ୍ରା ପାଇଁ ଚାଲିଥିଲା ପ୍ରସ୍ତୁତି, ଜଣେ ଅଟକ

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗାଁର ହାଡିବନ୍ଧୁ ସେଠୀଙ୍କ ବାଡ଼ିପଟ କଦଳୀ ବଗିଚା ଭିତରେ ବାଣ ଭିଡ଼ା ବେଳେ ଶୁକ୍ରବାର ମଧ୍ୟାହ୍ନରେ ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାଡ଼ିବନ୍ଧୁ ସେଠୀ(୬୦), ପୁଅ ନବ ସେଠୀ(୩୫), ଗଞ୍ଜାମ ଜିଲା ଭଞ୍ଜନଗର ଗେରେଡ଼ା ଗ୍ରାମର ଅମିତ ସେଠୀ(୧୫), କୋରଡ଼ା ଗ୍ରାମର ବାପୁନି ନାହାକ (୪୦), ମିନାଗାଡିଆ ଗ୍ରାମର ମନୋଜ ନାୟକ (୩୮) ଓ ବାପି ନାୟକ(୩୫)। ଏମାନଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଏମାନଙ୍କ ମଧ୍ୟରୁ ୫ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କେବଳ ନବ ସେଠୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବାଣ କାରିଗରଙ୍କ ପୁଅ ରମେଶ ସେଠୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଦଶପଲ୍ଲା, କୋରଡ଼ାଗଡ଼ ଓ ଗଣିଆ ଆଦି ସ୍ଥାନରେ ହେଉଥିବା ଲଙ୍କାପୋଡ଼ି ଯାତ୍ରାରେ ଫୁଟାଯିବା ପାଇଁ ଏଠାରେ ବାଣ ପ୍ରସ୍ତୁତ କରାଯାଉଥିଲା। ବିସ୍ଫୋରଣ ଖବରପାଇ ନୂଆଗାଁ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ଅଫୁଟା ବାଣ ଓ ତିଆରି ପାଇଁ ରଖାଯାଇଥିବା ବାରୁଦ, କାଚ, ସୁତୁଲି ଓ ବାଣ ନଳୀ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ପାଣି ପକାଇ ନଷ୍ଟ କରିବା ପରେ ମାଟି ତଳେ ପୋତି ଦେଇଥିଲେ। ଅନ୍ୟପକ୍ଷେ ଆହତଙ୍କୁ ଦମକଳ ବାହିନୀ ଗାଡ଼ି ଯୋଗେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣ ଉପକରଣ ଜବତ କରି ତଦନ୍ତ ଚଳାଇଛି।

ପ୍ରାପ୍ତ ସୂଚନା ଅନୁସାରେ କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ଜଣେ ବାଣ କାରିଗର। ସେ ଏବଂ ତାଙ୍କ ପୁଅ ବାଣ ତିଆରି କରନ୍ତି। ତାଙ୍କୁ ବାଣ ତିଆରି କାର୍ଯ୍ୟରେ ମିନାଗାଡ଼ିଆ ଓ କୋରଡ଼ା ଗାଁର ୪ଜଣ ପାରିଶ୍ରମିକ ନେଇ ସହଯୋଗ କରୁଥିଲେ। ହାଡ଼ିବନ୍ଧୁ ନିଜ ଘରେ ବେଆଇନ ଭାବେ ବାଣ ତିଆରି କରି ବ୍ୟବସାୟ ☞ପୃଷ୍ଠା-୫



ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗାଁର ବାଣ ବିସ୍ଫୋରଣ ସ୍ଥାନ।

# ସିବିଏସ୍ଇ କରିଲା ୩ୟ ଭାଷା ବାଧ୍ୟତାମୂଳକ

- ନୂଆ ପାଠ୍ୟକ୍ରମରେ ୬ଷ୍ଠ ଶ୍ରେଣୀରୁ ଲାଗୁ
- ୯ମରୁ ଗଣିତ, ବିଜ୍ଞାନରେ ଦ୍ୱିସ୍ତରୀୟ ବ୍ୟବସ୍ଥା

**ନୂଆଦିଲ୍ଲୀ,୩।୪(ପି.ଟି.)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂଆ ପାଠ୍ୟକ୍ରମ ଜାରି କରାଯାଇଛି। ଛାତ୍ରୀଛାତ୍ରମାନେ ୩ଟି ଭାଷା ପଢ଼ିବାର ବ୍ୟବସ୍ଥା କରାଯାଇଥିବାବେଳେ ଏଥିମଧ୍ୟରୁ ୨ଟି ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରାଯାଇଛି। ତୃତୀୟ ଭାଷାକୁ ଛାତ୍ରୀଛାତ୍ର ନିଜ ଇଚ୍ଛାରେ ନେଇପାରିବେ। ଷଷ୍ଠ ଶ୍ରେଣୀରୁ ତ୍ରିଭାଷୀ ସୂତ୍ର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ଏବଂ ନବମ ଶ୍ରେଣୀରୁ ଗଣିତ ଓ ବିଜ୍ଞାନରେ ଦ୍ୱିସ୍ତରୀୟ ବ୍ୟବସ୍ଥା ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଯାଉଥିବା ଜଣେ ଅଧିକାରୀ ଶୁକ୍ରବାର କହିଛନ୍ତି।

ନୂଆ ଜାତୀୟ ଶିକ୍ଷାନୀତି (ଏନ୍ଇପି)ରେ ତିନି ଭାଷା ସୂତ୍ରକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଚଳିତ ବର୍ଷରୁ ଏହା ଷଷ୍ଠ ଶ୍ରେଣୀରୁ ଲାଗୁହେବ। ସେହିପରି ନବମ ଶ୍ରେଣୀରୁ ଗଣିତ ଓ ବିଜ୍ଞାନରେ ବାଧ୍ୟତାମୂଳକ ସାଧାରଣ(ଷ୍ଟାଣ୍ଡାର୍ଡ) ଏବଂ ଇଚ୍ଛାଧୀନ ଅଗ୍ରିମ (ଆଡ୍ଭାନ୍ସଡ) ପାଠ୍ୟକ୍ରମ ଏହିଭଳି ୨-ସ୍ତରୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ନୂଆ ନ୍ୟାଶନାଲ କରିକୁଲମ୍ ଫ୍ରେମ୍ୱାର୍କ (ଏନ୍ସିଏଫ୍)ର ସୁପାରିସ ଅନୁଯାୟୀ, ☞ପୃଷ୍ଠା-୫

**ତାଲିକାଭୁକ୍ତ ୩୦ ଭାଷା**

ଆରବିକ, ଅସମିୟା, ବେଙ୍ଗଲୀ, ବୋଡୋ, ଇଂଲିଶ, ଫ୍ରେଞ୍ଚ୍, ଜର୍ମାନ୍, ଗୁଜରାଟୀ, ହିନ୍ଦୀ, ଜାପାନିଜ୍, କନ୍ନଡ, କଶ୍ମୀରୀ, କୋଙ୍କଣୀ, ମାଲୟାଲମ୍, ମଣିପୁରୀ, ମରାଠୀ, ମିଜୋ, ନେପାଳୀ, ଓଡ଼ିଆ, ପର୍ସିଆନ୍, ପଞ୍ଜାବୀ, ରଷିଆନ୍, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ସ୍ପାନିସ୍, ତାମିଲ, ତେଲୁଗୁ, ତିବେଟାନ୍ ଏବଂ ଉର୍ଦ୍ଦୁ ।

# ରେଳପଥକୁ ରାଜ୍ୟର କଇଁ

- ୨୦୨୪ରୁ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଶ୍ରୀକାନ୍ତ
- ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସସ୍ମିତଙ୍କ ଦାବି, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦୀପଙ୍କ ଚିଠି
- ଭାଜପାର ୨୦ ଏମ୍ପିଙ୍କ ଭୂମିକା କ'ଣ ଲୋକେ ଜାଣିବାକୁ ଚାହୁଁଛନ୍ତି: ଅତନୁ

**ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)**

ରେଳ ମନ୍ତ୍ରଣାଳୟ ପକ୍ଷରୁ ପଲାସା -ଇଚ୍ଛାପୁରମ ସେକ୍ସନକୁ ଓଡ଼ିଶାର ପୂର୍ବତଟ ରେଳପଥରୁ କାଢ଼ି ନେଇ ଆନ୍ଧ୍ରପ୍ରଦେଶରେ ଥିବା ଦକ୍ଷିଣତଟ ରେଳପଥରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ନେଇ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରେଳବାଇକୁ ରାଜ୍ୟ ଭିତରେ ସୀମିତ କରି ବିବାଦର ମଞ୍ଜି ବୁଣା ନ ଯାଉ ବୋଲି ମତପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ପୂର୍ବତଟ ରେଳପଥ ଦେଶର ସବୁଠାରୁ ଲାଭଦାୟକ ରେଲୱେ ଜୋନ୍ ଭାବେ ଜଣାଶୁଣା। ପୂର୍ବତଟ ରେଳପଥ ୱାଲ୍ଟିୟର, ଖୋର୍ଦ୍ଧାରୋଡ୍ ଏବଂ ସମ୍ବଲପୁର ଭଳି ୩ଟି ଡିଭିଜନକୁ ନେଇ ଗଠିତ। ପରବର୍ତ୍ତୀ ସମୟରେ ନୂଆକରି ଗଠନ ହୋଇଥିବା ଆନ୍ଧ୍ରପ୍ରଦେଶର ଦକ୍ଷିଣତଟ ରେଳପଥ ଅଧୀନରେ ୱାଲ୍ଟିୟର ଡିଭିଜନର ଅନେକ ଅଞ୍ଚଳକୁ ମିଶାଇବାକୁ ନିଷ୍ପତ୍ତି ହେଲା। ୱାଲ୍ଟିୟର ଡିଭିଜନ ଅଧୀନରେ ଯେଉଁସବୁ ଷ୍ଟେଶନ ବା ଅନ୍ୟ କିଛି ଆନ୍ଧ୍ର ପ୍ରଦେଶ ସୀମାରେ ଥିଲା ତାହାକୁ ଦକ୍ଷିଣତଟ ରେଳପଥରେ ମିଶାଯିବାକୁ ପଦକ୍ଷେପ ନିଆଗଲା। ରେଳ ମନ୍ତ୍ରଣାଳୟର ଏପରି ନିଷ୍ପତ୍ତିକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୨୦୨୪ରେ ☞ପୃଷ୍ଠା-୫

# ଜନଗଣନାରେ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

## ୧୬ରୁ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ଗଣନାକାରୀ

**ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)**

ଓଡ଼ିଶାରେ ଜନଗଣନା ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶା ସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଏହି କାର୍ଯ୍ୟ ଜାରି ରହିଛି। ଓଡ଼ିଶାର ୩୦ ଜିଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା ଓ ତାହାର ତାଲିକା ପ୍ରସ୍ତୁତ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୧୬ରୁ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଆସନ୍ତା ୧୬ରୁ ମେ ୧୫ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଗତ ୧ ତାରିଖଠାରୁ ସ୍ୱ-ଗଣନା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେଲ୍ଫ ଏନୁମରେଶନ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ମଧ୍ୟ ଶୁକ୍ରବାର ନିଜର ସେଲ୍ଫ ଏନୁମରେଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜରିଆରେ ☞ପୃଷ୍ଠା-୫




SIKSHA 'O' ANUSANDHAN
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଉତ୍କଳ ଦିବସ ଓଡ଼ିଆ ପକ୍ଷ ଉପଲକ୍ଷେ ବିଶାଳ ଗଣଦୌଡ଼, ସ୍ଥାନ: ଲୟଲା ସ୍କୁଲଠାରୁ ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।
- ସିଇଓ ରାଉଣ୍ଡଟେବଲ ହେଲ୍‌ଥକେୟାର-୨୦୨୬, ସ୍ଥାନ: ମେ'ଫେୟାର ଲାଗୁନ, ଲିଲି ହଲ୍, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ଗଡ଼ ବ୍ରିଟ୍ କଲୋନୀ, ସମୟ: ଅପରାହ୍ନ ୪ଟା।
- ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ୪ର୍ଥ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଅନ୍ତର୍ଜାତୀୟ ଇଂଲିଶ ମାଗାଜିନ ଇଟରନିଟିର ଲୋକାର୍ପଣ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।

### କଟକ

- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ବେଣ୍ଟକାର ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖାନନଗରସ୍ଥିତ ମହାମାୟା ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କର୍ମବୀର ଗୌରୀଶଙ୍କର ଟାଉନ୍ ହଲ, ସମୟ: ସନ୍ଧ୍ୟା ୬ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଦଶମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଚତୁଃଦିବସୀୟ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମାତୃଭବନ, ସମୟ: ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ ଓ ରାବଣପୋଡ଼ି ଉତ୍ସବ, ସ୍ଥାନ: ତଳସାହି, ବାଘମାରୀ, ସମୟ: ରାତି ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ରାତି ୮ଟା।

### ବାଲେଶ୍ୱର

- ଓଡ଼ିଆ ନାମଫଳକ ଅଭିଯାନ, ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା ପଦଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ଜଳେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା ପଦଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ଛକ, ନୀଳଗିରି, ସମୟ: ସକାଳ ୮ଟା।
- ସଚେତନତା ପଦଯାତ୍ରା, ସ୍ଥାନ: ମ୍ୟୁନିସିପାଲିଟି ଅଫିସ୍, ସୋର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୬, ସ୍ଥାନ: ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନହଟ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା।

### ଭଦ୍ରକ

- ଓଡ଼ିଆ ନାମଫଳକ ଅଭିଯାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୯ଟା।
- ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ଦୋଳସାହି ଏମ୍‌ଇ ସ୍କୁଲ, ତିହିଡ଼ି, ସମୟ: ସକାଳ ୯ଟା।
- ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇସ୍ଥିତ ପିଏମ୍‌ଶ୍ରୀ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦୁଝର

- ଓଡ଼ିଆରେ ନାମଫଳକ ଲିଖନ ଦିବସ ପାଳନ ଅବସରରେ ଏକ ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ପ୍ରବେଶ ଉତ୍ସବ ୨୦୨୬, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିରିଶପାଳ, କେନ୍ଦୁଝର, ସମୟ: ସକାଳ ୯ ଟା।
- ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଉତ୍ସବ, ସ୍ଥାନ: ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣା ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ

- ଅଷ୍ଟ ପ୍ରହର ନାମଯଜ୍ଞର ଘଟୋତ୍ତଳନ ଓ ନାମଯଜ୍ଞ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦା,ସମୟ:ସକାଳ ୯ଟା।
- ତାଲୁକ ଆଇନ ସେବା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ଉଦଳା ସନ୍ଧାନୀ ଗୃହ ସଭାଗୃହ,ସମୟ: ସକାଳ ୯ଟା।
- ଦିବ୍ୟଜ୍ୟୋତି ଏଜୁକେସନାଲ ଟ୍ରଷ୍ଟର ୯ମ ବାର୍ଷିକ ଉତ୍ସବ,ସ୍ଥାନ:ତୁଳସୀ ଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହପୀଠର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ:ବାଘଡ଼ାରୋଡ୍, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର

- ୱାଇଫାଇ ବ୍ୟବସ୍ଥା ବିରୋଧରେ ଅଭିଯୋଗ, ସ୍ଥାନ: ଏସ୍‌ପି ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।

### ଗଞ୍ଜାମ

- ଆସ ସ୍କୁଲ ଯିବା ଅଭିଯାନ, ବିଦ୍ୟାଳୟ ପ୍ରବେଶ ଉତ୍ସବ ଶୁଭାରମ୍ଭ, ସ୍ଥାନ: ପିଏମଶ୍ରୀ ନୋଡାଲ ହାଇସ୍କୁଲ,ଚୁଡୁଙ୍ଗପୁର, ସାନଖେମୁଣ୍ଡି ବ୍ଲକ, ସମୟ: ସକାଳ ୮ ଟା।
- ଶିକ୍ଷା ସଚେତନତା ରଥ ଉଦଘାଟନ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ଶୁଭାରମ୍ଭ,ସ୍ଥାନ: ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ, ଦିଗପହଣ୍ଡି ବ୍ଲକ, ସମୟ: ସକାଳ ୮ ଟା ୩୦।

### ଢେଙ୍କାନାଳ

- ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶିବିର, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୭ଟା ୩୦।
- ଶିକ୍ଷା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସ୍ଥାନ: ସକାଳ ୯ଟା।
- ଲାନକୋ ଜମିହରା ପ୍ରଜାଙ୍କ ମାମଲା ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

### ଅନୁଗୋଳ

- ଖଡ଼ିଛୁଆଁ ପ୍ରବେଶ ଉତ୍ସବ ପାଳନ, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ(ଖଡ଼ି ଛୁଆଁ), ସ୍ଥାନ: ଅନୁଗୋଳ ପିଏମ୍‌ଶ୍ରୀ ପିଟିସି ନୋଡାଲ ହାଇସ୍କୁଲ, ସମୟ: ସକାଳ ୯ଟା।

### ସମ୍ବଲପୁର

- ଚାଉଁରପୁର ନାମଯଜ୍ଞ କମିଟି ପକ୍ଷରୁ ୨୪ ପ୍ରହରୀ ନାମଯଜ୍ଞ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୮ଟା।
- ଆଇଆଇଏମ୍ ସମ୍ବଲପୁରର ୧୦ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବସନ୍ତପୁର ସ୍ଥିତ ଆଇଆଇଏମ୍ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: କଚେରୀ ଛକ ନିକଟସ୍ଥ ହନୁମାନ ବାଟିକା, ସମୟ: ରାତି ୭ଟା।

### ବଲାଙ୍ଗୀର

- ଓଡିଆ ପକ୍ଷ ପାଳନ ଅବସରରେ ପଦଯାତ୍ରା, ସ୍ଥାନ: ରାମେଶ୍ୱର ମନ୍ଦିର, ବୌଦ୍ଧ, ସମୟ: ସକାଳ ୭ଟା ।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ, ସ୍ଥାନ: ଧଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ସକାଳ ୭ଟା ।
- ଅଷ୍ଟଶମ୍ଭୁ ମିଳନ, ସ୍ଥାନ: ଚନ୍ଦ୍ରଚୁଡ ମନ୍ଦିର ରାସ୍ତା ବୌଦ୍ଧ, ସମୟ: ଅପରାହ୍ନ ୩ଟା ।
- ବୌଦ୍ଧ ଶ୍ରୀରାମ ଲୀଳାଯାତ୍ରାର ନବମ ଦିବସ,ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା ।

### ରାଉରକେଲା

- ନଟରାଜ ନୃତ୍ୟ ପରିଷଦର ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରବେଶ ଉତ୍ସବ, ସ୍ଥାନ: ଖୁଟଗାଁ, ସମୟ: ପୂର୍ବାହ୍ନ ୧୧ଟା।

### ବରଗଡ଼

- ବ୍ଲକସ୍ତରୀୟ ଖଡ଼ି ଛୁଆଁ ଓ ସ୍କୁଲ ପ୍ରବେଶ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରମୁଣ୍ଡା, ବିଜେପୁର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଖଡ଼ି ଛୁଆଁ ଓ ସ୍କୁଲ ପ୍ରବେଶ ଉତ୍ସବ, ସ୍ଥାନ: ଅମ୍ବାପାଲି ହାଇସ୍କୁଲ, ଅମ୍ବାପାଲି, ବରଗଡ଼, ସମୟ: ସକାଳ ୮ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଲ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ: ଛୁରିଆପାଲି, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଖଡିଛୁଆଁ ଉତ୍ସବ, ସ୍ଥାନ: ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ବାର୍ଷିକ ଉତ୍ସବ,ସ୍ଥାନ: ଅଞ୍ଚଳ ମହାବିଦ୍ୟାଳୟ, ସଭାକକ୍ଷ,ସମୟ:ସକାଳ ୧୦ଟା।
- ପାଇକମାଳ ବ୍ଲକ ଡୁଙ୍ଗୁରିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ସମୟ: ସକାଳ ୭ ଟା।

### କଳାହାଣ୍ଡି

- ଓଡ଼ିଆପକ୍ଷ ପାଳନ ଅବସରରେ ଖଡ଼ି ଛୁଆଁ ଓ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ଲକ ଥୁଆପଦର ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣାରେ ବହୁଜନ ସମାଜ ପାର୍ଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ, ବିଧାୟକ ପାଣ୍ଠି ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼

- ଓଡ଼ିଆ ନାମଫଳକ ସଚେତନତା ପଦଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଦିବସ, ସ୍ଥାନ: ଦେବଗଡ଼ ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ମଝିପଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡ଼ା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ନବମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ନବମ ସନ୍ଧ୍ୟା, ସ୍ଥାନ-କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ନବମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ନବମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।

### ନୂଆପଡ଼ା

- ବୋଲବମ କମିଟି ପକ୍ଷରୁ ୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶୀପଲା ଗାଁ, ସମୟ: ସକାଳ ୯ଟା ୦୬।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

### ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ରାଶିତେଲ ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର, ମଙ୍ଗଳବଜାର ଛକ, ସମୟ: ସକାଳ ୮ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଯାତ୍ରା, ବାଣିଜ୍ୟ ଏବଂ ପାରିବାରିକ ସୁସମ୍ପର୍କ ଦିଗରେ ସହାୟକ ହେବ। କିନ୍ତୁ ଘରର ଅଟକି ରହିଥିବା କେତେକ କାମକୁ ସମ୍ପନ୍ନ କରିବା ସକାଶେ ପଛେଇ ଯାଇପାରନ୍ତି। ଅବଶ୍ୟ ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେଇପାରନ୍ତି ।

**ବୃଷ** ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁଡ଼ିଏ କାମ ହାତକୁ ନେବାରୁ ଟେନସନ ବଢ଼ିଯିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଓ ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। ସମ୍ପର୍କୀୟଙ୍କ ହସ୍ତକ୍ଷେପ କର୍ମକ୍ଷେତ୍ରକୁ ସମସ୍ୟାବହୁଳ କରାଇବ।

**ମିଥୁନ** କୌଣସି ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପ୍ରଶାସନିକ, ରାଜନୈତିକ ଅଥବା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ଆଜିର ଯାତ୍ରା, ପରିବହନ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାନ୍ଦା ହେବ ନାହିଁ।

**କର୍କଟ** ବନ୍ଧୁଙ୍କ ଦ୍ୱାରା ବିବାଦୀୟ କ୍ଷେତ୍ରରୁ ପ୍ରାପ୍ୟ ଆଣିବାରେ ସମର୍ଥ ହେବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିପାରନ୍ତି।

**ସିଂହ** ଆଜିର ଗ୍ରହସ୍ଥିତି ଅର୍ଥ, ସମ୍ମାନ, ପ୍ରତିଷ୍ଠାଦି ଗୌରବ ବିମଣ୍ଡିତ କରିପାରନ୍ତି। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ମଘା ପାଇଁ ହାତଛଡ଼ା ହୋଇପାରେ।

**କନ୍ୟା** ପାପଗ୍ରହ କର୍ମକ୍ଷେତ୍ର ପାଇଁ କିଛିଟା ପ୍ରତିବନ୍ଧକ ସୃଷ୍ଟିକଲେ ମଧ୍ୟ ପାରିବାରିକ ଜୀବନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ସ୍ୱକୀୟ କାର୍ଯ୍ୟଦକ୍ଷତା ହେତୁକ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ଅନୁକମ୍ପା ଲାଭ କରିବେ। ବିଶେଷ କାରଣରୁ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ମନସ୍ତାପ ମଧ୍ୟ କରିବେ। ସାମାଜିକ ସ୍ତରରେ ଆଶା ପୂରଣ ହେବ ।

**ତୁଳା** ସାହାଯ୍ୟ, ସହଯୋଗ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବାର ସୁଯୋଗ ପାଇବେ।

**ବିଚ୍ଛା** ଦୈହିକ ସୁସ୍ଥତା ସାଙ୍ଗକୁ ନୂତନ କର୍ମରେ ଅନୁପ୍ରବେଶ ମନଃସ୍ଥିତିକୁ ସଂଯମିତ ରଖିବ। ସାଙ୍ଗ ପ୍ରଭାବରେ ପ୍ରଭାବିତ ହୋଇ କିଛି ମନ୍ତବ୍ୟ ପ୍ରଦାନକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଯାତ୍ରାରେ କିମ୍ବା କିଣାବିକାରେ ସତର୍କ ରୁହନ୍ତୁ। ପରିଜନଙ୍କ ସାହାଯ୍ୟ ଦ୍ୱାରା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ଧନୁ** ଆଜିର ଶୁଭଯୋଗ ପ୍ରଭାବରେ ଆପଣଙ୍କର କୌଣସି କାମ ଅଟକି ରହିବନାହିଁ। କିନ୍ତୁ ପାରିବାରିକ ଦୁଶ୍ଚିନ୍ତା ବଢ଼ିଯିବା ଦ୍ୱାରା କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହୋଇ ନ ପାରେ। ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିବାର ଆଶଙ୍କାକୁ ଏଡିହେବନାହିଁ।

**ମକର** ଆଜି ବନ୍ଧୁଙ୍କ ମାଧ୍ୟମରେ ଶୁଭଖବର ମନକୁ ଆମୋଦିତ କରିବ। ଆପଣଙ୍କ ପ୍ରତ୍ୟେକ କାମ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ସାମୟିକ ଭାବରେ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପୁରାତନ ରୋଗର ନିରାକରଣ ସକାଶେ ମାନସିକ ବ୍ୟଗ୍ରତା ସୃଷ୍ଟି ହୋଇପାରେ।

**କୁମ୍ଭ** ବୁଧଙ୍କ ପ୍ରଭାବରେ ଅପ୍ରିୟ ସତ୍ୟ ଭାଷଣ ହେତୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେଲେ ମଧ୍ୟ ପ୍ରତିବନ୍ଧକ ଲାଗିରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ପଡ଼ୋଶୀ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ** ଆଜିର ଗ୍ରହ ପ୍ରଭାବରେ ଶୁଭାଶୁଭ ମିଶ୍ରିତଫଳ ଅନୁଭବ କରିବେ । ରାଜନୀତିରେ ସଫଳତା ହାସଲ କରିପାରନ୍ତି। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିବାର ସୂଚନା ରହିଛି। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନେବା ଭଲ ହେବ।

ଆଜି ଏପ୍ରିଲ ୪ ତାରିଖ, ବୈଶାଖ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ଶ୍ରୀମନ୍ଦିରରେ ରାବଣବଧ ପ୍ରସ୍ତାବ, ଇଷ୍ଟର ଶନିବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୭ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୮।୪୫ ଗତେ ଘ.୧୦।୧୭ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟ ତାଳ ଗଛ ଲମ୍ବ ବରଡ଼ା**
**ଦିକି ଦିକି ପଡେ ଖରା;**
**ଅବୁଝା ନାରୀଙ୍କୁ କିସ ବୁଝାଇବି**
**ମାଗୁଚି ସରଗ ତରା।**

ଅସମ୍ଭବ ଅପ୍ରାପ୍ୟ ନିଶ୍ଚୟ। ଦୁର୍ଲଭ ଦ୍ରବ୍ୟ ପ୍ରତି ଆଗ୍ରହ ଯେ ବୃଥା ଏ କଥା ଅନେକେ ସ୍ୱୀକାର କରି ନ ଥାନ୍ତି। ଆକାଶରୁ ତାରା ତୋଳି ଆଣିବାକୁ ଅଡିବସିବା ଭଳି ଅବୁଝା ନାରୀଙ୍କୁ ବୁଝାଇବା କଷ୍ଟକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଲୋ ରଙ୍କୁଣି ମୁଣ୍ଡରେ ଉକୁଣି**
**ପୋଖରୀ ମାଟି ଦହଲା**
**ତୋହ ସଙ୍ଗେ ଯାହା ପୀରତି କରିବି**
**ଛେଳି ରଖିବାର ଭଲା!**

ଯାହାର ଆଚାର ବିଚାର ତଥା ହାବଭାବ ଭଲ ଲାଗି ନ ଥାଏ ତା'ଠାରୁ ମନ ସ୍ୱତଃପ୍ରବୃତ୍ତ ଛାଡ଼ିଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ସହ ସମ୍ପର୍କ ରଖିବା କାଠିକରପାଠ ହୋଇଯାଇଥାଏ। ପ୍ରେମକୁ ପ୍ରତ୍ୟାଖ୍ୟାନ କରିବା ବା ପୀରତି ପ୍ରତି ଛେଉଲ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ତଣ୍ଟିରେ ଲାଗିଲା କଉ, ଯୁବକ ମୃତ

ବାରିପଦା/ବାଙ୍ଗିରିପୋଷି(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସଞ୍ଜୟ ଅଗ୍ରୱାଲା),୩।୪

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଦିଘି ଗ୍ରାମରେ ଶୁକ୍ରବାର ବନ୍ଧରେ ମାଛ ଧରୁଥିବାବେଳେ ତଣ୍ଟିରେ କଉ ମାଛ ଲାଗିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ଅବିନାଶ ବିଜୁଳି(୨୬)। ସୂଚନା ଅନୁଯାୟୀ, ମାଛ ଧରିବା ସମୟରେ ଅବିନାଶ ଏକ ଜୀବନ୍ତ କଉ ମାଛକୁ ପାଟିରେ କାମୁଡ଼ିଧରିଥିଲେ। ଅସାବଧାନତା ବଶତଃ କଉଟି ତାଙ୍କ ପାଟି ଭିତରେ ପଶି ତଣ୍ଟିରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ମୃତ୍ୟୁ ଘଟିଥିଲା। ତେବେ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଅବିନାଶଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା ଶିବଚରଣ ବିଜୁଳି ଡାକ୍ତରଙ୍କ ବିରୋଧରେ ବାଙ୍ଗିରିପୋଷି ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୮୩/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଡାକ୍ତର ଚିକିତ୍ସା ପ୍ରତି ଧ୍ୟାନ ନ ଦେଇ ଓଲଟା ଜାତି ଉଠାଇ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ବାବଦରେ ସମ୍ପୃକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଯାଇଛି।

## ସ୍ୱାମୀଙ୍କ ପ୍ରଶଂସାରେ ଶତମୁଖ ଆଲିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର କପୁର ଆଜିକାଲି ବେଶ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ରାମାୟଣ'ରେ ଭଗବାନ୍ ରାମଙ୍କ ପ୍ରଥମ ଝଲକ ରିଲିଜ୍ ହୋଇଛି। ଦର୍ଶକ ରଣବୀରଙ୍କୁ ଭଗବାନ୍ ରାମ ଅବତାରରେ ଦେଖି ଢେର ପ୍ରଶଂସା କରୁଛନ୍ତି। ଆଉ ସ୍ତ୍ରୀ ଆଲିଆ ମଧ୍ୟ ସ୍ୱାମୀଙ୍କ ପ୍ରଶଂସାରେ ଏବେ ଶତମୁଖ। ରଣବୀରଙ୍କ ପ୍ରଶଂସାକରି ଆଲିଆ କହିଛନ୍ତି, ଏହା ଅଦ୍ଭୁତ। ମୁଁ ଭାବୁଛି ରଣବୀର ଏକ ମହାନ୍ କାମ କରିଛନ୍ତି ଏବଂ ଫିଲ୍ମ ରିଲିଜ୍‌କୁ ଅପେକ୍ଷା କରିଛି।

ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ବହୁ ପ୍ରତୀକ୍ଷିତ ଫିଲ୍ମକୁ 'ୟୁ' ରେଟିଂ ମିଳିଛି। ପ୍ରାରମ୍ଭିକ ସମୀକ୍ଷା ସକାରାତ୍ମକ ରହିଛି। ରଣବୀର ଫିଲ୍ମରେ ରାମ ଭୂମିକାରେ ଅଭିନୟ କରିଛନ୍ତି। ସାଇ ପଲ୍ଲବୀ ସୀତା ଭୂମିକାରେ ଅଭିନୟ ଅଛନ୍ତି। ୟଶ ରାବଣ, ସନି ଦେଓଲ ହନୁମାନ ଏବଂ ରବି ଦୁବେ ଲକ୍ଷ୍ମଣ ଭୂମିକାରେ ନଜର ଆସିବେ। ଫିଲ୍ମଟି ଦୁଇଟି ଭାଗରେ ରିଲିଜ୍ ହେବ। ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ।



ଆଲିଆ ଭଟ୍ଟ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଇରାନ୍ ହିଟ୍ ...

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବି୧ ବ୍ରିଜ୍ ଧ୍ୱସ୍ତବିଧ୍ୱସ୍ତ ହେବାବେଳର ଭିଡିଓ ସୋସିଆଲ ମିଡିଆରେ ଜାରି କରିଛନ୍ତି। ଏହି ଆକ୍ରମଣରେ ୮ ଇରାନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଛନ୍ତି। ତେହରାନ୍ କହିଛି, ଏହି ବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିଲା। ତେବେ ନିର୍ମାଣାଧୀନ ବ୍ରିଜ୍ ସମେତ ବେସାମରିକ ଢାଞ୍ଚାଗୁଡ଼ିକ ଉପରେ ଆମେରିକାର ଆକ୍ରମଣ ଇରାନୀୟମାନଙ୍କୁ ଆତ୍ମସମର୍ପଣ ପାଇଁ ବାଧ କରାଇପାରିବ ନାହିଁ। ଇତିମଧ୍ୟରେ ସ୍ଥିତି ଗମ୍ଭୀର ହେଉଥିବା ଦେଖି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଜାହାଜଗୁଡ଼ିକୁ ଯାତାୟାତ ସୁବିଧା ପ୍ରଦାନ ପ୍ରସ୍ତାବ ଉପରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଶନିବାର ଭୋଟ କରାଯିବ। ଏହି ପ୍ରସଙ୍ଗରେ ଗୁରୁବାର ୬୦ ଦେଶ ଭର୍ଚୁଆଲି ଆଲୋଚନା କରିଥିଲେ। ସହଯୋଗୀ ଦେଶଗୁଡ଼ିକ ଉକ୍ତ ମହତ୍ତ୍ୱପୂର୍ଣ୍ଣ ଜଳପଥକୁ ଖୋଲିବା ପାଇଁ ପଦକ୍ଷେପ ନେବା ଉଚିତ ବୋଲି ଟ୍ରମ୍ପ ଆହ୍ୱାନ ଦେଇଛନ୍ତି। ଇରାନ୍ ରାଜଧାନୀ ତେହରାନ୍ ଓ ପଶ୍ଚିମଭାଗରେ ଥିବା ସହର କରାଜକୁ ସଂଯୋଗ କରିବା ପାଇଁ ବି୧ ବ୍ରିଜ୍ ନିର୍ମାଣ କରାଯାଉଥିଲା। ଏହାର ଲମ୍ବ ୧,୦୫୦ ମିଟର ଓ ଉଚ୍ଚତା ୧୩୬ ମିଟର। ତେହରାନ୍ ଓ ଦେଶର ଉତ୍ତର ଭାଗ ମଧ୍ୟରେ ଆଞ୍ଚଳିକ ବାଣିଜ୍ୟ ଓ ଯୋଗାଯୋଗକୁ ମଜଭୁତ କରିବା ପାଇଁ ଏହାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ୪୦୦ ନିୟୁତ ଡଲାର ମୂଲ୍ୟର ଏହି ପ୍ରକଳ୍ପ ନିର୍ମାଣ ଚଳିତ ବର୍ଷ ସମ୍ପୂର୍ଣ୍ଣ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ଆମେରିକା ଉକ୍ତ ବ୍ରିଜ୍‌କୁ ଉଡ଼ାଇଦେଇଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ଏକ ହିଟ୍ ଲିଷ୍ଟ ପ୍ରସ୍ତୁତ କରିଛି। ସେହି ତାଲିକାରେ କୁଏଟସ୍ଥିତ ଶେଖ୍ ଜବେର ଅଲ୍-ଅହମଦ ଅଲ୍-ସବାହ ବ୍ରିଜ୍, ସାଉଦି ଆରବ ସହ ବାହାରିନ୍‌କୁ ଯୋଡୁଥିବା କିଙ୍ଗ୍ ଫହଦ୍ କଜ୍‌ୱେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ସ୍ଥିତ ଶେଖ୍ ଜାୟେଦ୍ ବ୍ରିଜ୍ ଏବଂ ଅଲ୍ ମକ୍ତା ବ୍ରିଜ୍ ରହିଛି। ସେହିପରି ୟୁଏଇର କିଙ୍ଗ୍ ହୁସେନ୍, ଦାମିଆ, ଶେଖ୍ ଖଲିଫା ଓ ଜୋର୍ଡାନ୍‌ର ଅବ୍‌ଡୋଉନ୍ ବ୍ରିଜ୍ ମଧ୍ୟ ଇରାନୀୟ ସୈନ୍ୟଙ୍କ ଟାର୍ଗେଟରେ ରହିଛି। ଏହା ଭିତରେ ଇରାନ୍ ଓ ସହଯୋଗୀମାନେ ଗଲ୍ଫରେ ଆକ୍ରମଣ ଜାରି

## ପ୍ରଥମ ପୃଷ୍ଠାରୁ...

ରଖିଛନ୍ତି। କୁଏତ୍ ପେଟ୍ରୋଲିୟମ୍ କର୍ପୋରେଶନର ମିନା ଅଲ୍-ଅହମଦି ବିଶୋଧନାଗାରରେ ଡ୍ରୋନ୍ ଆକ୍ରମଣ ହୋଇଛି। ଫଳରେ ଏହାର ଅପରେଶନାଲ ୟୁନିଟ୍‌ରେ ନିଆଁ ଲାଗିଛି। ସାଉଦି ଆରବ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ଏକ ବିବୃତିରେ କହିଛି, ଏହାର ଏୟାର ଡିଫେନ୍ସ ସିଷ୍ଟମ୍ ୭ଟି ଡ୍ରୋନ୍‌କୁ ଖସାଇ ଦେଇଛି।

## ଆଜି ରାଜ୍ୟ ...

ଅନ୍ୟାନ୍ୟ ବିଭାଗର ପ୍ରସ୍ତାବ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାପାଇଁ ଲକ୍ଷ୍ୟ ରହିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ସରକାର ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି କି ପ୍ରକାର ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

## ସଂକ୍ଷେପରେ

### ରୋଟାରି କ୍ଲବ୍‌ର ସମ୍ବର୍ଦ୍ଧନା ଦିବସ ପାଳିତ

ରାଉରକେଲା,୩।୪(ଦିନେଶ ମିଶ୍ର): ରୋଟାରୀ ଜିଲା ୩୨୬୧ ଗଭର୍ନର ଅମିତ ଜସୱାଲଙ୍କ ରାଉରକେଲା ଗସ୍ତ ଅବସରରେ ରୋଟାରୀ କ୍ଲବ ରିଭରସାଇଡ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛେଣ୍ଡ ସ୍ଥିତ କଳିଙ୍ଗବିହାର, କୋଅପରେଟିଭ କଲୋନୀ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରିଭରସାଇଡ୍ ଦ୍ୱାରା କମ୍ପ୍ୟୁଟର ସେଣ୍ଟର ଉଦ୍‌ଘାଟନ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଶରତ କୁମାର ପାଣିଗ୍ରାହୀ, ବସନ୍ତ କୁମାର ପାଠୀ, ସଭାପତି ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଦୀପକ କୁମାର ଦାଶ, ସିଦ୍ଧିନାଥ ଜ୍ୟୋତିଷ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ବର୍ଷ ହେଲା ମରାମତି ହେଉନି ରାସ୍ତା

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ବାସନ୍ତୀ କଲୋନୀ ଅଞ୍ଚଳର ଗଳିକନ୍ଦି ରାସ୍ତା ଓ ଡ୍ରେନେଜ ଦୀର୍ଘ ୧୦ ବର୍ଷ ହେଲା ମରାମତି ହେଉନାହିଁ। ଫଳରେ ଏହି ରାସ୍ତାରେ ଲୋକମାନେ ଯାତାୟା କରିବା କଷ୍ଟକର ହୋଇପଡିଛି। ଏଥିସହ ଏହି ଗଳିକନ୍ଦିରେ ବୁଲା ଗାଈଗୋରୁ ଏବଂ କୁକୁରମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଆର୍‌ଏମ୍‌ସି ପକ୍ଷରୁ ଥଇଥାନ ହେଉ ନ ଥିବା କୁହାଯାଉଛି। ଏଥିପ୍ରତି ଆର୍‌ଏମସି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବାସନ୍ତୀ କଲୋନୀବାସୀ ଦାବି କରିଛନ୍ତି। ଏ ନେଇ ବାସନ୍ତୀ କଲୋନୀ ବାସିନ୍ଦା ରାଜଦୀପ ମହାନ୍ତି କୁହନ୍ତି, ଦୀର୍ଘ ୧୦ବର୍ଷ ହେଲାଣି ବାସନ୍ତୀ କଲୋନୀ ଗଳିକନ୍ଦି ରାସ୍ତା ମରାମତି କାମ ହେଉନାହିଁ। କେବଳ କଲୋନୀ ମୁଖ୍ୟରାସ୍ତାର କାମଚଳା



ବାସନ୍ତୀ କଲୋନୀ ରାସ୍ତା ଓ ବିପର୍ଯ୍ୟସ୍ତ ଡ୍ରେନ।

ମରାମତି ହେଉଛି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି କାଳୀଚରଣ ପଟ୍ଟନାୟକ କୁହନ୍ତି, ବାସନ୍ତୀ କଲୋନୀ ରାସ୍ତା ଦୁରବସ୍ଥା ସାଙ୍ଗକୁ ଗଳିକନ୍ଦିରୁ ଅଳିଆ ଆବର୍ଜନା ମଧ୍ୟ ଉଠୁନାହିଁ। କେବଳ ମାର୍କେଟ ଅଞ୍ଚଳକୁ ଅଳିଆ ଉଠା ଗାଡି ଆସୁଛି, ମାତ୍ର ଗଳିକନ୍ଦିକୁ ଆସୁନାହିଁ। ଏହାବ୍ୟତୀତ ଏହି ଗଳିକନ୍ଦିରେ ବୁଲା ଗାଈଗୋରୁ ଓ କୁକୁରଙ୍କ ବିଶେଷ ପ୍ରାଦୁର୍ଭାବ ବୃଦ୍ଧି ପାଇ ଚାଲିଥିବା ସତ୍ତ୍ୱେ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ ହେଉନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ପକ୍ଷରୁ ରାସ୍ତା ଅବସ୍ଥା ନିରୀକ୍ଷଣ କରାଯିବ। ଆବଶ୍ୟକ ସ୍ଥଳେ ମରାମତି ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ।

## ହୀନମନ୍ୟତା ନ ରଖି ଐକ୍ୟବଦ୍ଧତାକୁ ଗୁରୁତ୍ୱ



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ନିଖିଳ ଉତ୍କଳ କୈବର୍ତ୍ତ ସମାଜର ୨୬ତମ ବାର୍ଷିକ ସମ୍ମିଳନୀ**

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ନିଖିଳ ଉତ୍କଳ କୈବର୍ତ୍ତ ସମାଜ ରାଉରକେଲା ପକ୍ଷରୁ ୨୬ତମ ବାର୍ଷିକ ସମ୍ମିଳନୀ ତଥା ଚୈତ୍ର ମହୋତ୍ସବ ସ୍ଥାନୀୟ ଭଞ୍ଜଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଅର୍ଜୁନ ଚରଣ ସାହୁ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଭ୍ରମରବର ବେହେରାଙ୍କ ଆବାହକତ୍ୱ ତଥା କାର୍ଯ୍ୟକାରୀ ସଭାପତି ନଟବର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ସଭାପତି ତଥା ଶିକ୍ଷାବିତ୍ ଡ. ଦେବେନ୍ଦ୍ର ନାଥ ବେହେରା ମୁଖ୍ୟଅତିଥି, ଆର୍‌ଏସ୍‌ପି ଅଫିସର ସଂଘ ସଭାପତି ତଥା ଆର୍‌ଏସ୍‌ପିର ମହାପ୍ରବନ୍ଧକ ଇଂ. ଅବକାଶ ବେହେରା ମୁଖ୍ୟବକ୍ତା, ରାଉରକେଲା ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ଜଗନ୍ନାଥ ବେରିହା, ଆର୍‌ଏସ୍‌ପିର ସହାୟକ ମହାପ୍ରବନ୍ଧକ ଦୀନବନ୍ଧୁ ସିଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପୋଲିସ ଅଧିକାରୀ ଡ. ସୁମନ ଦତ୍ତ, କୈବର୍ତ୍ତ ସମାଜର ପ୍ରାକ୍ତନ ସଭାପତି ଜଗବନ୍ଧୁ ବେହେରା ଓ ଜଗନ୍ନାଥ ବେହେରା, କୁମୁଦ ବେହେରା, ପ୍ରମୋଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡ଼ ବେହେରା ହୀନମନ୍ୟତା ନ ରଖି ଐକ୍ୟବଦ୍ଧ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବରିଷ୍ଠ ସଦସ୍ୟ ବନ୍ଧୁଆ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅର୍ଚ୍ଚନା ସାହୁ, ଅଞ୍ଜନା ବେହେରାଙ୍କ ସମେତ ସମାଜର ବରିଷ୍ଠ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସୁକୋକାଇ କରାଟେ ପ୍ରଶିକ୍ଷଣ ଶିବିରରେ ରାଜୀବ ସିଂ

ରାଉରକେଲା,୩।୪(ଦିନେଶ ମିଶ୍ର)

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଶିଟୋରିୟୁ ସୁକୋକାଇ ଷେଡଲୀ କରାଟେ ପ୍ରଶିକ୍ଷକଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିଟୋରିୟୁ ସୁକୋକାଇ ଶୈଳୀ କରାଟେର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ ଶିବିର ପରିଚାଳନା କରି ପ୍ରତିଯୋଗିତା ମୂଳକ କରାଟେ ପାଇଁ ବିଶେଷ ଭାବେ ବ୍ୟବହାର ହେଉଥିବା ବିଭିନ୍ନ କିକ୍ ପ୍ରୟୋଗ ପାଇଁ ଶରୀରର ମାଂସପେଶୀର ନମନିୟତା ମାନସିକ ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁକୋକାଇ ଶୈଳୀର ୫୦ ଜଣ ପ୍ରଶିକ୍ଷକ ଏହି ଶିବିରରେ ଅଂଶଗ୍ରହଣ




ରାଜୀବ କୁମାର ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

କରିଥିଲେ। ରାଉରକେଲା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ରାଜୀବ କୁମାର ସିଂ ଏଥିରେ ପ୍ରଶିକ୍ଷଣ ଗ୍ରହଣ କରିବା ସହ ହରିପ୍ରସାଦ ପଟ୍ଟନାୟକଙ୍କ ଠାରୁ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି।

## ନୀଳଶୈଳ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ନୀଳଶୈଳର ପଶ୍ଚିମାଞ୍ଚଳ ଶାଖା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଶାଖାର ମୁଖ୍ୟ ପୃଷ୍ଠପୋଷକ ରାଜକିଶୋର ଧଳ, ଅଧ୍ୟକ୍ଷା ସୁଶ୍ରୀ ଶୌଭାଗିନୀ ମୁଦାଲିଙ୍କ ତତ୍ତ୍ୱାବଧାନରେ ସକାଳେ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ଉଦିତନଗରସ୍ଥିତ ଆମ୍ବେଦକର ଛକରୁ ବାହାରି ମଧୁସୂଦନ ମାର୍ଗ ପର୍ଯ୍ୟନ୍ତ ଯାଇଥିଲା। ସନ୍ଧ୍ୟାରେ ଆମ୍ବାଗାନ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ସୁଦାମ ଦାଶ ସମ୍ମାନିତ ଅତିଥି ଏବଂ ଏସ୍.ଆର ମହାବିଦ୍ୟାଳୟର ଅଧ୍ୟାପକ ଡ. ନଗେନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ



ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଓଡ଼ିଶା ଦିବସ ଉପରେ ଆଲୋଚନା କରିଥିଲେ। ନୀଳଶୈଳର ସମ୍ପାଦକ ସୌମ୍ୟଶଙ୍କର ରାଜ, ସାଂସ୍କୃତିକ ସମ୍ପାଦକ ସୁଶ୍ରୀ ସବିତା ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ବିଶିଷ୍ଟ ବ୍ୟଙ୍ଗକାର ତଥା ଦୂରଦର୍ଶନ ଉପସ୍ଥାପକ ବିଭୁ ମିଶ୍ର, ବ୍ୟଙ୍ଗ ସମ୍ରାଟ ଜ୍ଞାନ ହୋତା ଓ ଅନ୍ୟତମ ବ୍ୟଙ୍ଗ କବି ଡ. ବିଭୁ ପ୍ରସାଦ ନାୟକ (ଧର୍ମଛଡ଼ା) ନିଜ ନିଜର ବ୍ୟଙ୍ଗ କବିତା ଦ୍ୱାରା ପରିବେଷଣ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମର ନାୟକ, ଅମୂଲ୍ୟ ରାଉତ, ଅକ୍ଷୟ ଧଳ, ମଝିଆ ପ୍ରଧାନ, ନିରାକର ଜେନା, ଜିତେନ୍ଦ୍ର ପ୍ରଧାନ, ସତ୍ୟଭାମା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ଦିଲୀପ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## କେ. କେ. ସିଂହ ସେଲ୍ ସିଏମ୍‌ଡି

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ଏପ୍ରିଲ୍ ୨ ତାରିଖରେ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍) ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ସେଲ୍ କାର୍ମିକ ବିଭାଗର ନିର୍ଦ୍ଦେଶକ କୃଷ୍ଣ କୁମାର ସିଂହ। ସେ ଇସ୍ପାତ କାରଖାନା ପରିଚାଳନା ଓ ରକ୍ଷଣାବେକ୍ଷଣ, ମାନବ ସମ୍ବଳ ବିକାଶ, ସତର୍କତା, କର୍ମଚାରୀ ଓ ପ୍ରଶାସନ ସମେତ ବିଭିନ୍ନ କାର୍ଯ୍ୟରେ ପ୍ରାୟ ଚାରି ଦଶନ୍ଧିର ଅଭିଜ୍ଞତା ସହିତ ସେଲ୍ ଅଭିବୃଦ୍ଧିରେ ପ୍ରମୁଖ ଅବଦାନ ରଖିଛନ୍ତି। ସେ ୧୯୮୭ରେ ଭିଲାଇ ଇସ୍ପାତ କାରଖାନାରେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ସେଠାରେ ମାନବ ସମ୍ବଳ ବିକାଶ ବିଭାଗକୁ ସ୍ଥାନାନ୍ତର ହେବା ପୂର୍ବରୁ ବ୍ଲୁମିଂ ଏବଂ ବିଲେଟ୍ ମିଲ୍‌ରେ ଏକ ଦଶନ୍ଧିରୁ ଅଧିକ ସମୟ ବିତାଇ ପରବର୍ତ୍ତୀ ସମୟରେ ପଦୋନ୍ନତି ସହିତ କାର୍ମିକ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରଶାସନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ତୁଲାଇଥିଲେ। ନିଜର କ୍ଷେତ୍ର ବିଶେଷଜ୍ଞତା ଏବଂ ଦୃଢ଼ ନେତୃତ୍ୱକୁ ପ୍ରତିଫଳିତ କରି ସେ



କୃଷ୍ଣ କୁମାର ସିଂହ।

୨୦୨୨ରେ କାର୍ମିକ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ନିର୍ଦ୍ଦେଶକ (କାର୍ମିକ) ଭାବେ ତାଙ୍କର ବର୍ତ୍ତମାନର ଦାୟିତ୍ୱରେ ସିଂହ ସେଲ୍‌ର ମାନବ ସମ୍ବଳ ପରିବର୍ତ୍ତନର ନେତୃତ୍ୱ ନେଇ କର୍ମଶକ୍ତିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ପ୍ରଗତିଶୀଳ କର୍ମଚାରୀ କଲ୍ୟାଣ ଏବଂ ବିକାଶ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି। ସେଲ୍‌ରେ ତାଙ୍କ ନେତୃତ୍ୱ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା ସହିତ ସିଏମ୍‌ଡି ଭାବେ ସଙ୍ଗଠନକୁ ଅଧିକ ଉତ୍କର୍ଷ ଏବଂ ନବସୃଜନ ଦିଗରେ ମାର୍ଗଦର୍ଶନ କରିବ ବୋଲି ସୂଚନା ଦିଆଯାଇଛି।

## ଗୁଡ୍ ଫ୍ରାଇଡେରେ ସାମୂହିକ ପ୍ରାର୍ଥନା



ଗୁଡ୍ ଫ୍ରାଇଡେ ଅବସରରେ ପ୍ରାର୍ଥନା କରାଯାଉଛି।

ରାଉରକେଲା,୩।୪(ଦିନେଶ ମିଶ୍ର)

ରାଉରକେଲା ସହରରେ ରହୁଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଗୁଡ୍ ଫ୍ରାଇଡେ ପାଳନ କରିଛନ୍ତି। ଏହି ଅବସରରେ ରାଉରକେଲା ସହରରେ ଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୀର୍ଜା ଘରେ ସେମାନେ ସାମୁହିକ ବାଇବେଲ ପାଠ କରିଥିଲେ। ପରେ ପରସ୍ପରକୁ ଗୁଡ୍ ଫ୍ରାଇଡେର ଶୁଭେଚ୍ଛା ଜଣାଇଥିଲେ। ରାଉରକେଲା ହମିରପୁରସ୍ଥିତ କାଥୋଲୋଜି ଚର୍ଚ୍ଚ ଓ ଝିରପାଣି ସ୍ଥିତ ମେରିୟମ୍ ଚର୍ଚ୍ଚରେ ନାଟକ 'ଯୀଶୁ ଦୟା ସାଗର' ପରିବେଷଣ କରାଯାଇଥିଲା। ସେହିଭଳି ରେଲୱେ କଲୋନୀ, ସିଭିଲଟାଉନଶିପ୍, ବେଦବ୍ୟାସ, ସେକ୍ଟର-୯, ବନ୍ଧମୁଣ୍ଡା ଆଦି ଚର୍ଚ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଛେଣ୍ଡରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସାଙ୍ଗଠନିକ ଜିଲାର ଛେଣ୍ଡ ମଣ୍ଡଳରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାପତି ବଟକୃଷ୍ଣ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୧ ଓ ୨ ତାରିଖରେ ଆୟୋଜିତ ଏହି ଶିବିର ଚୁଏଣ୍ଡ ସ୍ଥିତ ଉମାଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସମାରୋହରେ ଜିଲା ସଭାପତି ପୂର୍ଣ୍ଣିମା କେରକେଟା ମୁଖ୍ୟ ଅତିଥି ଓ ଜିଲା ପ୍ରଭାରୀ ବଟକିଶୋର ମିଶ୍ର ମାର୍ଗଦର୍ଶକ ଭାବେ ଯୋଗଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ଜିଲା କାର୍ଯ୍ୟକ୍ରମ ସଂଯୋଜକ ଜଗବନ୍ଧୁ ବେହେରା, ଜିଲା ପ୍ରବକ୍ତା ଗଙ୍ଗାଧର ଦାଶ, ଜିଲା ଉପସଭାପତି ସତ୍ୟପ୍ରିୟ ସାହୁ, ଜିଲା ସମ୍ପାଦକ ପ୍ରଣତାପ ଦାସ, ସୋସିଆଲ ମିଡିଆ ସଂଯୋଜକ ନବୀନ ଗୁପ୍ତା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା, ରୋଶନ ସାହୁବ, ମଣ୍ଡଳ ପ୍ରଭାରୀ କମଳାକାନ୍ତ ବାରିକ, ମଣ୍ଡଳ ସାଧାରଣ ସମ୍ପାଦକ ଜେଷ୍ଟେଲ୍ ପରିଡ଼ା, ମହିଳା ମୋର୍ଚ୍ଚା ସଭାପତି ରୂପଶ୍ରୀ ଦାସ, ଉପସଭାପତି ଶରତ ସହ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅଭିରାମ ଦାସ, ମିନତି ଦେବତାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ



ତାଲିମ ପାଇଥିବା ସଫେଇ କର୍ମଚାରୀ।

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏମ୍‌ସିରେ କାର୍ଯ୍ୟରତ ୪୫୦ ଜଣ ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଉରକେଲା ମ୍ୟୁନିସିପାଲିଟି ଲାଇବ୍ରେରୀ ସଭା ଗୃହରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅମର ଜ୍ୟୋତି ଫାଉଣ୍ଡେଶନ ଏବଂ ଜାଗରଣ ପେହେଲେ ଦ୍ୱାରା ପରିଚାଳିତ ହର୍ପିକ ୱାର୍ଲ୍ଡ ଟଏଲେଟ୍ କଲେଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ସାନିଟେଶନ ଅଫିସ୍‌ର ବିଭିନ୍ନ ୱାର୍ଡରେ କାର୍ଯ୍ୟରତ ଅଫିସରମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଅବିନାଶ ସୂତାର ପ୍ରଶିକ୍ଷଣ ଦେଇଥିଲେ। କର୍ମଚାରୀଙ୍କ ସୁରକ୍ଷିତ ଜୀବନ ଓ ବିଭିନ୍ନ ନୀତି ନିୟମ, ସ୍ୱଚ୍ଛତା, ଜଳ ପରଚାଳନା, ବୃତ୍ତିଗତ ଦୁର୍ଘଟଣା ଓ ବ୍ୟବହାରିକ ଜ୍ଞାନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ସମସ୍ତ ସଫେଇ କର୍ମଚାରୀଙ୍କୁ ୱାଟର ବଟଲ, ଜ୍ୟାକେଟ, ଗଲ୍‌ଭ ହାର୍ପିକ, ସାର୍ଟିଫିକେଟ, ସଫେଇ ମିତ୍ର ସୁରକ୍ଷା ପାସପୋର୍ଟ ଆଦି ପ୍ରଦାନ କରାଯାଇଥିଲା।

## ସେଲ୍‌ର ବିକ୍ରୟ, ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ

ରାଉରକେଲା,୩।୪
(ବିପ୍ଳବ ରଞ୍ଜନ ଦାଶ)

ଦେଶର ସର୍ବବୃହତ ଇସ୍ପାତ ନିର୍ମାଣକାରୀ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ବିଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହାର ସର୍ବୋଚ୍ଚ ପ୍ରଦର୍ଶନ ସହ ଉଭୟ ବିକ୍ରୟ ଏବଂ ଉତ୍ପାଦନରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। କମ୍ପାନୀ ଏହାର ବ୍ରାଣ୍ଡ୍ ଉପସ୍ଥିତି ଏବଂ ଗ୍ରାହକ ଉପଲବ୍ଧତାକୁ ସୁଦୃଢ଼ କରି ୨୦.୧୪ ନିୟୁତ ଟନ୍ (ଏମ୍‌ଟି)ର ସର୍ବୋତ୍ତମ ବିକ୍ରୟ ରେକର୍ଡ ହାସଲ କରିଛି, ଯାହା ପୂର୍ବ ବର୍ଷର ୧୮.୦୭ ମିଲିୟନ ଟନ୍ ତୁଳନାରେ ୧୧.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଅଭିବୃଦ୍ଧି ସମସ୍ତ ଉତ୍ପାଦ ବର୍ଗରେ ବ୍ୟାପକ ହେବା ସହ ବିକ୍ରୟରେ ବୃଦ୍ଧି ଆଣିପାରିଛି। ସେଲ୍ ଏହାର ଉତ୍ପାଦନ କ୍ଷେତ୍ରରେ ୧୯.୪୩ ମିଲିୟନ ଟନ୍ ସର୍ବୋତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନ ଏବଂ ୧୯.୧୭୬ ମିଲିୟନ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି, ଯାହା ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଏଥିସହ ସେଲ୍ ଦୃଢ ପ୍ରଦର୍ଶନ ମାଧ୍ୟମରେ ଉନ୍ନତ ଦକ୍ଷତା, କାର୍ଯ୍ୟକାରିତାରେ ଉତ୍କର୍ଷ ପ୍ରଦର୍ଶନ କରି, ଚିରନ୍ତନୀ ଓ ପ୍ରତିଯୋଗିତାମୂଳକ ଇସ୍ପାତ ନିର୍ମାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ବିଶ୍ୱସ୍ତରୀୟ ରେଳ ମିଲ୍‌ରୁ ସର୍ବକାଳୀନ ଦୀର୍ଘ ରେଳ ଉତ୍ପାଦନ ସହିତ ଭାରତୀୟ ରେଳବାଇକୁ ୧.୨୫ ମିଲିୟନ ଟନ୍‌ର ରେକର୍ଡ ଯୋଗାଣ କରି ଭାରତର ରେଳ ବିସ୍ତାରରେ ଉତ୍କୃଷ୍ଟ ଏବଂ ରଣନୈତିକ ଅବଦାନ ଦେଇପାରିଛି। ଉଲ୍ଲେଖନୀୟ, ଆଲୋଚ୍ୟ ସମୟରେ ସେଲ୍ ରପ୍ତାନିକୁ ୨.୯ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ସହ ୧୬୨% ଅଭିବୃଦ୍ଧି ପଞ୍ଜିକରଣ କରି ସଫଳତାର ସହ ଭୁଟାନ ସମେତ ନୂତନ ଅନ୍ତର୍ଜାତୀୟ ବଜାରରେ ନିଜକୁ ସାବ୍ୟସ୍ତ କରିପାରିଛି। ଏହି ସଫଳତାଗୁଡ଼ିକ ସେଲ୍‌କୁ ନିରବଚ୍ଛିନ୍ନ ମୂଲ୍ୟ ପ୍ରଦାନରେ ଦକ୍ଷ କରିବା ସହିତ ଏହାର ବ୍ରାଣ୍ଡ ସ୍ଥିତିକୁ ଉନ୍ନତ କରି ବହୁବିଧ ବଜାରରେ ଏହାର ଗ୍ରାହକ ଉପଲବ୍ଧିକୁ ବିସ୍ତାର କରିପାରିଛି।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର - ୩ ସ୍ଥିତ
ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

## ଶ୍ରୀ ପବନ ପୁତ୍ର ଆଖଡ଼ା କମିଟିର ଶୋଭାଯାତ୍ରା



କମିଟି ସଦସ୍ୟମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ଶ୍ରୀ ହନୁମାନ ଜୟନ୍ତୀ ଅବସରରେ ଟିସିଆଇ ଛକ ରେଳ ଫାଟକ ସ୍ଥିତ ଶ୍ରୀ ପବନ ପୁତ୍ର ଆଖଡ଼ା କମିଟି ପକ୍ଷରୁ ଗୁରୁବାର ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଆଖଡ଼ା କମିଟି ସଭାପତି ପିଙ୍କୁ ଜୟସ୍ୱାଲ। ରୀତିନୀତି ଅନୁଯାୟୀ ହନୁମାନ ମନ୍ଦିରରେ ପୂଜା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଖେଳାଳିମାନେ ଢୋଲ୍ ନଗଡା ଏବଂ ଡଙ୍କାର ତାଳେ ତାଳେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଜୁ ଜନତା ଦଳର ନଗର ସଭାପତି ଗଗନ ପଣ୍ଡା, ଶ୍ୟାମସୁନ୍ଦର ପଣ୍ଡା, ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ, ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ସୁନୀଲ କୟାଲଙ୍କସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ସମୟରେ ସିଭିଲଟାଉନଶିପ୍ ଅଞ୍ଚଳର ସାମାଜିକ କର୍ମୀମାନଙ୍କ ଦ୍ୱାରା ସରବତ ଏବଂ ଖାଦ୍ୟ ବଣ୍ଟନ କରାଯାଇଥିଲା। ରାମ ଦରବାର ସମେତ ଅନେକ ଝାଞ୍ଜ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ନଗଡା ଏବଂ ସମଗ୍ର ଅଞ୍ଚଳ ଢୋଲ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା। ଶ୍ରୀ ପବନ ପୁତ୍ର ଆଖଡ଼ା କମିଟିର ସାଧାରଣ ସମ୍ପାଦକ ରାଜେଶ ଶେଟ୍ଟି, ଉପାଧ୍ୟକ୍ଷ ସୁରେନ୍ଦ୍ର ଶେଟ୍ଟି, କୋଷାଧ୍ୟକ୍ଷ ଭୋଳା ଯାଦବ, ସଚିନ ଦିଲୀପ ତ୍ରିପାଠୀ, ଗୋବିନ୍ଦ ଶେଟ୍ଟି, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପୋଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ଶ୍ରୀ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜିପଥର ମେଳା, ନାମଯଜ୍ଞ ଉଦ୍‌ଯାପିତ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିକଟସ୍ଥ ଶ୍ରୀ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜିପଥର ମେଳା ଓ ବତିଶ ପ୍ରହର ନାମଯଜ୍ଞ ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପୁଞ୍ଜିପଥର ମନ୍ଦିର ପରିସରରେ ସପ୍ତାହ ବ୍ୟାପି ଏହି ମେଳା ଚାଲିଥିଲା। ମେଳା ଅବସରରେ ମୀନା ବଜାର, ବିଭିନ୍ନ ଦୋକାନ ବଜାର ସହ ରାତିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜିପଥର ମେଳା ଚଳିତବର୍ଷ ୪୮ ବର୍ଷରେ ପଦାର୍ପଣ କରିଥିଲା। ମେଳାରେ ଶାନ୍ତିଶୃଙ୍ଖଳା ପାଇଁ କଣ୍ଟାବାଞ୍ଜି ଥାନା ତରଫରୁ ଏକ ଅସ୍ଥାୟୀ ପୋଲିସ ଫାଣ୍ଡି ଖୋଲାଯାଇଥିଲା। ଏପରିକି ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଚେତନତା ପାଇଁ ସରକାରୀ ଷ୍ଟଲ ମଧ୍ୟ ରହିଥିଲା।



# କଳାକାର ଜିଣିଲେ ଦର୍ଶକଙ୍କ ହୃଦୟ

**ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ସମାଜ ସଂସ୍କୃତି ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଦ୍ୱିତୀୟ ଅନ୍ୱେଷଣ ଫେଷ୍ଟ -୨୦୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱରୂପା ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଗୋଲାପ ବାଗ, ସମ୍ପାଦକ ପ୍ରକାଶ ଥନାପତି, ଅନ୍ୱେଷଣ ଫେଷ୍ଟ ପରିଚାଳନା ମୁଖ୍ୟ ସନ୍ଦୀପ କୁମାର କୁଅଁର ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ବାଗ କୃତୀ ନାଟ୍ୟକାର ଅରବିନ୍ଦ ବାଗ, ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ସ୍ୱରୂପା ସିଂ, ବାସୁଦେବ ସା, ଈଶ୍ୱରୀ ବେହେରା ଏବଂ ସାଇସୁଧା ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ, ଅଧ୍ୟାପକ ଡ଼. ଲକ୍ଷ୍ମଣ ମେହେର, ଗୀତିକାର ଶାନ୍ତନୁ ପୁରୋହିତ, ନାଟ୍ୟ ନିର୍ଦ୍ଦେଶକ ହିମାଂଶୁ ଶେଖର ଖମାରୀ ଯୋଗ ଦେଇଥିଲେ। ସଭା ପରେ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବି ଅର୍ଜୁନ କୁମାର ସାହୁଙ୍କ ସଂଯୋଜନାରେ ରାଜେଶ ଦଣ୍ଡସେନା, କବି ଗରିବ ମଲ୍ଲିକ, ସ୍ୱପ୍ନେଶ୍ୱର ମିଶ୍ର, ମିଳନ ପଣ୍ଡା ବ୍ୟଙ୍ଗ କବିତା ପାଠ କରିଥିଲେ। ପରେ ଜିଲାସ୍ତରୀୟ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓଡିଶୀ, ଚିତ୍ରାଙ୍କନ, ଅଭିନୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଚିକିଲବାହାଲ ଗ୍ରାମର କଳାକାରଙ୍କ ପକ୍ଷରୁ ସୀତାଚୋରି ନାଟକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଷ୍ଟର ଶତ୍ରୁଘ୍ନ ବେହେରାଙ୍କ ରାବଣ ଭୂମିକାକୁ ଲୋକେ ବେଶ୍ ପ୍ରଶଂସା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଲୋକସଂସ୍କୃତି ଗବେଷକ ନୀଳାଞ୍ଚଳ ନନ୍ଦ, ଯୁବ ସଙ୍ଗଠକ ବିନୋଦ କାଲସାଏ, କବି ଗୋପୀନାଥ ଦଣ୍ଡସେନା, କଳାକାର ଭରତ ନାଗ ଅତିଥି ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ନରଡ଼ାର କଳାକାରମାନେ ହଜି ଯାଉଥିବା ବିହା ବଜା ଓ ଲୋକନୃତ୍ୟ ନଚନିଆ ପରିବେଷଣ କରିଥିଲେ। ସୁନ୍ଦରଗଡର ସୁଶାନ୍ତ ମଲ୍ଲିକ ଓ ତାଙ୍କ ସାଥୀ କଳାକାରମାନେ କରମ ସାନି ଲୋକନୃତ୍ୟ ପରିବେଷଣ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଗୁଟେ ଭିନେ ବାପର କଥା' ମଞ୍ଚସ୍ଥ ହୋଇଥିଲା। ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

**ଦ୍ୱିତୀୟ ଅନ୍ୱେଷଣ ଫେଷ୍ଟ**


ଅନ୍ୱେଷଣ ଫେଷ୍ଟରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାରମାନେ।

# ଟ୍ରେନ୍ ସାମ୍ନାକୁ ଡେଇଁ ଜୀବନ ହାରିଲେ ବିବାହିତ ଯୁବତୀ

**ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରେଳ ଷ୍ଟେଶନ ନିକଟ ଖୁଜେନପାଲି ରେଲୱେ ବ୍ରିଜ୍ ନିକଟରେ ଗୁରୁବାର ରାତି ପ୍ରାୟ ୨ଟାରେ ଏକ ଚଳନ୍ତା ଟ୍ରେନ୍ ସମ୍ମୁଖକୁ ଡେଇଁ ଜଣେ ବିବାହିତ ଯୁବତୀ ଜୀବନ ହାରିଛନ୍ତି। ବଲାଙ୍ଗୀର ସରକାରୀ ରେଲବାଇ ପୋଲିସ (ଜିଆରପି) ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ମୃତ ଯୁବତୀ ଜଣକ ବଲାଙ୍ଗୀର ମାଲଗୋଦାମପଡାର ପ୍ରୀତି (୨୦) ବୋଲି ଜଣାପଡିଛି। କେଉଁ କାରଣରୁ ସେ ଚଳନ୍ତା ଟ୍ରେନ୍ ସମ୍ମୁଖକୁ ଡେଇଁ ଜୀବନ ହାରିଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ପ୍ରେମ, ପ୍ରତାରଣାରୁ ଜୀବନ ହାରିଥିବା ଚର୍ଚ୍ଚା ହେଉଛି । ଏ ନେଇ ବଲାଙ୍ଗୀର ଜିଆରପି ଏକ ଅପମୃତ୍ୟୁ ମାମଲା (୧୦/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଖୁଜେନପାଲି ନିବୃତ୍ତି ନାଳା ପୋଲ ପାଖରେ ଟିଟିଲାଗଡ ପଟରୁ ଆସୁଥିବା ଏକ ସ୍ପେଶାଲ ଇଲେକଶନ୍ ଟ୍ରେନ ସମ୍ମୁଖକୁ ପ୍ରୀତି ଡେଇଁ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଟ୍ରେନ ଲୋକ ପାଇଲଟ ଏନେଇ ବଲାଙ୍ଗୀର ରେଳଷ୍ଟେଶନରେ ରିପୋର୍ଟ କରିଥିଲେ। ଏହାପରେ ରେଲବାଇ ପୋଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଥିଲା। ପ୍ରଥମରୁ ମୃତ ଯୁବତୀଙ୍କ ପରିଚୟ ମିଳି ନଥିଲେ ମଧ୍ୟ ପରେ ତାଙ୍କ ବାପା ଘଟଣାସ୍ଥଳକୁ ଆସି ଚିହ୍ନଟ କରିଥିଲେ। ପ୍ରୀତି କୁଆଡେ ଜଣେ ଯୁବକଙ୍କୁ ଭଲ ପାଇ ଘରୁ ଚାଲି ଯାଇଥିଲେ। ଏହି ମାମଲାରେ ସମ୍ପୃକ୍ତ ଯୁବକ ଗିରଫ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ସେହି ଯୁବକ ଜଣକ ପ୍ରୀତିଙ୍କୁ ବାହା ହୋଇଥିଲେ। ଉଭୟଙ୍କର ଏକ ତିନିବର୍ଷର ପୁତ୍ର ସନ୍ତାନ ଅଛି। ତେବେ ଘରସଂସାର କଲା ଭିତରେ ହଠାତ୍ ଦିନେ ଯୁବତୀ ଜଣକ ଅନ୍ୟ ଜଣେ ଯୁବକଙ୍କ ସହ କୁଆଡେ ଫେରାର ହୋଇଯାଇଥିଲେ। ସେହି ଯୁବକଙ୍କ ସହ କିଛି ଦିନ ରହିବା ପରେ ସେ ତାଙ୍କ ବାପାଙ୍କ ଘରକୁ ଫେରି ଆସିଥିଲେ। ତାଙ୍କ ବାପା ପ୍ରୀତିଙ୍କ ପାଇଁ ସାଇକେଲ କିଣି ଦେଇ ଏକ ଦୋକାନରେ କାମ କରି ଚଳିବାକୁ ପରାମର୍ଶ ଦେଇଥିଲେ। ତେବେ ୩/୪ ମାସ ଠିକ୍‌ଠାକ୍ ଚାଲିବା ପରେ କିଛି ଦିନ ତଳେ ପ୍ରୀତି ଫୋନରେ କାହା ସହ କଥାବାର୍ତ୍ତା କରୁଥିବାରୁ ସନ୍ଦେହ କରି ତାଙ୍କ ବାପା ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ। ଏହାପରେ ଗୁରୁବାର ବିଳମ୍ବିତ ରାତିରେ ହଠାତ୍ ପ୍ରୀତି ଘର ଛାଡି ଆତ୍ମହତ୍ୟା କରିଥିବା କୁହାଯାଉଛି। ସକାଳୁ ମୃତଦେହ ଜବତ କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆରପି ସୂତ୍ରରୁ ଜଣାପଡିଛି।

**ପ୍ରେମ, ପ୍ରତାରଣାରୁ ଜୀବନ ହାରିଥିବା ଚର୍ଚ୍ଚା**

# କାମ କରୁଥିବା ବେଳେ କୂଅ ଭିତରେ ପଡ଼ି ୨ ଶ୍ରମିକ ଗୁରୁତର


କୂଅ ଭିତରେ ପଡ଼ିଥିବା ୨ ଶ୍ରମିକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରୁଛି।

**ପାଟଣାଗଡ଼,୩।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ବରବାହାଲ ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। କିଛି ଦିନ ହେଲା ଉକ୍ତ ଗ୍ରାମର ଶେଷ ମୁଣ୍ଡରେ କୂଅ ଖୋଳା କାମ ଚାଲିଛି। ଆଜି କାମ ଚାଲିଥିବା ସମୟରେ କୂଅ ଭିତରେ କୌଣସି କାରଣବଶତଃ ଦୁଇ ଶ୍ରମିକ ପଡି ଯାଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଆହତ ଦୁଇ ଶ୍ରମିକ ହେଲେ ଲୋଚନ ପଧାନ ଓ ଅଭୟ ପଧାନ। ଉଭୟେ ନୟାଗଡ଼ ଜିଲାର ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ କିଛି ଦିନ ହେଲା ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଏହି କାମ ଚାଲିଛି। ଶୁକ୍ରବାର ଲୋଚନ ଓ ଅଭୟ କୂଅ ଭିତରକୁ ଖସି ପଡିବା ଦେଖି ସେମାନଙ୍କ ସହ କାମ କରୁଥିବା ଅନ୍ୟ ଶ୍ରମିକମାନେ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଦୁଇ ଶ୍ରମିକଙ୍କୁ କୂଅ ଭିତରୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ଲେଖାହେବା ବେଳକୁ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି।

# ଯଜ୍ଞ, ମନ୍ଦିର ପ୍ରତିଷ୍ଠା ପାଇଁ ୧୦୦୮ କଳସ ଶୋଭାଯାତ୍ରା

**ଲୋଇସିଂହା,୩।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଦର ମହକୁମା ଡୁଡୁକା ଗ୍ରାମରେ ନବନିର୍ମିତ ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଯଜ୍ଞ ପାଇଁ ଶୁକ୍ରବାର ୧୦୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶନିବାରଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଆରମ୍ଭ ହୋଇ ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ । ମନ୍ଦିର ପ୍ରତିଷ୍ଠା ଉତ୍ସବ କମିଟିର ସଭାପତିଙ୍କ ତତ୍ତ୍ୱାବଧାନରେ ପୂଜା କମିଟି ସଦସ୍ୟ, ପୂଜାକର୍ତ୍ତାଙ୍କ ସମେତ ଗ୍ରାମର ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପୂଜାର୍ଚ୍ଚନା ପରେ ଗ୍ରାମର ଖଜୁରୀ କଟାଁ(ପୋଖରୀ)ରୁ ପୂର୍ଣ୍ଣ କଳସ ଆଣି ଯଜ୍ଞକୁଣ୍ଡରେ ସ୍ଥାପନ କରାଯାଇଛି। ପଣ୍ଡିତ ପଦ୍ମପାଣି ମହାପାତ୍ରଙ୍କ ସମେତ ୧୭ ଜଣ ପଣ୍ଡିତଙ୍କୁ ହୋମଯଜ୍ଞ ପାଇଁ ନିୟୋଜିତ କରାଯାଇଛି । ମନମୋହନ ପଟେଲ, ଜୟନ୍ତୀ ପଟେଲ, ଚୂଡାମଣି ପୋଢ, ମହନ ପଟେଲ, ଗୋପାଳ ବର୍ଗତ୍ତି ଓ ଅଶୋକ ପଟେଲ ପ୍ରମୁଖ ୫ ଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ମନ୍ଦିର ପ୍ରତିଷ୍ଠା ଅବସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଯାଇଛି।

# ଲାଠୋର ଥାନା ଗୃହ ଉଦ୍‌ଘାଟିତ

**ଲାଠୋର,୩।୪(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ନୂତନ ଥାନା ଗୃହ ଏବଂ ୬ଏଫ ଟାଇପ ବାସଗୃହ ଥାନା ଅଧିକାରୀ ଅବିନାଶ ପ୍ରଧାନଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତିଆ, ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପ୍ରଧାନ, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ପ୍ରସାଦ ଅଗ୍ରୱାଲ, ଏମ୍‌ପି ନୋମିନି ସନ୍ତୋଷ ଭଇଁଷାଲ, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପୂଜକ ଭାବେ ଜାମଗୁଁଆ ଗ୍ରାମର ପଣ୍ଡିତ ଗୁଣଗ୍ରାହୀ ପଣ୍ଡା ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଏସ୍‌ଆଇ ଶେଷଦେବ ସେଠ, ଏଏସଆଇ ପ୍ରଫୁଲ୍ଲ କିଶାନ, ହାବିଲଦାର ହେମରାଜ ଧରୁଆ, କନଷ୍ଟେବଲ ଗୌରାଙ୍ଗ ଚରଣ ନାଗ, ହୃଷିକେଶ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।


ଲାଠୋର ନୂତନ ଥାନା ଗୃହ ଉଦ୍‌ଘାଟନ ଅବସରରେ ଥାନା ଅଧିକାରୀଙ୍କ ସହ କର୍ମଚାରୀ।

# ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ।

**କଣ୍ଟାବାଞ୍ଜି,୩।୪(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ଦିନ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଗତବର୍ଷ ଠାରୁ ୧ ଏପ୍ରିଲ ଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି କ୍ରମରେ ଏପ୍ରିଲ ୩ ତାରିଖକୁ ଆମ ପୋଷାକ ଆମ ପରିଚୟ ଦିବସ ରୂପେ ପାଳନ କରାଯାଇଛି। ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ନେତୃତ୍ୱରେ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଏହି ଦିବସ ପାଳନ କରିଥିଲେ। ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟାପକ ଯୁଧିଷ୍ଠିର ବେହେରା, ଲାଇବ୍ରେରିଆନ ସନ୍ତୋଷ ମହାନ୍ତି, ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବନଛୋର, ଅଧ୍ୟାପିକା ରଶ୍ମି ରମିତା ମେହେର, ନୀରବତା ପଧାନ, ଲିପାନୀତା ପଧାନ, ଧରାଶ୍ରୀ ମହାନ୍ତି, ଅଣଶିକ୍ଷକ କର୍ମଚାରୀ ହିତେଶ ବଗର୍ତ୍ତି, ସାବିତ୍ରୀ ପୁଟେଲ, ଲୀନା ଖଟୁଆ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ନିଜକୁ ଜଣେ ଜଣେ ଓଡ଼ିଆ ଜାତିର ସ୍ୱାଭିମାନୀ ନାଗରିକ ବୋଲି ପରିଚୟ ଦେଇଥିଲେ।

# ରାତି ହେଲେ ଅବକାରୀ ଥାନା ବନ୍ଦ

## ରାତିରେ ଡିସ୍‌ପ୍ଲେ ବୋର୍ଡ ଜଳୁଛି, କାର୍ଯ୍ୟାଳୟରେ ତାଲା ଝୁଲୁଛି




**ଲୋଇସିଂହା,୩।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଅବକାରୀ ଥାନାରେ ରାତି ସମୟରେ କେହି ଷ୍ଟାଫ ରହୁ ନ ଥିବା ଅଭିଯୋଗ ହେଉଛି । ବୁଧବାର ସନ୍ଧ୍ୟାରେ କାର୍ଯ୍ୟାଳୟର ଡିସପ୍ଲେ ବୋର୍ଡ ଲାଇଟ ଜଳୁଥିବା ବେଳେ କାର୍ଯ୍ୟାଳୟ ମୁଖ୍ୟ ଦ୍ୱାରରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅବକାରୀ ବିଭାଗର ଏପରି ଖାମଖିଆଲି ମନୋଭାବ ଚୋରା ମଦ ଓ ଗଞ୍ଜେଇ କାରବାରଙ୍କୁ ବେଶ ସୁହାଉଥିବା ସାଧାରଣରେ ଆଲୋଚନା ହେଉଛି। ଲୋଇସିଂହା ଓ ଆଗଲପୁର ବ୍ଲକକୁ ନେଇ ଲୋଇସିଂହା ଅବକାରୀ ଥାନା କାର୍ଯ୍ୟ କରୁଛି। ଦୀର୍ଘବର୍ଷ ଧରି ଏହି କାର୍ଯ୍ୟାଳୟ ଏକ ଭଡା ଘରେ ଚାଲିଥିଲା। ଗତ କିଛି ବର୍ଷ ହେବ ଲୋଇସିଂହା-ସୁଜିଆ ରାସ୍ତାରେ ୨ ମହଲା ବିଶିଷ୍ଟ ଅବକାରୀ ଥାନା କାର୍ଯ୍ୟ କରୁଛି। ଏଠାରେ ଜଣେ ଏସ୍‌ଆଇ,ଏଏସ୍‌ଆଇ, କନଷ୍ଟେବଲ ଅଛନ୍ତି। ଲୋଇସିଂହା ବ୍ଲକର ୨୦ ଓ ଆଗଲପୁର ବ୍ଲକର ୨୦ ଏପରି ମୋଟ ୪୦ ପଞ୍ଚାୟତ ରହିଛି। ତେବେ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ଏହି ଅଞ୍ଚଳ ଚୋରା ମଦ ଓ ଗଞ୍ଜେଇ କାରବାରର ପେଣ୍ଠସ୍ଥଳ ପାଲଟିଛି। ଲୋଇସିଂହା ଓ ଆଗଲପୁର ବ୍ଲକ ଦେଇ ବେଧଡକ ଭାବେ ରନ୍ଧା ମଦ ଓ ଗଞ୍ଜେଇ ଜିଲା ତଥା ରାଜ୍ୟ ବାହରକୁ ଚାଲାଣ ହେଉଛି। ବୁର୍ଡା-ସୋନପୁର, ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ, ଲୋଇସିଂହା-ପଦ୍ମପୁର, କୁମୁଣ୍ଡେ-ଛେଲବାହାଲ-ଗୋପାଳପୁର, ଲୁହୁରାପାଲି-ବୁର୍ଡା, ବୁର୍ଡା-ବାଞ୍ଜିପାଲି, ସାଲେଭଟା-କୁଟାସିଂହା, ସାଲେଭଟା-ଆଗଲପୁର ରାସ୍ତା ଦେଇ ବେଧଡକ ଭାବେ ଚୋରାଚାଲାଣ କରାଯାଉଛି। କର୍ମଚାରୀ ଅଭାବ ଦେଖାଇ ଅବକାରୀ ବିଭାଗ ପକ୍ଷରୁ ଉପରୋକ୍ତ ରାସ୍ତାଗୁଡିକରେ ଯାଞ୍ଚ ହେଉନାହିଁ। ମଝିରେ ମଝିରେ ପୋଲିସ ପକ୍ଷରୁ ଧରପଗଡ କରାଯାଉଛି। କିଛି ମାସ ପୂର୍ବରୁ ସାଲେଭଟା-କୁଟାସିଂହା ରାସ୍ତାର ମୁରଶୁଣ୍ଡି ନିକଟରେ ଏକ କାର୍‌କୁ ପିଛା କରି ବିପୁଳ ପରିମାଣର ଗଞ୍ଜେଇ ଲୋଇସିଂହା ପୋଲିସ ଜବତ କରିଥିଲା। କିନ୍ତୁ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ସେପରି ତତ୍ପରତା ଦେଖିବାକୁ ମିଳୁନାହିଁ। ଅପରପକ୍ଷେ ଗାଁ ଗାଁରେ ବହୁ ସଂଖ୍ୟକ କୁଚିଆ ମଦ କୋଠି ଖୋଲି ରନ୍ଧା ଓ ଦେଶୀ ମଦ ବେଆଇନ ଭାବେ ବିକ୍ରି ହେଉଛି। ଏହାକୁ ମଧ୍ୟ ଅବକାରୀ ବିଭାଗ ରୋକିବାରେ ବିଫଳ ହୋଇଛି। ଫଳରେ ଗାଁଗୁଡିକରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ବୁଧବାର ସନ୍ଧ୍ୟାରେ କାର୍ଯ୍ୟାଳୟରେ ତାଲା ପଡିବା ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ଏସ୍‌ଆଇ ମାନସିଂ ମୁଣ୍ଡାଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ କାର୍ଯ୍ୟାଳୟର ଜଣେ କର୍ମଚାରୀ କହିଛନ୍ତି, ସାର୍ ମେଡିକାଲ କାମରେ ଛୁଟିରେ ଅଛନ୍ତି । ସେ ନିଜେ ଜିଲା କାର୍ଯ୍ୟାଳୟକୁ ଏକ କାମରେ ଯାଇଥିବା କହିଥିଲେ। କାର୍ଯ୍ୟାଳୟରେ ୪ରୁ ୫ ଜଣ ଷ୍ଟାଫ୍ ଅଛନ୍ତି। ଅବକାରୀ ଥାନା ହୋଇଥିବାରୁ ଏହା ୨୪ ଘଣ୍ଟା ଖୋଲା ରହିବା ସହ କେହି ଜଣେ ଷ୍ଟାଫ ରହିବା କଥା। ତେବେ ନିୟମିତ ଭାବରେ ଏହି କାର୍ଯ୍ୟାଳୟ ଏପରି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲା ଅବକାରୀ ଅଧୀକ୍ଷକଙ୍କ ତରଫରୁ ଏହାର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# କେସିଙ୍ଗା ରେଲୱେ ଷ୍ଟେଶନରୁ ୪୦ ଲକ୍ଷ ଜବତ

**ଟିଟିଲାଗଡ଼,୩। ୪(ଶରତ ମିଶ୍ର)**

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନରେ ଜଣେ ଯୁବକଙ୍କ ଠାରୁ ଟିଟିଲାଗଡ ରେଲୱେ ପୋଲିସ ୪୦ ଲକ୍ଷ ଟଙ୍କା ଜବତ କରିଛି। ଜଣେ ଯୁବକ ଗୋଟିଏ ବ୍ୟାଗରେ ଏହି ଟଙ୍କା ନେଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଲବାଇ ପୋଲିସ ଶୁକ୍ରବାର କେସିଙ୍ଗା ରେଲୱେ ଷ୍ଟେଶନରେ ଛାନ୍‌ଭିନ୍ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତେବେ ଯୁବକ ଜଣକ କେସିଙ୍ଗା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ନେଇ ରାୟପୁର ଯାଉଥିବା କହିଥିଲେ ବୋଲି ରେଲବାଇ ପୋଲିସ ସୂତ୍ରରୁ ଜଣାପଡିଛି।

# ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

**କଣ୍ଟାବାଞ୍ଜି,୩।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ଦ୍ୱାରା ଶୁକ୍ରବାର ଦିନ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ପରିବାରର ୧୬ ଯୋଡା ବ୍ରହ୍ମଚାରୀଙ୍କ ବ୍ରତୋପନୟନ ହୋଇଛି। ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ବ୍ରହ୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସାମୂହିକ ବ୍ରତୋପନୟନରେ ସମାଜର ସଭାପତି ଚିନ୍ମୟ କୁମାର ଯୋଷୀ, ଉପ ସଭାପତି ଶିକ୍ଷକ ବିଜୟ ମିଶ୍ର, ସମ୍ପାଦକ ସରୋଜ ପଣ୍ଡା, ସହ ସମ୍ପାଦକ ଜୟବ୍ରତ ସାହୁ, କୋଷାଧ୍ୟକ୍ଷ ଜନାର୍ଦ୍ଦନ ଠାକୁର, ଦେବାଶିଷ ମିଶ୍ର, ସଞ୍ଜୟ ପଣ୍ଡା, ରାଜେଶ ମିଶ୍ର, ବିନୋଦ ମହାପାତ୍ର, ନିଶିକାନ୍ତ ମହାପାତ୍ର, ରବିନାରାୟଣ ତ୍ରିପାଠୀ, ସୋମନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



**ବିନିକାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ତଦାରଖ**

ବିନିକା,(ରାମ ଗୋପାଳ ବାଘ ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁକ୍ରବାର ତଦାରଖ କରିଛନ୍ତି ନୋଡାଲ ଅଧିକାରୀ ତଥା ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଶରତ ମିଶ୍ର। ପଞ୍ଚାୟତର ଘୋଡାଧାର ସଂଶାମୁରା, ପଧାନପାଲି ଗ୍ରାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଭେଟି ପ୍ରକୃତ ଯୋଗ୍ୟ ନା ଅଯୋଗ୍ୟ ତଦାରଖ କରିଥିଲେ। ନୋଡାଲ ଅଧିକାରୀ ମିଶ୍ରଙ୍କ ଗସ୍ତ ସମୟରେ ପିଇଓ ଶିବରାମ ମିଶ୍ର, ଜିଆରଏସ ଅନନ୍ତ ଧରୁଆ ଉପସ୍ଥିତ ରହିଥିଲେ।

# କିଡ୍‌ନୀ ଡାଏଲିସିସ୍ ୟୁନିଟ୍‌ରେ ଏସି ଅଚଳ

## ୨ ବର୍ଷ ଧରି ରୋଗୀ, କର୍ମଚାରୀ ଅସୁବିଧା ଭୋଗୁଛନ୍ତି

**ଡିଏଚ୍‌ଏଚ୍ ପରିଚାଳନାରେ ଅବ୍ୟବସ୍ଥା**

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ପରିଚାଳନାଗତ ଓ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାମାନ୍ୟ କାମ ବର୍ଷ ବର୍ଷ ଧରି କରାଯାଉନାହିଁ। ଏଥିପାଇଁ ରୋଗୀ, ପରିଜନ ଓ କର୍ମଚାରୀ ଅସୁବିଧା ଭୋଗୁଛନ୍ତି। କିଡ୍‌ନୀ ରୋଗୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ୍) ପରିସରରେ କିଡ୍‌ନୀ ଡାଏଲିସିସ୍ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି। ଚଣ୍ଡିଗଡ଼ର ରାହୀ କେୟାର ନାମକ ସଂସ୍ଥା ୟୁନିଟ୍ ପରିଚାଳନା ପାଇଁ ସରକାରଙ୍କ ସହ ଚୁକ୍ତି କରିଛି। ତେବେ ୟୁନିଟ୍‌ରେ ଲାଗିଥିବା ୨ଟି ଏସି ଗତ ୨ ବର୍ଷ ହେବ ଅଚଳ ହୋଇପଡ଼ିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଏହାକୁ ସଜାଡୁନାହାନ୍ତି। ଫଳରେ କିଡ୍‌ନୀ ରୋଗୀ ଓ କର୍ମଚାରୀ ଚିକିତ୍ସା ସମୟରେ ଅସୁବିଧା ଭୋଗୁଛନ୍ତି। ଜିଲାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହି ୟୁନିଟ୍‌ରେ ୩ଟି ଶିଫ୍ଟରେ ଦୈନିକ ୨୧ ଜଣଙ୍କର ଡାଏଲିସିସ୍ ହେଉଛି। ନିୟମ ଅନୁଯାୟୀ ୨୫ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ରୋଗୀଙ୍କ ଡାଏଲିସିସ୍ ହେବା କଥା। କିନ୍ତୁ ଏସି ଅଚଳ ଯୋଗୁ ଅଧିକ ତାପମାତ୍ରାରେ ରୋଗୀଙ୍କୁ ଚିକିତ୍ସା ହେବାକୁ ପଡୁଛି। କିଡ୍‌ନୀ ରୋଗୀଙ୍କ ରକ୍ତ ପରିଷ୍କାର ପାଇଁ ପ୍ରାୟ ୩ ରୁ ୪ଘଣ୍ଟା ସମୟ ଲାଗିଥାଏ। କିନ୍ତୁ ତାତି ଯୋଗୁ ରୋଗୀମାନେ ଗରମରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଡାଏଲିସିସ୍ ପାଇଁ ୟୁନିଟ୍‌କୁ ଆସୁଥିବା ରୋଗୀମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଉଛି। କିନ୍ତୁ ମାସିକ ମୋଟା ଅଙ୍କର ଦରମା ପାଉଥିବା ପ୍ରଶାସନିକ ଅଧିକାରୀ ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ସାମାନ୍ୟ ଏସି ସଜାଡ଼ିବା ପାଇଁ ଉଚିତ ମଣୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ୟୁନିଟ୍‌କୁ ପରିଦର୍ଶନକରି ସମସ୍ୟା ବୁଝୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କିଡ୍‌ନୀ ରୋଗୀ ପବିତ୍ର ମୋହନ ନେଗୀ ସାମାଜିକ ଗଣମାଧ୍ୟମରେ ଶୁକ୍ରବାର ପୋଷ୍ଟକରି ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କୁହନ୍ତି, ୟୁନିଟ୍‌ର ଆଉଟ୍‌ସୋର୍ସିଂ କର୍ମଚାରୀମାନେ ରୋଗୀଙ୍କୁ ଭଲ ସେବା ଯୋଗାଉଛନ୍ତି। ସେମାନଙ୍କ ବ୍ୟବହାର ବହୁତ ଭଲ। କିନ୍ତୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁନାହାନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପଡ଼ୋଶୀ ବଲାଙ୍ଗୀର ଜିଲା ଲୋଇସିଂହାର ବିଧାୟକ। ତେଣୁ ସେ ନିଜେ ମଝିରେ ମଝିରେ ସୁବର୍ଣ୍ଣପୁର ଡିଏଚ୍‌ଏଚ୍‌କୁ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ସୁବର୍ଣ୍ଣପୁରରେ ପ୍ରଚଣ୍ଡ ଗରମରେ କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ କରାଯାଉଛି।

# ଉଲୁଣ୍ଡାରେ ଶିଶୁ ମିତ୍ର ପୋଲିସ ଥାନା



ଥାନାକୁ ଏସ୍‌ପି ନାରାୟଣ ନାୟକ ଉଦ୍‌ଘାଟନ କରୁଛନ୍ତି।

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପରିସରରେ ଶିଶୁ ମିତ୍ର ପୋଲିସ ଥାନା ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥାନାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. କେ. ହରିପ୍ରସାଦ, ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ସୁବର୍ଣ୍ଣପୁରର ଭାରପ୍ରାପ୍ତ ଅଧିକାରୀ (ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍) ରେଣୁକା ସୁନା ଯୋଗଦାନ କରିଥିଲେ। ଶିଶୁଙ୍କୁ ଧରି ଥାନାକୁ ବିଭିନ୍ନ ଅଭିଯୋଗ କରିବାକୁ ଆସୁଥିବା ମହିଳାଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହି ଥାନାରେ ଜଣେ ମହିଳା ଅଧିକାରୀ ସ୍ୱତନ୍ତ୍ର ଭାବରେ ରହିବେ। ମହିଳା ଅଧିକାରୀଙ୍କ ସହ ଦୂର ସ୍ଥାନରୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ମହିଳାମାନେ ଆଲୋଚନା କରିବା ସହ ପରାମର୍ଶ ନେଇପାରିବେ ବୋଲି ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଉଲୁଣ୍ଡା ଥାନାର ଆଇଆଇସି ଲିଙ୍ଗରାଜ ସେଠୀ ଓ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଡ଼ାଲରେ ବାଲି ବଧ ପରିବେଷଣ

ଅମରପାଲି,୩।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଅଡ଼ାଲ ଗ୍ରାମରେ ମା' ଭଗବତୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ପ୍ରତ୍ୟହ ପରିବେଷଣ ହେଉଛି ଶ୍ରୀରାମଲୀଳା ନାଟକ। ଏହି କ୍ରମରେ ରୁଜୁମୁଣ୍ଡାରେ ଏହି ନାଟ୍ୟ ସଂସଦ ଆନୁକୂଲ୍ୟରେ ଏହାର ଷଷ୍ଠ ରଜନୀରେ ବାଳି ବଧ ପରିବେଷଣ ହୋଇଯାଇଛି। ଏଥିରେ ଶ୍ରୀରାମ ଭୂମିକାରେ ମଧୁସୁଦନ କର୍ଣ୍ଣ, ଲକ୍ଷ୍ମଣ- ଶଙ୍କର୍ଷଣ ଦାସ, ହନୁମାନ- ପବିତ୍ର ମିଶ୍ର, ଜାମ୍ବବାନ-ଦୈତାରୀ ସେଠୀ, ବାଳି- ଭୀଷ୍ମ ସାହୁ, ସୁଗ୍ରୀବ-ବିରଞ୍ଚି ପଧାନ, ତାରା-ପ୍ରଦୀପ ଦାସ, ଅଙ୍ଗଦ-ଲାଇବାନ ସିଂହାର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହା ଦେଖିବାକୁ ଅଞ୍ଚଳ ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।



ଅତିଥି ବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ନୈତିକ, ଗୁଣାତ୍ମକ ଶିକ୍ଷାଦାନକୁ ଗୁରୁତ୍ୱ

**ଖାରି ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ**

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଖାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ ମେହେର ଯୋଗଦାନ କରି ନୈତିକ ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ବ୍ୟବସ୍ଥାକୁ ମେହର ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତିକ କର ଓ ମୁଖ୍ୟବକ୍ତା ଭାବେ ପ୍ରାନ୍ତ ମାତୃଶକ୍ତି ପ୍ରମୁଖ(ବିଶ୍ୱହିନ୍ଦୁ ପରିଷଦ) ସରସ୍ୱତୀ ନନ୍ଦ ମଞ୍ଚାସୀନ ଥିଲେ। ସମ୍ପାଦକ ସୁଦାମ ଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଆନନ୍ଦ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ନିହାର ଗୁରୁଜୀଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର ଶ୍ରେଣୀ ଅନୁଯାୟୀ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ବିକ୍ରମ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ବାଟିକା ବିଭାଗରେ ଦୁଷ୍ମନ୍ତ ଶକୁନ୍ତଳା, ପ୍ରାଥମିକ ବିଭାଗରେ ଭରତ ମିଳନ ନାଟକ, ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ସରକାରୀ ବୃତ୍ତି, ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି, କ୍ରୀଡ଼ା ଚାମ୍ପିୟନ, ସର୍ବୋଚ୍ଚ ଉପସ୍ଥାନ ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃ ଭାରତୀର ସଦସ୍ୟା, ବାର୍ଷିକ ଉତ୍ସବ କମିଟି ସଦସ୍ୟ, ଅଭିଭାବକ ଅଭିଭାବିକାମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ନୂତନ ପରିଚାଳନା ସମିତିର ସମ୍ପାଦକ ଅଶୋକ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଚକ୍ରଧର ମିଶ୍ର, ଉପସଭାପତି ହୃଷୀକେଶ ମେହେର, ସଦସ୍ୟା ରୀନା ଠେଲା, ଜାମିନୀ ଭୋଇ , ଉପଦେଷ୍ଟା କମିଟି ସଦସ୍ୟ ବିପିନ ବିହାରୀ ବାଘ, ନିରଞ୍ଜନ ସାହୁ ତଥା ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା ଉପସ୍ଥିତ ଥିଲେ।

# ଭରତ ମିଳନ, ଗୟାତୀର୍ଥ ପରିବେଷଣ

**ଚମ୍ପାମାଲ ରାମଲୀଳା**

ବୀରମହାରାଜପୁର,୩।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଚମ୍ପାମାଲ ଗ୍ରାମରେ ରାମଲୀଳା ନାଟକ ଭରତ ମିଳନ ଓ ଗୟାତୀର୍ଥ ଅଭିନୀତ ହୋଇଛି। ଅଠର ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାମଲୀଳା ନାଟକ ଭରତ ମିଳନରେ ଚନ୍ଦ୍ରମଣି ଥନାପତି ଭରତ ଭୂମିକାରେ ଅଭିନୟ କରିଥିବାବେଳେ, ସୁବ୍ରତ ମେଣ୍ଡିଲି ଶତ୍ରୁଘନ, ଅକ୍ଷୟ ହୋତା ରାମ, ବିଦ୍ୟାଧର ଥନାପତି ଲକ୍ଷ୍ମଣ, ଜ୍ୟୋତି ଥନାପତି ସୀତା ଗଣେଶ ମହାରଣା କୌଶଲ୍ୟା, ମୀନକେତନ ହୋତା କୈକେୟୀ, ପ୍ରକାଶ ପଣ୍ଡା ବଶିଷ୍ଠ, ପ୍ରମୋଦ ପୁରୋହିତ ଭରଦ୍ୱାଜ,ଦିଲ୍ଲୀପ ଥନାପତି ସୁମନ୍ତ ମନ୍ତ୍ରୀ, ଶ୍ରବଣ ମହାରଣା ଶବର, ହିମାଂଶୁ ଥନାପତି ଶବରାଣୀ ଅଭିନୟ କରିଥିଲେ। ଧନୁଭଙ୍ଗ, ପର୍ଶୁରାମ ପରାଜୟ ରାମବନବାସ ନାଟକରେ କିଶୋର ହୋତା ଦଶରଥ, ବିଶ୍ୱନାଥ ଥନାପତି ଜନକ, ଲେକୁଡୁ ପଧାନ ବିଶ୍ୱାମିତ୍ର ଏବଂ ଅଜିତ ଥନାପତିଙ୍କ ରାମ ଭୂମିକା ବେଶ ଚିତାକର୍ଷକ ହୋଇଥିଲା। ଗୟାତୀର୍ଥ ନାଟକରେ ବିଶ୍ୱଧର ପୁରୋହିତ, ସଞ୍ଜୟ ନେଗୀ ଗୟାର ବ୍ରାହ୍ମଣ ଭୂମିକାରେ ଅଭିନୟ କରିଥିଲେ। ରାମକୃଷ୍ଣ ହୋତା ପ୍ରତ୍ୟହ ରାମଙ୍କ ଦଶାବତାର ବନ୍ଦନା ଗାନ କରୁଛନ୍ତି ।



ଚମ୍ପାମାଲ ରାମଲୀଳାରେ ଭରତ ମିଳନ ଓ ଗୟାତୀର୍ଥ ପରିବେଷଣ।

# କଲ୍ୟାଣୀ ବେହେରା ସୋନପୁର ଏସ୍‌ଡିପିଓ

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ବରିଷ୍ଠ ପୋଲିସ ଅଧିକାରୀ କଲ୍ୟାଣୀ ବେହେରା ଶୁକ୍ରବାର ସୋନପୁର ଏସ୍‌ଡିପିଓ ଭାବେ ଯୋଗଦାନ କରିଛନ୍ତି। ସେ ଭାରପ୍ରାପ୍ତ ଏସ୍‌ଡିପିଓ ରେଣୁକା ସୁନାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ କଲ୍ୟାଣୀ କୋରାପୁଟ ପୋଲିସ ମୁଖ୍ୟାଳୟର ଡିଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ସରକାରଙ୍କ ବଦଳି ଆଦେଶ ପରେ ସେ ଏଠାରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। କଲ୍ୟାଣୀ ୨୦୧୩ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ବିନିକା ଥାନାର ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି।



କଲ୍ୟାଣୀ ବେହେରା।



ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବ୍ରାହ୍ମଣୀପାଲି ନିକଟ ବାରପାହାଡ ପୀଠରେ ୩ଦିନ ଧରି ଚାଲିଥିବା ବାରପାହାଡ଼ ବୁଢାଯାତ୍ରାର ଉଦ୍‌ଯାପନୀ ସାଂସ୍କୃତିକ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସରିଲା ବାରପାହାଡ଼ ବୁଢ଼ାଯାତ୍ରା

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବ୍ରାହ୍ମଣୀପାଲି ନିକଟ ବାରପାହାଡ ପୀଠରେ ୩ଦିନ ଧରି ଚାଲିଥିବା ବାରପାହାଡ଼ ବୁଢାଯାତ୍ରା ରୀତିନୀତି ଓ ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଛି। ଗତ ୩୧ ତାରିଖଠାରୁ ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନରେ ବ୍ରାହ୍ମଣୀପାଲିରୁ ବାରପାହାଡ ଜଙ୍ଗଲରେ ଥିବା ପୀଠକୁ ପୂଜା ସାମଗ୍ରୀ ଧରି ଭକ୍ତମାନେ ଯାଇଥିଲେ। ସନ୍ଧ୍ୟାରେ ରାଜପାଲିରୁ ମୁଖ୍ୟ ଯାତ୍ରା ଛତ୍ର ମଧ ପୀଠ ଅଭିମୁଖେ ଯାଇଥିଲା। ପରମ୍ପରା ଅନୁଯାୟୀ ଏହାକୁ ବାରବଇଠା ଯାତ୍ରା କୁହା ଯାଇଥାଏ। ବୁଧବାର ରାତିରେ ମଖନାମୁଣ୍ଡା ଛତ୍ର ଗୁଡିରୁ ଦେବୀଙ୍କ ବାନା ଓ ପୂଜା ସସାମଗ୍ରୀ ଏକ ବିରାଟ ପଟୁଆରରେ ବ୍ରାହ୍ମଣପାଲି ମେଣ୍ଡା ମଙ୍ଗଳସର ଠାରୁ ରାଜପାଲି ଅଭିମୁଖେ ବାହାରି ସନ୍ଧ୍ୟାରେ ଡଙ୍ଗର ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ମଧ୍ୟାହ୍ନରେ ଛତ୍ରଗୁଡି ପୂଜା ଅନୁଷ୍ଠିତ ହୋଇଥିଲା। ଜିତେନ୍ଦ୍ରୀୟ ଝାଙ୍କର ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଜଡିତ ଥିବା ଏହି ଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଆଞ୍ଚଳିକ ବାରପାହାଡ ସେନା, ଅଞ୍ଚଳବାସୀ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା। ମହୋତ୍ସବ କମିଟି ସଭାପତି କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖରସାକନା ଗୌନ୍ତିଆ ଘୁଣ୍ଟୁଗୋପାଳ ପଧାନ, ଦେଉଳପଦର ଗୌନ୍ତିଆ ସରୋଜ କମ୍ପ, ତିଲେଇମାଲ ଗୌନ୍ତିଆ ଅଯୋଧ୍ୟା ଭୁଏ, ପାଇକବାହାଲ ଗୌନ୍ତିଆ ପ୍ରମୋଦ ନାୟକ, ବ୍ରାହ୍ମଣୀପାଲି ଗୌନ୍ତିଆ ସତ୍ୟାନନ୍ଦ ସାହୁ, ରାଜପାଲି ଗୌନ୍ତିଆ ଚକ୍ରଧର ପଣ୍ଡା, ଡାହିମାଲ ଗୌନ୍ତିଆ ଉଦ୍ଧବ ସା, ବାରପହାହାଡ ଯାତ୍ରା କମିଟିର ପ୍ରମୋଦ ପର୍ଡିଆ ପ୍ରମୁଖ ଯୋଗଦେଇ ବାରପାହାଡ ଯାତ୍ରାର ପ୍ରାଚୀନ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



15001/4/2627



**ଅମର ଶହୀଦ ରଘୁ - ଦିବାକରଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**

୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

**କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ରାମପୁରଠାରେ ରାମପୁର କୋଲିଆରୀ କବାଡ଼ି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୌରପାଳିକାର ପୂର୍ବତନ ଅଧକ୍ଷ ଜୟନ୍ତ ଦୀକ୍ଷିତ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ତଥା ବ୍ରଜରାଜନଗର ପୌରାଧକ୍ଷ ଗୋପାଳ ସିତାନୀ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ।

# ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

ବ୍ରଜରାଜନଗର,୩।୪(ବିଜୟ ବରାଡ଼)

ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ୪୯ ନମ୍ବର ରାଜପଥର ଗାନ୍ଧୀ ଛକରୁ ଏନ୍‌ଟିପିସି ଦର୍ଲିପାଲି ଯାଉଥିବା ରାସ୍ତାର ରାଜପୁରଠାରେ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଗ୍ରାମର ମହିଳାମାନେ ଟେଣ୍ଟ ଲଗାଇ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ପ୍ରାୟ ୩ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ରାଜପୁର ଗାଁ ବାହାରେ ଚାରିଚକିଆ ଗାଡ଼ି ଅଟକି ରହିଥିଲା।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗ୍ରାମ ଭିତରକୁ ଭାରିଯାନଗୁଡିକ ଦ୍ରୁତଗତିରେ ନିରନ୍ତର ଚଳାଚଳ କରୁଛି। ଏଥିଯୋଗୁ ଜନସାଧାରଣ ଘରୁ ବାହାରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ସେହିପରି ଶିଶୁଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତିତ ହେବା ସହିତ ବାଧହୋଇ ସେମାନଙ୍କୁ ଘରେ ରହିବାକୁ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ନେତୃତ୍ୱରେ ମହିଳାମାନେ ରାସ୍ତାରୋକୋ କରିଥିଲେ। ଖବରପାଇ ତହସିଲଦାର ସଦାକର କୁମ୍ଭାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ମହିଳାମାନେ ନିଜ ଜିଦ୍‌ରେ ଅଟଳ ରହିବାରୁ ତହସିଲଦାର ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ତହସିଲଦାରଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରପଞ୍ଚ ନାୟକଙ୍କୁ ତହସିଲଦାର ସାଥିରେ ନେଇ ସ୍ଥାନୀୟ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଗ୍ରାମର ଉଭୟ ପାର୍ଶ୍ୱରେ ସ୍ପିଡ୍ ବ୍ରେକର ରଖାଯିବ, ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ କୌଣସି ଭାରିଯାନ ଚଳାଚଳ କରିବ ନାହିଁ। ଏହି ନିୟମ ଶନିବାରଠାରୁ ଲାଗୁ କରାଯିବ। ଖୁବ୍‌ଶୀଘ୍ର ଗ୍ରାମର ଉଭୟ ପାର୍ଶ୍ୱରେ ସିସିଟିଭି ଲଗାଯିବା ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରକାଶ କରିବାରୁ ରାସ୍ତାରୋକୋ ହଟିଥିଲା।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନାବାଳିକା ଅପହରଣ, ବଳାତ୍କାର ଘଟଣା: ୨ ଗିରଫ

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ନାବାଳିକା ଅପହରଣ ଓ ବଳାତ୍କାର ଘଟଣାରେ ରିଆମାଳ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରିଆମାଳ ଥାନା ଅଧୀନ ମାଝିମୁଣ୍ଡା ଗ୍ରାମର ଆକାଶ ଖାନ୍ ଓ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ତଲେଇସର ଗ୍ରାମର କୀର୍ତ୍ତନ ଶବର। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ରିଆମାଳ ଥାନା ଅଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକା ଗତ ମାର୍ଚ୍ଚ ୧୪ ତାରିଖରେ କୁଣ୍ଢେଇଗୋଲା ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମକୁ ଯାତ୍ରା ଦେଖିବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଏନେଇ ନାବାଳିକାଙ୍କ ବାପା ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପରେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ଅପହରଣ କରି ନେଇଥିବା ଆକାଶଙ୍କୁ ଗିରଫ କରିଥିଲା। ତେବେ ଉଦ୍ଧାର ସମୟରେ ନାବାଳିକା ଜଣଙ୍କ ଗର୍ଭବତୀ ଥିଲେ। କୀର୍ତ୍ତନ ତାଙ୍କୁ ବଳାତ୍କାର କରିବା ପରେ ସେ ଗର୍ଭବତୀ ହୋଇଥିବା ଜଣାପଡିଥିଲା। ଫଳରେ ପୋଲିସ କୀର୍ତ୍ତନଙ୍କ ବିରୋଧରେ ବଳାତ୍କାର ଓ ପକ୍ସୋ ମାମଲା ରୁଜୁ କରିବା ସହ ଆକାଶଙ୍କ ବିରୋଧରେ ଅପହରଣ ମାମଲା ରୁଜୁ କରିଛି।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

## ପରିବାର ସଦସ୍ୟଙ୍କୁ ଭେଟିଲେ ବରିଷ୍ଠ ପୋଲିସ ଅଧିକାରୀ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଦେଶ ସେବା ପାଇଁ ପ୍ରାଣବଳୀ ଦେଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରାଯାଇଛି। ଏହି ଅବସରରେ ଝାରସୁଗୁଡ଼ା ପୋଲିସର ବରିଷ୍ଠ ଅଧିକାରୀମାନେ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର କେତେଜଣ ଶହୀଦ ଯବାନଙ୍କ ବାସଭବନରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଭେଟିଥିଲେ। ସେମାନଙ୍କ ଭଲମନ୍ଦ ବୁଝିବା ସହ ପୋଲିସ ପ୍ରଶାସନ ସବୁବେଳେ ସେମାନଙ୍କ ସହ ରହିଛି ବୋଲି ଆଶ୍ୱାସନା ଦେଇଥିଲେ। ଶହୀଦ ଯବାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସମୟରେ ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ଜିଲାର ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ପୋଲିସ ଅଧିକାରୀମାନେ ଜଣେ ଶହୀଦ ଯବାନଙ୍କ ପରିବାର ସଦସ୍ୟଙ୍କୁ ଭେଟୁଛନ୍ତି।

# ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ନିଯୁକ୍ତିପତ୍ର ବଣ୍ଟନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ହିତାଧିକାରୀ।

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ଅଡିଟୋରିୟମଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) ୨.୦ର କାର୍ଯ୍ୟାଦେଶ ଏବଂ ନିଯୁକ୍ତି ମେଳାରେ ଯୋଗ୍ୟ ବିବେଚିତ ହୋଇଥିବା ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଛନ୍ତି, ଯେତେବେଳେ ଜଣେ ଅସହାୟ ପରିବାର ମୁଣ୍ଡ ଉପରେ 'ଛାତ'ଟିଏ ପାଏ ଏବଂ ଜଣେ ଯୁବକ ହାତରେ ନିଯୁକ୍ତିର ସୁଯୋଗ ପାଏ, ସେତେବେଳେ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ବରଂ ସାରା ସମାଜର ବିକାଶ ହୁଏ। ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍-ସବ୍‌କା ବିକାଶ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ହିଁ ଆମର ପ୍ରେରଣା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯେଉଁ ବିକାଶର କାର୍ଯ୍ୟଧାରା ରହିଛି ତାହା ମାଧ୍ୟମରେ ଝାରସୁଗୁଡ଼ାକୁ ଏକ ସମୃଦ୍ଧ ଓ ପ୍ରଗତିଶୀଳ ଅଞ୍ଚଳ ଭାବେ ଗଢିତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ରାଜସ୍ୱମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୮୭ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ନିକଟରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଚୟନ ହୋଇଥିବା ୬୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ପ୍ରବେଶ ଉତ୍ସବ ପାଳିତ

ଝାରସୁଗୁଡ଼ା, ୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲରେ ଶୁକ୍ରବାର ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ନର୍ସରି, ଏଲ୍‌କେଜି ଓ ପ୍ରଥମ ଶ୍ରେଣୀରେ ପଞ୍ଜୀକୃତ ହୋଇଥିବା ୧୬୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ପାଠ୍ୟ ସାମଗ୍ରୀ ପ୍ରଦାନପୂର୍ବକ ସ୍ୱାଗତ କରାଯାଇଥିଲା। ସୁନନ୍ଦା ପ୍ରହରାଜ, ସଙ୍ଗୀତା ସିହ୍ନା, ରିଙ୍କୁ ଶର୍ମା, ସବିତା ଧଳ, ସ୍ମିତା ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ଉପାଧ୍ୟାୟଙ୍କ ଆଦର୍ଶ, ଏକାତ୍ମ ମାନବବାଦ ଓ ସମାଜସେବାର ମୂଲ୍ୟବୋଧ ଆଜି ଆମକୁ ପ୍ରେରଣା ଯୋଗାଉଛି। ଏପରି ପ୍ରଶିକ୍ଷଣ ଶିବିର ସଙ୍ଗଠନକୁ ସୁଦୃଢ଼ କରିବା ସହ ନେତୃତ୍ୱ କ୍ଷମତା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ସମାଜର ଉନ୍ନତି ଓ ରାଷ୍ଟ୍ରସେବା ପାଇଁ ନିଜକୁ ସମର୍ପିତ କରିବାର ସଙ୍କଳ୍ପକୁ ଆହୁରି ଦୃଢ଼ କରାଇଥାଏ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ପ୍ରେମସେନ ରାୟ, ସୁନୀଲ ପଣ୍ଡାଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ବିଧାୟକ ଟଙ୍କଧର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଇଁ ପାନୀୟ ଜଳ ସୁବିଧା କରିବା ଏକ ମାନବୀୟ ସେବା। ଆମର ଏହି ପ୍ରୟାସ ଝାରସୁଗୁଡ଼ାବାସୀଙ୍କୁ ଖରା ଦାଉରୁ ରକ୍ଷା କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ପୌର କର୍ମଚାରୀ, ସହରର ବୁଦ୍ଧିଜୀବୀ, ବିଭିନ୍ନ ୱାର୍ଡର କାଉନସିଲର, ଜଳସାଥୀ ଏବଂ ଜିଲା ପ୍ରଶାସନର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ପୌରାଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୫ଟି ଜଳଛତ୍ର କାର୍ଯ୍ୟକ୍ଷମ ହୋଇଛି। ଆସନ୍ତା ୩/୪ ଦିନ ମଧ୍ୟରେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ଛକରେ ସମୁଦାୟ ୩୩ଟି ଜଳଛତ୍ର ଖୋଲାଯିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ବୁଲା ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ପାନୀୟଜଳ କୁଣ୍ଡର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣ ସତର୍କ ରହିବାକୁ ପୌରପାଳିକା ପକ୍ଷରୁ ପରାମର୍ଶ ଦିଆଯାଇଛି। ସହରବାସୀ ନିଜ ଘର ସମ୍ମୁଖରେ ପଶୁପକ୍ଷୀଙ୍କ ପାଇଁ ପାଣିପାତ୍ର ରଖିବାକୁ ପୌରପାଳିକା ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଳ ସାଥୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ସେମାନଙ୍କ ଜରିଆରେ ଜଳଛତ୍ର ପରିଚାଳନା କରାଯିବ।

## ନାଟକ 'ଏନ୍ତା ଏନ୍ତା କଥା' ମଞ୍ଚସ୍ଥ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ନାଟ୍ୟଧାରାର ଦ୍ୱିତୀୟ ସନ୍ଧ୍ୟାରେ ଝାରସୁଗୁଡ଼ା ସୃଜନୀ ପରିବାରର ସମ୍ବଲପୁରୀ ନାଟକ 'ଏନ୍ତା ଏନ୍ତା କଥା' ମଞ୍ଚସ୍ଥ ହୋଇଥିଲା। ବ୍ରଜେନ୍ଦ୍ର ନାଏକଙ୍କ ରଚିତ ଓ ଗଙ୍ଗାଧର ବେହେରାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ପ୍ରମୋଦ ମେହେର, ଗଙ୍ଗାଧର ବେହେରା, ସନ୍ତୋଷ ଦାସ ଓ ଶଙ୍କର ପୋଢ଼ ନିଖୁଣ ଅଭିନୟ କରିଥିଲେ। ଦୁର୍ବଳ ଉପରେ ସବଳର ଶୋଷଣକୁ ନେଇ ନାଟକ ଗତିଶୀଳ ହୋଇଥିଲା। ନାଟକର ସଙ୍ଗୀତ ବିଭାଗରେ ଭାସ୍କର ମେହେର, ପ୍ରଫୁଲ୍ଲ ନାଏକ, ଦାମୋଦର ରାଉତ ଓ କମଳ ମହାନନ୍ଦ ସହଯୋଗ କରିଥିଲେ। ଏହି ଅବସରରେ ଓଡ଼ିଶା ନାଟ୍ୟସଂଘ ଭୁବନେଶ୍ୱରର ସଭାପତି ମିହିର ମେହେର, ବିନାୟକ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା, ସୁଧାଂଶୁ ଦ୍ୱିବେଦୀ, ସନ୍ଦୀପ ଆଚାର୍ଯ୍ୟ ଓ ଜିତୁ ପଟ୍ଟନାୟକଙ୍କ ଭଳି ସୁନାମଧନ୍ୟ ନାଟ୍ୟକାର ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

## ବିମାନବନ୍ଦରରେ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବିମାନବନ୍ଦରରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଉଛି।

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟପାଳ ବିମାନବନ୍ଦରରେ ପହଞ୍ଚିବା ପରେ ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶନିବାର ସମ୍ବଲପୁର ଆଇଆଇଏମ୍ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଆମ ପୋଲିସ ସମିତି ବୈଠକ

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ଥାନା ପ୍ରାଙ୍ଗଣରେ ଆମ ପୋଲିସ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସବ୍ୟଶାଚୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶେଷକରି ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା, ଲୋକଙ୍କ ସମସ୍ୟା ସମାଧାନ ସହିତ ସାଇବର ଅପରାଧ ଏବଂ ସଡ଼କ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ନିଜ ଅଞ୍ଚଳରେ କୌଣସି ଆପରାଧିକ କାର୍ଯ୍ୟ ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଥାନା ଅଧିକାରୀ ଶତପଥୀ କହିଛନ୍ତି। ଏହି ବୈଠକରେ ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏସ୍‌ଆଇ ଅସିତ୍ କୁମାର ସାହୁ, ଏଏସ୍‌ଆଇ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନସାଧାରଣ ଯୋଗଦେଇଥିଲେ।

15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬
ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର – ୩ ସ୍ଥିତ
ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା
ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼
ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍
ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0004

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା, ବିପଦକୁ ଆମନ୍ତ୍ରଣ



ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଦ୍ୟୁତ୍ ଡିଭିଜନ ଗାନ୍ଧୀ ଛକ ସେକ୍ସନ ଅନ୍ତର୍ଗତ ରାଜପୁର ଗ୍ରାମ ଗୋଧନବାହୁଡ଼ା ରାସ୍ତାପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ତାରବାଡ଼ ନାହିଁ। ଫଳରେ ଏହା ବିପଦକୁ ଆମନ୍ତ୍ରଣ କରୁଛି। ସୂଚନା ଅନୁଯାୟୀ, ରାଜପୁର ଗ୍ରାମର ପ୍ରସିଦ୍ଧ ଗୋକୁଳାଷ୍ଟମୀ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଥିବାରୁ ଶ୍ରଦ୍ଧାଳୁଙ୍କ ସମେତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ସେହିପରି ରାଜପୁର ଦେଓଗାଁ ସ୍କୁଲ ସମ୍ମୁଖରେ ଏକ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଫଳରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦର କାରଣ ସାଜିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଏହି ଦୁଇ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

> ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। **-ଶ୍ରୀଅରବିନ୍ଦ**



# ଶାସନରେ ଭୟ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭାରତରେ ଯେବେ ଏକ ପ୍ରକଳ୍ପ ଅଟକିଯାଏ, ଖର୍ଚ୍ଚ ବଢ଼ିଯାଏ ଆମେ ସ୍ୱାଭାବିକ ଭାବରେ ସେଥିରେ ଦୁର୍ନୀତି କଥା ଉଠାଇଥାଉ। କିନ୍ତୁ ବେଳେ ବେଳେ ବ୍ୟବସ୍ଥାର ନିଷ୍କ୍ରିୟତା ଯୋଗୁ ଏହାକୁ ପ୍ରମାଣ କରାଯାଇ ପାରେ ନାହିଁ। ସବୁଠାରୁ ପୁରୁଣା କୋଇଲା ଦୁର୍ନୀତି ମାମଲାରେ ବର୍ଷ ବର୍ଷ ଧରି ତଦନ୍ତ ପରେ ଦିଲ୍ଲୀର ଏକ କୋର୍ଟ ସମସ୍ତ ୫ ଅଭିଯୁକ୍ତ, ବାବୁ ଏବଂ ଅନ୍ୟମାନଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଥିଲେ। କୋର୍ଟ ଉଲ୍ଲେଖ କରିଥିଲେ, ଏଥିରେ କୌଣସି ଗୋଟିଏ ବି ପ୍ରମାଣ ନ ଥିଲା ଏବଂ ଦୁର୍ଭାଗ୍ୟଜନକ ଯେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଭୁଲ୍ ପ୍ରମାଣ କରିବାରେ ବିଫଳ ହୋଇଛି। ପ୍ରକୃତରେ, ଦଶବର୍ଷ ଧରି ଯାଞ୍ଚକରାଯିବା ସତ୍ତ୍ୱେ କୋର୍ଟ ଷଡ଼ଯନ୍ତ୍ର କିମ୍ବା ବ୍ୟକ୍ତିଗତ ସ୍ୱାର୍ଥର କୌଣସି ପ୍ରମାଣ ପାଇଲେ ନାହିଁ। ଯଦି ଆପଣ ଜଣେ କାର୍ଯ୍ୟରତ ଅଧିକାରୀ ଭାବେ ଏଭଳି ଘଟୁଥିବା ଦେଖୁଛନ୍ତି, ତେବେ ଏହାର ସମାଧାନ କ'ଣ ? ସଚ୍ଚୋଟ ହେବ ନାହିଁ ନା ନିଷ୍ପତ୍ତି ନେବ ନାହିଁ। ଆହୁରି ମଧ୍ୟ ଯଦିଓ ଆପଣ ସଚ୍ଚୋଟ ଓ ସ୍ୱଚ୍ଛ, ତଥାପି ଏହାକୁ ପ୍ରମାଣ କରିବା ପାଇଁ ଆପଣ ଆଉ ୧୦-୧୫ ବର୍ଷ ବିତାଇ ପାରନ୍ତି। ଏହା ଉତ୍ତରଦାୟିତ୍ୱ ନୁହେଁ,ଏହା ଏକ ପ୍ରତିରୋଧ। ତେବେ ୨୦୧୯ରେ ପ୍ରକାଶିତ ବିଜୟ କେଲକର ଏବଂ ଅଜୟ ଶାହାଙ୍କ ଦ୍ୱାରା ଲିଖିତ 'ଗଣତନ୍ତ୍ରର ସେବାରେ' ର ଏକ ପୁରୁଣା କିନ୍ତୁ ଅସ୍ୱାଭାବିକ ପ୍ରାସଙ୍ଗିକ ଧାରଣା (ଅସମନ୍ୱିତ ଦଣ୍ଡ)କୁ ସ୍ମରଣ କରାଇଦିଏ। ସରଳ ଭାବରେ, ଆଦୌ କାମ ନ କରିବା ଭଳି ତ୍ରୁଟି ତୁଳନାରେ ବିତ୍ତୀୟ କାରବାର ରେକର୍ଡିଂ କରିବାରେ ହେଉଥିବା ତ୍ରୁଟିକୁ ବ୍ୟବସ୍ଥା ଦଣ୍ଡିତ କରେ। ଏକ ଫାଇଲରେ ଦସ୍ତଖତ କଲେ ଆପଣଙ୍କ ଉପରେ ତଦନ୍ତ, ଅଡିଟ୍ ଭଳି ବିପଦର ଭୟ ରହିଛି। ନିଷ୍ପତ୍ତି ନେବାରେ ବିଳମ୍ବ କଲେ କିମ୍ବା କାମକୁ ଅଟକାଇ ଦେଲେ ଜୀବନ ସୁରକ୍ଷିତ ଭାବରେ କଟିଯିବ ; ପେନ୍‌ସନ ମଧ୍ୟ ଅକ୍ଷୁଣ୍ଣ ରହିବ।

### ନିବେଶ ଦ୍ୱନ୍ଦ୍ୱ

ସବୁ ସରକାର ବଡ଼ ବଡ଼ ଘୋଷଣା କରିବାକୁ ଭଲ ପାଆନ୍ତି। କେତେକ କ୍ଷେତ୍ରରେ ଏହାକୁ ନେଇ ଅସ୍ୱସ୍ତିକର ପରିଣାମ ସାମ୍ନାକୁ ଆସେ, ଯାହା ଉତ୍ତରପ୍ରଦେଶରେ ଘଟିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମ୍ପ୍ରତି ସ୍ପଷ୍ଟୀକରଣ ଦେଇଛନ୍ତି ଯେ,୨୫,୦୦୦ କୋଟି ଟଙ୍କାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବୁଝାମଣାପତ୍ର କେବଳ ଏକ ପ୍ରାରମ୍ଭିକ ପଦକ୍ଷେପ, ଅନିବାର୍ଯ୍ୟ ନୁହେଁ। ଏକ ବାଣିଜ୍ୟ ମେଳାରେ ଏହି ସ୍ତରର ବୁଝାମଣାପତ୍ର ସାଧାରଣତଃ ହାତ ମିଳାଇବା ବିଷୟ ନୁହେଁ। ଏହା ନିବେଶକ, ପ୍ରତିଯୋଗୀ ଏବଂ ବଜାର ପାଇଁ ଏକ ସଙ୍କେତ ଯେ ଏହି ରାଜ୍ୟ ହେଉଛି ବ୍ୟବସାୟ ପାଇଁ ଉଦ୍ଦିଷ୍ଟ। ସାଧାରଣରେ ପଛଘୁଞ୍ଚା ଦେବା କେବଳ ଚୁକ୍ତିକୁ ଦୁର୍ବଳ କରେ ନାହିଁ; ବରଂ ଏହା ସରକାରଙ୍କ ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଏ। ଏହା ସହ ବୁଝାମଣାପତ୍ରର ବିଶ୍ୱସନୀୟତା ଏପରି କିଛି ନୁହେଁ, ଯାହାକୁ ଆପଣ ଇଚ୍ଛାନୁସାରେ ସ୍ୱାକ୍ଷର ଏବଂ ଅସ୍ୱୀକାର କରିପାରିବେ। ଯୋଗୀ ଆଦିତ୍ୟନାଥ ଯେଉଁଭଳି ସ୍ପଷ୍ଟୀକରଣ ଦେଇଛନ୍ତି ତାହା ଅଧିକ ବିସ୍ମୟଜନକ। ସରକାରଗୁଡ଼ିକ ସବୁବେଳେ ପ୍ରାରମ୍ଭିକ ଚୁକ୍ତିନାମା ସ୍ୱାକ୍ଷର କରନ୍ତି। ତେବେ ପ୍ରତ୍ୟେକ ବୁଝାମଣାପତ୍ର ଏକ ଚୂଡ଼ାନ୍ତ ପ୍ରକଳ୍ପର ରୂପରେଖ ନିଏ ନାହିଁ। କିନ୍ତୁ ରାଜ୍ୟକୁ ଠିକ୍ ସମୟରେ ନିଜର ପ୍ରତିବଦ୍ଧତାକୁ ଅଣଦେଖା ନ କରି ଦ୍ୱନ୍ଦ୍ୱକୁ ଶାନ୍ତ ତଥା ବୃତ୍ତିଗତ ଭାବରେ ପରିଚାଳନା କରିବାର ଏକ ଉପାୟ ରହିଛି। ଉତ୍ତର ପ୍ରଦେଶ ବର୍ଷ ବର୍ଷ ଧରି ନିଜକୁ ନିବେଶ-ଅନୁକୂଳ ଏବଂ ଗମ୍ଭୀର ଭାବରେ ପୁନଃସ୍ଥାପିତ କରିବାକୁ ଚେଷ୍ଟା କରିଆସୁଛି। ସେହି ପ୍ରୟାସ ରାତାରାତି ଭାଙ୍ଗିଯିବ ନାହିଁ - କିନ୍ତୁ ଏହିପରି ବାଧା ଆସିପାରେ। କାରଣ ନିବେଶକମାନେ କେବଳ ଚୁକ୍ତିନାମା ସ୍ୱାକ୍ଷର କରନ୍ତି ନାହିଁ। ସେମାନେ ସଙ୍କେତକୁ ବୁଝନ୍ତି। ଏବେ ସଙ୍କେତ ଟିକିଏ ଅସ୍ଥାୟୀ ବା କାମଚଳା ଭଳି ମନେହେଉଛି।

### ଗୋଏଲଙ୍କୁ ନେଇ ଚର୍ଚ୍ଚା

ଅଜିତ ଡୋଭାଲ ପୁନର୍ବାର ପରବର୍ତ୍ତୀ ଜାତୀୟ ସୁରକ୍ଷା ପରାମର୍ଶଦାତା ହେବା ଅନୁମାନ କରାଯାଉଛି (ଯଦିଓ ସେ ଏପର୍ଯ୍ୟନ୍ତ ରାଜି ହେବାର କୌଣସି ସଙ୍କେତ ଦେଖାଉନାହାନ୍ତି) । ଏହି ସମୟରେ ସାମନ୍ତ ଗୋଏଲଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଏହାକୁ ଯଦି ବିଶ୍ୱାସ କରାଯାଏ, ତେବେ ବୁଝିବାକୁ ହେବ ଯେ, ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଚର୍ଚ୍ଚିତ ହେବା ଅପେକ୍ଷା ଗୁପ୍ତରେ କାମ କରିବାକୁ ପସନ୍ଦ କରନ୍ତି। ଗୋଏଲଙ୍କ ଦକ୍ଷତା ରହିଛି। ସେ ସମସ୍ୟାର ସମାଧାନ କରନ୍ତି। ଆମେରିକାର ପୂର୍ବତନ ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନଙ୍କ ସହିତ ଆଫଗାନିସ୍ତାନ - ଇରାନ-ରୁଷ-ମଧ୍ୟ ଏସିଆର ଗୁପ୍ତଚର ନେଟୱର୍କଗୁଡ଼ିକର ସଂଯୋଗ ସମ୍ପର୍କରେ ତାଙ୍କ ସ୍ପଷ୍ଟ ଆଲୋଚନା ବାସ୍ତବରେ ଭାରତର ପରବର୍ତ୍ତୀ ଆବଶ୍ୟକତାକୁ ନେଇ ପ୍ରସ୍ତୁତ କରାଯାଉଛି। ଏହା ଆବଶ୍ୟକ। କିନ୍ତୁ ପ୍ରଶ୍ନ ଉଠୁଛି ଏହା ପ୍ରକୃତରେ ସାହାଯ୍ୟ କରିବ କି ? ଭାରତର ସୁରକ୍ଷା ସମ୍ପର୍କିତ ଆହ୍ୱାନଗୁଡ଼ିକ ଆଉ କେବଳ ପ୍ରତିପକ୍ଷମାନଙ୍କୁ ପଛରେ ପକାଇବା ବିଷୟରେ ନୁହେଁ। ଏହା ମେଣ୍ଟ ଏବଂ ଆର୍ଥିକ ପାରସ୍ପରିକ ନିର୍ଭରଶୀଳତା ପରିଚାଳନାକୁ ଗୁରୁତ୍ୱ ଦେବା ଦରକାର। ରୁଷିଆ ଏବଂ ଇରାନ ଭଳି ଦେଶ ସହିତ ଗଭୀର ଗୁପ୍ତଚର ସମ୍ପର୍କ ରଖାଯାଉ। ଏହା ବୁଦ୍ଧିମାନର କାର୍ଯ୍ୟ ଏବଂ ଆବଶ୍ୟକ ମଧ୍ୟ। ତେବେ ଏକ ଶକ୍ତିଶାଳୀ, ସୁରକ୍ଷା-ଚାଳିତ ରାଷ୍ଟ୍ର ବିକଶିତ ଭାରତ ପାଇଁ ଯୁକ୍ତିଯୁକ୍ତ ପଥ ବୋଲି ଧାରଣା ରହିଛି। ପ୍ରକୃତ ପ୍ରଶ୍ନ ହେଉଛି ଭାରତକୁ ଗୁପ୍ତଚର କ୍ଷେତ୍ରରେ ଜଣେ ମହାରଥୀଙ୍କ ଆବଶ୍ୟକତା ଅଛି ନା କ୍ଷମତା ଓ ନୀତିକୁ ସନ୍ତୁଳିତ କରିବାରେ ସମାନ ଭାବରେ ଦକ୍ଷ ବ୍ୟକ୍ତିଙ୍କ ଆବଶ୍ୟକତା ରହିଛି?

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | | | |
| 3 | | | 4 | 7 | 6 | | | |
| | 2 | 5 | | | 8 | | 1 | |
| 7 | | | | 4 | | | 6 | 8 |
| | | | | | | | | |
| | | 8 | 6 | | | 2 | | 7 |
| 1 | 7 | 4 | | 5 | | | | |
| | | | | | | | | 5 |
| | 9 | 6 | 8 | | 7 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 9 | 3 | 7 | 1 | 5 | 6 |
| 5 | 9 | 1 | 4 | 8 | 6 | 2 | 3 | 7 |
| 3 | 7 | 6 | 5 | 1 | 2 | 9 | 8 | 4 |
| 7 | 1 | 9 | 3 | 5 | 4 | 6 | 2 | 8 |
| 8 | 6 | 3 | 2 | 7 | 1 | 4 | 9 | 5 |
| 4 | 2 | 5 | 6 | 9 | 8 | 3 | 7 | 1 |
| 1 | 5 | 2 | 7 | 4 | 9 | 8 | 6 | 3 |
| 6 | 3 | 4 | 8 | 2 | 5 | 7 | 1 | 9 |
| 9 | 8 | 7 | 1 | 6 | 3 | 5 | 4 | 2 |

ଗତକାଲିର ଉତ୍ତର

# ନିର୍ବାଚନ: ଆଞ୍ଚଳିକ ଦଳ ବନାମ ଏନ୍‌ଡିଏ



**ସୌଭାଗ୍ୟ ସୁନ୍ଦରରାୟ**

କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ ସହ ୪ଟି ରାଜ୍ୟ ବିଧାନସଭା ପାଇଁ ଚଳିତ ମାସରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ସମସ୍ତ ରାଜ୍ୟରେ ରହିଛି ମୋଟ ୮୨୪ଟି ବିଧାନସଭା କ୍ଷେତ୍ର। ପଶ୍ଚିମବଙ୍ଗରେ ସର୍ବାଧିକ ୨୯୪ଟି ଆସନ ରହିଥିବାବେଳେ ତାମିଲନାଡୁରେ ୨୩୪, କେରଳରେ ୧୪୦, ଆସାମରେ ୧୨୬ ଓ ପୁଡୁଚେରୀରେ ୩୦ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। କେବଳ ଆସାମ ଓ ପୁଡୁଚେରୀକୁ ବାଦ ଦେଲେ ଅନ୍ୟ ତିନି ରାଜ୍ୟରେ ଆଞ୍ଚଳିକ ଦଳ ବା ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧୀ ମେଣ୍ଟ ସମ୍ପ୍ରତି ଶାସନ ବ୍ୟବସ୍ଥାରେ ରହିଛି। ଏହି ରାଜ୍ୟଗୁଡ଼ିକରେ ଆଞ୍ଚଳିକ ଦଳର ପ୍ରାଧାନ୍ୟ ରହିଥିବାବେଳେ ଜାତୀୟ ଦଳ ଭାବେ କଂଗ୍ରେସ ସଙ୍କୁଚିତ ହେଉଛି ଓ ଭାଜପା କାୟା ବିସ୍ତାର କରିଚାଲିଛି। ଇତିମଧ୍ୟରେ ଆସାମ ପାଇଁ କଂଗ୍ରେସ ଓ ତାମିଲନାଡୁ ପାଇଁ ଶାସକ ଡିଏମ୍‌କେ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିସାରିଛି।

ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟର ଶାସକ ଦଳ ସ୍ଥିତି ଦେଖିବାକୁ ଗଲେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଲୋକପ୍ରିୟତା ପ୍ରାୟତଃ ରହିଛି। ମୁସଲିମ ଓ ମହିଳା ଭୋଟର ମମତାଙ୍କ ନିକଟରେ ଅଛି। ତେବେ ଏସ୍‌ଆଇଆର୍ ଯୋଗୁ ରାଜ୍ୟର ଭୋଟ ଗଣିତରେ ପରିବର୍ତ୍ତନ ଘଟିବାର ସମ୍ଭାବନା ଅଛି। ଏଥିଯୋଗୁ ଟିଏମ୍‌ସି କିଛି ଭୋଟ ବ୍ୟାଙ୍କ ହରାଉଥିବାବେଳେ ଭାଜପା ମଧ୍ୟ କିଛି ଭୋଟ ହରାଇବ। ସୀମାନ୍ତବର୍ତ୍ତୀ ଅଞ୍ଚଳ ଉତ୍ତର ୨୪ ପ୍ରଗଣା ଓ ନଦିଆ ଅଞ୍ଚଳରେ ଭାଜପା କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ତେଣେ ଟିଏମ୍‌ସି ସହରାଞ୍ଚଳରେ କ୍ଷତିଗ୍ରସ୍ତ ହୋଇପାରେ। ରାଜ୍ୟରେ କୁଶାସନ, ଦୁର୍ନୀତି, ରାଷ୍ଟ୍ରପତିଙ୍କୁ ଅବମାନନା ଓ ଅନୁପ୍ରବେଶକାରୀ ପ୍ରସଙ୍ଗକୁ ନେଇ ଭାଜପା ନିର୍ବାଚନ ପ୍ରଚାର ଆରମ୍ଭ କରିଛି। ଏହାର ମୁକାବିଲାରେ କେନ୍ଦ୍ର ବନାମ ରାଜ୍ୟ ପ୍ରସଙ୍ଗ ଓ ବାଂଲା ଅସ୍ମିତା ପ୍ରସଙ୍ଗ ମମତା ନିର୍ବାଚନରେ ଉଠାଇଛନ୍ତି।

ଚଳିତ ନିର୍ବାଚନରେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରେ ଭାଜପା ରାଜ୍ୟରେ ସରକାର ଗଠନ କରିବ ବୋଲି ପଶ୍ଚିମବଙ୍ଗ ଗସ୍ତ ଅବସରରେ ଶାହା ପୂର୍ବାନୁମାନ କରିଛନ୍ତି। ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୯୪, ଯାହା ଉତ୍ତରପ୍ରଦେଶ ପରକୁ ଦ୍ୱିତୀୟ ବୃହତ୍ତମ ବିଧାନସଭା ଆସନ ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ। ରାଜବଂଶୀ ଓ ମାତୁଆ ସମ୍ପ୍ରଦାୟ ପଶ୍ଚିମବଙ୍ଗର ଦ୍ୱିତୀୟ ବୃହତ୍ତମ ଅନୁସୂଚିତ ଜାତି। ଏସ୍‌ଆଇଆର୍‌କୁ ନେଇ ଏହି ସମ୍ପ୍ରଦାୟ ଅସନ୍ତୁଷ୍ଟ ରହିଛନ୍ତି, ଯାହା ଭାଜପା ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ। ପଶ୍ଚିମବଙ୍ଗ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂରଣ ଉତ୍ସବ ପାଳନ କରିବା ନିମନ୍ତେ ଭାଜପା ତତ୍ପରତା ପ୍ରକାଶ କରିଥିଲା। ଏହାକୁ ନିର୍ବାଚନ କୌଶଳ ଦୃଷ୍ଟିକୋଣରୁ ଦେଖାଯାଇପାରେ। ଏଥିପାଇଁ ସଂସଦରେ ବିତର୍କ ସମୟରେ ଦେଶ ବିଭାଜନ ପାଇଁ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ଦାୟୀ କରିଥିଲେ। ତେଣେ ଆଚରଣବିଧି ଲାଗୁ ପୂର୍ବରୁ ତୃଣମୂଳ ସରକାର ଆସନ୍ତା ଏପ୍ରିଲ ୧ ତାରିଖରୁ ରାଜ୍ୟରେ ଯୁବ ସାଥୀ ଯୋଜନା ପାଇଁ ଘୋଷଣା କରିଛନ୍ତି। ଏହି ଯୋଜନାରେ ୨୧ରୁ ୪୦ ବର୍ଷ ମଧ୍ୟରେ ବ୍ୟକ୍ତିଙ୍କୁ ମାସିକ ୧୫୦୦ ଟଙ୍କା ଲେଖାଏ ବେରୋଜଗାରି ଭତ୍ତା ମିଳିବ। ଏଥିସହ ମହିଳାଙ୍କ ପାଇଁ ଗତ ଫେବୃୟାରୀରୁ ଲକ୍ଷ୍ମୀ ଭଣ୍ଡାର ଯୋଜନାର ଭତ୍ତା ପରିମାଣ ୫୦୦ ଟଙ୍କାକୁ ବୃଦ୍ଧି କରିବା ସହ କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିଛନ୍ତି। ତେବେ ଟିଏମ୍‌ସିର ଜଣେ ଚତୁର ରଣନୀତିଜ୍ଞ ମୁକୁଲ ରୟଙ୍କ ନିଧନ ଦଳ ପାଇଁ କିଛିଟା ନୈରାଶ୍ୟଜନକ ହୋଇପାରେ ବୋଲି ଅନୁମାନ କରାଯାଉଛି। ରାଜ୍ୟରେ କଂଗ୍ରେସ ଏକାକୀ ନିର୍ବାଚନ ଲଢୁଛି।

ଆସାମରେ ଏବେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ରହିଛି। ରାଜ୍ୟରେ ଦଳ ପୂର୍ଣ୍ଣ ବହୁମତ ପାଇପାରି ନାହିଁ। ୨୦୧୬ ଓ ୨୦୨୧ ବିଧାନସଭା ନିର୍ବାଚନରେ ଦଳ ସମାନ ସଂଖ୍ୟକ ୬୦ଟି ଆସନ ଲାଭ କରିବାରେ ସମର୍ଥ ହୋଇଛି। ୧୨୬ ବିଧାନସଭା ଆସନବିଶିଷ୍ଟ ଆସାମ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ କଂଗ୍ରେସକୁ କଟାକ୍ଷ କରି କହିଛନ୍ତି ଯେ, ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୬୯୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବା ପ୍ରସଙ୍ଗରେ ଆସାମ ସରକାରଙ୍କ ବିରୋଧରେ ଜନ ଅସନ୍ତୋଷ ରହିଛି। ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆସାମର ବରିଷ୍ଠ କଂଗ୍ରେସ ନେତା ଭୂପେନ ବୋରହା ଭାଜପାରେ ଯୋଗ ଦେଇଛନ୍ତି, ଯାହା କେତେକାଂଶରେ ଏନ୍‌ଡିଏ ପାଇଁ ସହାୟକ ହୋଇପାରେ। କଂଗ୍ରେସ ଯୁବ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁତ୍ର ଗୌରବ ଗୋଗୋଇଙ୍କ ଉପରେ ଭରସା ରଖି ନିର୍ବାଚନ ଲଢ଼ିବ। ଗୌରବ ଏବେ ଆସାମ ପ୍ରଦେଶ କଂଗ୍ରେସ ସଭାପତି ଅଛନ୍ତି।

ତାମିଲନାଡୁରେ ଆଞ୍ଚଳିକ ଦଳ ଡିଏମ୍‌କେ ଶାସନ କ୍ଷମତାରେ ରହିଛି। ୨୩୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ଦଖଲ ନିମନ୍ତେ ଭାରତୀୟ ଜନତା ଦଳ ବିକାଶକୁ ପ୍ରସଙ୍ଗ କରିବା ଦେଖାଯାଉଛି। କାରଣ



ତାମିଲନାଡୁରେ କୁଶାସନ ଓ ଦୁର୍ନୀତି ବିଷୟ ଉଲ୍ଲେଖ କରିବାକୁ ଭାଜପା ନିଟକରେ ତଥ୍ୟ ନାହିଁ। ବିଗତ ୫ ବର୍ଷ ଧରି ସଂଘୀୟ କ୍ଷମତାକୁ ନେଇ ତାମିଲନାଡୁ କେନ୍ଦ୍ର ସହ ଲଢ଼ି ଚାଲିଛି। ରାଜ୍ୟ ସରକାର ତାମିଲ ମାନସିକତାକୁ ଲକ୍ଷ୍ୟ ରଖି ସମସ୍ତ ସରକାରୀ କାର୍ଯ୍ୟ ତାମିଲ ଭାଷାରେ କରିବା ସହ ଜାତୀୟ ଶିକ୍ଷା ନୀତିରେ ତ୍ରିଭାଷୀ ସୂତ୍ରକୁ ଅଗ୍ରାହ୍ୟ କରି ଏହାର ବିକଳ୍ପ ଭାବେ ରାଜ୍ୟ ନିଜସ୍ୱ ଶିକ୍ଷା ନୀତି ପ୍ରଣୟନ କରିଛି। ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ, ଓଡ଼ିଆ, ବଙ୍ଗଳା ଓ ମରାଠୀ ଭାଷାରେ ସାହିତ୍ୟ ପୁରସ୍କାର ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ନିର୍ବାଚନ ପାଇଁ ମୁଖ୍ୟତଃ ଭାଷା ଓ ସଂସ୍କୃତି ଅସ୍ମିତା ଉପରେ ଡିଏମ୍‌କେ ଦୃଷ୍ଟି କେନ୍ଦ୍ରୀଭୂତ କରିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ତାମିଲନାଡୁ ନିର୍ବାଚନ ପ୍ରସଙ୍ଗରେ କଚ୍ଚାଥେଭୁ ଦ୍ୱୀପ ପ୍ରସଙ୍ଗ ଉଠାଇଛନ୍ତି। ୧୯୭୪ ମସିହାରେ କଂଗ୍ରେସ ସରକାର ଏହାକୁ ଶ୍ରୀଲଙ୍କାକୁ ହସ୍ତାନ୍ତର କରିଥିଲେ ବୋଲି ସେ କହିବା ସହ ଦଳ ତାମିଲନାଡୁର ସାଂସ୍କୃତିକ ପର୍ବ ଜାଲିକାଟ୍ଟୁ ବନ୍ଦ କରାଯିବା ବିଷୟ ମଧ୍ୟ ଉଠାଇଛି। ତାମିଲନାଡୁରେ ଏବେ କଂଗ୍ରେସ- ଡିଏମ୍‌କେ ମେଣ୍ଟ ରହିଛି। ତେଣେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଆଇଏଡିଏମ୍‌କେର ପୂର୍ବତନ ବରିଷ୍ଠ ନେତ୍ରୀ ଭି.କେ. ଶଶୀକଳା ଏଆଇପିଟିଏମ୍‌ଏମ୍‌କେ ନାମରେ ନୂତନ ଦଳ ଗଠନ କରି ଚଳିତ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ପ୍ରସ୍ତୁତ ହୋଇଛନ୍ତି ଏବଂ ଏଆଇଏଡିଏମକେର ମୁଖ୍ୟ ଇ.କେ.ପାଲାନିସ୍ୱାମୀଙ୍କ ନେତୃତ୍ୱରୁ ଓ.ପନିରସେଲଭାମ ଓହରିଯାଇ ଶାସକ ଡିଏମକେରେ ଯୋଗ ଦେଇଛନ୍ତି। ପନିରସେଲଭାମ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ଥିଲେ। ରାଜ୍ୟରେ ଏଆଇଏଡ଼ିଏମକେ ସହ ଭାଜପା ମେଣ୍ଟ କରିଛି।

କେରଳରେ ବିଧାନସଭା ଆସନ ସଂଖ୍ୟା ୧୪୦। ଏଠାରେ ଏଲ୍‌ଡିଏଫ ସରକାର ରହିଛି। ତେବେ ଗତ ନଗରପାଳିକା ନିର୍ବାଚନରେ କଂଗ୍ରେସ ଏଠାରେ ଭଲ ଫଳାଫଳ କରିଥିବାବେଳେ ଦୀର୍ଘ ଦିନ ଧରି ବାମଦଳ ଦଖଲରେ ଥିବା ଥିରୁଭାନ୍ତପୁରମ ନଗର ନିଗମକୁ ଭାଜପା ଦଖଲ କରିବାରେ ସମର୍ଥ ହୋଇଛି। ଏହି କାରଣରୁ କେରଳ ନିର୍ବାଚନକୁ ନେଇ କଂଗ୍ରେସ ଓ ଭାଜପା ଉତ୍ସାହିତ ଅଛନ୍ତି। କିନ୍ତୁ କେରଳର ନିର୍ବାଚନ ଇତିହାସକୁ ଦେଖିଲେ ଜଣାଯାଏ ଯେ, ଏଠାରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ଏବଂ ବାମପନ୍ଥୀ ନେତୃତ୍ୱାଧୀନ ଏଲ୍‌ଡିଏଫ ପାଳି କରି ଶାସନ କ୍ଷମତା ଦଖଲ କରିଥାନ୍ତି। ଗତ ନିର୍ବାଚନରେ ଏହି ଧାରା ଭାଙ୍ଗି ଯାଇଥିଲା। କାରଣ ଏଲଡିଏଫ ଲଗାତର ଦ୍ୱିତୀୟ ଥର ଶାସନ କ୍ଷମତାକୁ ଆସିଥିଲା। ଇତିମଧ୍ୟରେ କେରଳର ନାମ ପରିବର୍ତ୍ତନକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏହାକୁ ଦଳ ନିର୍ବାଚନୀ ପ୍ରସଙ୍ଗ କରିପାରେ।

ପୁଡୁଚେରୀରେ ଆସନ ସଂଖ୍ୟା ୩୦ ରହିଛି। ଏଠାରେ ତାମିଲ ଭାଷା ଅସ୍ମିତାର ପ୍ରଭାବ ରହିଛି। ଏନ.ରଙ୍ଗସ୍ୱାମୀଙ୍କ ଏଆଇଏନ୍‌ଆର୍‌ସି ଦଳ ନେତୃତ୍ୱରେ ରାଜ୍ୟରେ ଏନ୍‌ଡିଏ ସରକାର ରହିଛି। ଏଆଇଏନ୍‌ଆରସିର ୧୦, ଭାଜପାର ୬, କଂଗ୍ରେସର ୨, ଡିଏମକେର ୬ ଓ ନିର୍ଦ୍ଦଳୀୟ ୬ ବିଧାୟକ ଅଛନ୍ତି। ୨୦୧୬ ବିଧାନସଭା ନିର୍ବାଚନରେ କଂଗ୍ରେସ ରାଜ୍ୟରେ ୧୫ଟି ବିଧାନସଭା ଲାଭ କରିଥିଲା। ୨୦୨୧ରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨ଟି ଆସନ ଲାଭ କରିଥିଲା। ଏଥର ତାମିଲନାଡୁ ପରି ଡିଏମ୍‌କେ ସହ ମେଣ୍ଟ କରି କଂଗ୍ରେସ ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିପାରେ।

**ମୋ:୯୪୩୭୨୨୯୨୩୩**

# ସନ୍ତାନ ପାଳନ ଓ ମାର୍ଗ ଦର୍ଶନ



**ଡ. କମଳା ପ୍ରସାଦ ମହାପାତ୍ର**

ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ସର୍ବଶ୍ରେଷ୍ଠ ଜୀବ ରୂପେ ପରିଗଣିତ ହୋଇଥାଏ। ଏହାର କାରଣ ହେଲା ଜୀବଜନ୍ତୁମାନେ ଭଲ, ମନ୍ଦ, ଭୁଲ୍, ଠିକ୍ ବିବେଚନା କରିବାରେ ଅସମର୍ଥ ହୋଇଥିବା ବେଳେ ମଣିଷ ଭଲ, ମନ୍ଦ, ଭୁଲ୍, ଠିକ୍, ନୈତିକ, ଅନୈତିକ, କରଣୀୟ, ବର୍ଜନୀୟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ସହ ନିଜର କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିଥାଏ। ମାନବ ସଭ୍ୟତାର ଉନ୍ମେଷ କାଳରୁ ଅଦ୍ୟାବଧି ମଣିଷ ସୃଷ୍ଟିରେ ନିଜର ପ୍ରଜ୍ଞା, ପ୍ରତିଭା, ଧୀଶକ୍ତି, ବୌଦ୍ଧିକତାର ପ୍ରୟୋଗ କରି ଉତ୍କର୍ଷ, ଗରିମା ଓ ଗୁରୁତ୍ୱ ପ୍ରତିପାଦନ କରିପାରିଛି।

ମଣିଷ ଜୀବନ ଅବଧି ମଧ୍ୟରେ ବିଭିନ୍ନ ସ୍ତର ଯଥା-ଶୈଶବ, କୈଶୋର, ପ୍ରୌଢ଼ ଓ ବୃଦ୍ଧାବସ୍ଥା ଦେଇ ଗତି କରିଥାଏ। ପିଲାଟିଏ ଜନ୍ମ ହେବାପରେ ମାତାପିତାଙ୍କର ଆନନ୍ଦ ପ୍ରାପ୍ତି ସହ ସାମାଜିକ ଦାୟିତ୍ୱ ବହୁଗୁଣରେ ବୃଦ୍ଧି ପାଇଥାଏ। ପିଲାଟିର ଉପଯୁକ୍ତ ପାଳନ ପୋଷଣ ସହ ତା'ର ଉଚିତ ମାର୍ଗ ଦର୍ଶନ କରିବା ମାତା ପିତାଙ୍କର ଦାୟିତ୍ୱ ଅନ୍ତର୍ଭୁକ୍ତ। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ଅଭାବ ପରିଲକ୍ଷିତ ହୋଇଥାଏ। ପିଲାଟିର ଉଚିତ ଲାଳନ ପାଳନ, ଉପଯୁକ୍ତ ଖାଦ୍ୟ, ପାନୀୟ, ବସ୍ତ୍ର, ସ୍ୱାସ୍ଥ୍ୟସେବା ସହ ଶିକ୍ଷା, ସଂସ୍କୃତି, ଶୃଙ୍ଖଳା ଓ ବୌଦ୍ଧିକ ବିକାଶ ପାଇଁ ଏକ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନ ଚୟନ କରି ଶିକ୍ଷାଦାନର ବ୍ୟବସ୍ଥା କରିଥାନ୍ତି।

ସ୍କୁଲ ଯିବା ପୂର୍ବରୁ ପିଲାମାନେ ନିଜ ମାତାପିତାଙ୍କ ପାଖରୁ ଚାରିତ୍ରିକ ମୂଲ୍ୟବୋଧ ଓ ସଂସ୍କୃତି ଶିକ୍ଷା କରିଥାନ୍ତି। ପ୍ରଖ୍ୟାତ ଦାର୍ଶନିକ ଜନ ଲକ କହିଥିଲେ, ଗୋଟିଏ ଶିଶୁର ମସ୍ତିଷ୍କ ଏକ ସଫେଦ ସ୍ଲେଟ ସଦୃଶ। ସେ ବଡ଼ ହେବା ପରେ ହିଁ ପରିବାରରୁ ଓ ସମାଜରୁ ଯାହା କିଛି ଶିଖିଥାଏ। ସୁତରାଂ ଏକ ଶିଶୁର ଚରିତ୍ର ଗଠନରେ ପରିବାରର ଯେ ଏକ ପ୍ରମୁଖ ଭୂମିକା ରହିଛି ଏହା ଅନସ୍ୱୀକାର୍ଯ୍ୟ। ମା ହେଉଛନ୍ତି ପିଲାର ପ୍ରଥମ ଶିକ୍ଷକ। ଯେଉଁ ପରିବାରର ସଂସ୍କୃତି ଯେତେ ଉନ୍ନତ, ସେ ପରିବାରର ପିଲା ସେତେ ଶୃଙ୍ଖଳିତ । ଅବଶ୍ୟ ପିଲାଟି ସ୍କୁଲ ଯିବା ପରେ ପରିବାର ଚଉହଦୀରୁ ବାହାରି ସ୍କୁଲର ନିୟନ୍ତ୍ରଣକୁ ଆସିଥାଏ। ମାତ୍ର ବିଡମ୍ବନାର ବିଷୟ ଏହି ଯେ, ଅଧୁନା ଆମ ସମାଜରେ ଯୌଥ ପରିବାରର ବିଲୟ ଘଟିଛି। ଯୌଥ ପରିବାରରେ ପିଲାଟିଏ କକେଇ, ଖୁଡ଼ୀ, ଦଦେଇ, ଦେଠେଇ, ଜେଜେ, ଜେଜେ ମା, ଭାଇ, ଭଉଣୀ ମାନଙ୍କ ଗହଣରେ ସମୟ ବିତାଇବାର ସୁଯୋଗ ପାଇଥାଏ। ରାତିରେ ଜେଜେ ମା'ଙ୍କ ପାଖରୁ ବୁଢ଼ୀ ଅସୁରୁଣୀ, ସସେମିରା ଗପ, ସୀତା ହରଣ, ଲଙ୍କା ପୋଡ଼ି, ବାଜି ରାଉତ, ବାଇ ମୁଣ୍ଡି, ଶିବେଇ ସାନ୍ତରା, କୋଣାର୍କ ନିର୍ମାଣ ଇତ୍ୟାଦି କାହାଣୀ ସହ ଆମ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା, ପର୍ବ ପର୍ବାଣି ବିଷୟରେ ଅନେକ କଥା ଜାଣିବାକୁ ପାଇଥାଏ। ଏହି ପରିବେଶ ପିଲାଟିର ମାର୍ଗଦର୍ଶନରେ ଯଥେଷ୍ଟ ସହାୟକ ହେଉଥିଲା। ମାତ୍ର ଆଜିକାଲି ଏକକ ବା ଅଣୁ ପରିବାର ପରିଲକ୍ଷିତ ହେଉଅଛି, ତା' ସହ ପୁଣି ମାତା ପିତା ଦୁହେଁ କର୍ମଜୀବୀ। ପିଲାଟି ସହ ଛୁଟିଦିନ



ଛାଡ଼ି ଦେଲେ କାର୍ଯ୍ୟ ଦିବସରେ ମା'ବାପାଙ୍କର ପ୍ରାୟ ସାକ୍ଷାତ ହୁଏ ନାହିଁ। ସକାଳ ହେଲେ ସେମାନେ ଅଫିସ ଯିବା ପାଇଁ ତତ୍ପର ଥିବା ବେଳେ ଆୟା ପିଲାକୁ ପ୍ରସ୍ତୁତ କରି ସ୍କୁଲ ବସରେ ଉଠାଇ ଦେଇ ଆସିବ। ମାତା ପିତା ଦୁହେଁ ଅଫିସ ବାହାରି ଯିବେ। ସ୍କୁଲରୁ ଫେରି ଭୋଜନ କରି ସ୍ୱଳ୍ପ ବିଶ୍ରାମ ନେବା ପରେ ପିଲାଟି ପୁଣି ଆଣ୍ଟି ସହ ଟିଉସନ ପଢ଼ିବାକୁ ଯାଏ। ମାତା ପିତା ଅଫିସରୁ ଘରକୁ ଫେରିବା ବେଳକୁ ରାତି ଉତ୍ତୀର୍ଣ୍ଣ ହୋଇଥିବାରୁ ପିଲାଟି ଶୋଇପଡ଼ିବା ସ୍ୱାଭାବିକ। ପିଲାଟିର ଦୁନିଆ ହେଲା ସେହି ଗୃହ ସହାୟିକା, ମାସିକ ବେତନ ଭୋଗୀ ଆୟା ଯାହାକୁ କୋମଳମତି ଶିଶୁଟି ଆଣ୍ଟି ବୋଲି ସମ୍ବୋଧନ କରେ ଓ ତା' ସହ ସବୁ ଅନୁଭବ ଅନୁଭୂତିକୁ ବାଣ୍ଟିଥାଏ। ଆସ୍ତେ ଆସ୍ତେ ପିଲାଟିର ଆୟା ସହ ଭାବଗତ ସମ୍ପର୍କ ଗଢି ଉଠିଥାଏ। ନିଜ ମାତା ପିତାଙ୍କ ସହ ଭାବଗତ ସମ୍ପର୍କ ଆସ୍ତେ ଆସ୍ତେ ଶିଥିଳ ହୋଇଯାଏ।

ବର୍ତ୍ତମାନ ପ୍ରଶ୍ନ ଉଠେ ଖାଲି ପଇସା ଖର୍ଚ୍ଚ କରି, ଆୟା ନିଯୁକ୍ତ କରିଦେଇ, ଭଲ ଖାଦ୍ୟ ବସ୍ତ୍ର ଦେଇ, କ୍ରେଚରେ ଛାଡ଼ି ଦେଇ, ଟିଉସନ ପଠେଇ ଦେଲେ କ'ଣ ପିଲାଟି ମଣିଷ ହୋଇଯିବ ? ଏତିକିରେ ମା' ବାପାଙ୍କର ଦାୟିତ୍ୱ ସମ୍ପନ୍ନ ହୋଇଯିବ? ଆତ୍ମ ସନ୍ତୋଷ, ଆତ୍ମ ପ୍ରବଞ୍ଚନାରେ ବଞ୍ଚୁ ଥିବା ମାତାପିତାମାନେ ଜାଣିବା ଦରକାର ଯେ ପିଲାଟିର ପାଳନ ପୋଷଣର ଅର୍ଥ ନୁହେଁ ଭଲ ଖାଦ୍ୟ, ବସ୍ତ୍ର, ଖେଳନା, ସ୍କୁଲ, ଟିଉସନ ମାତ୍ର ପିଲାଟିର ଆବେଗାତ୍ମକ, ଭାବନାତ୍ମକ, ଆତ୍ମିକ, ସାନ୍ନିଧ୍ୟ ଲୋଡ଼ା, ଯେଉଁଥିରୁ ସେ ବଞ୍ଚିତ ବୋଲି ଉପଲବ୍ଧି କଲାଣି । ଶିଶୁଟି ସବୁ ସମୟରେ ନିଜ ମାବାପାଙ୍କର ସ୍ନେହ, ଅନାବିଳ ଶ୍ରଦ୍ଧା, ଉଷ୍ମ ସାନ୍ନିଧ୍ୟ ଲାଭ କରିବାକୁ ଚାହିଁଥାଏ। ସ୍କୁଲରେ ଶିକ୍ଷକ ଅଭିଭାବକ ମିଟିଂ ଦିନଟିକୁ ଉତ୍ସୁକତାର ସହ ଅପେକ୍ଷା କରିରହିଥାଏ। ପିଲାଟି ସବୁ ସମୟରେ ଚାହେଁ ନିଜ ମାମା ପାପାଙ୍କ ସହ ତା'ର ଫୁରସତ ସମୟ ବିତାଇବ। ଯେତେବେଳେ ତା'ର ସେ ଇଚ୍ଛା ପୂରଣ ହୁଏ ନାହିଁ ସେ ମାନସିକ ସ୍ତରରେ ଆଘାତ ପାଇବା ସହ ତା' ଜୀବନ ଉପରେ ଏକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତା'ର ଆତ୍ମ ବିଶ୍ୱାସ ହ୍ରାସ ପାଇଥାଏ ଏବଂ ଯେଉଁ ସମୟରେ ସେ ମୁକ୍ତ ମାନସିକତା, କ୍ରୀଡା ବିଭୋରତାରେ ସାଙ୍ଗମାନଙ୍କ ସହ ସମୟ ଅତିବାହିତ କରିବା କଥା, ସେତେବେଳେ ସେ ଗଭୀର ମାନସିକ ଚାପରେ ରହିଥାଏ। ପରୀକ୍ଷା ସରିବା ପରେ ମାମା ପାପା ରିପୋର୍ଟ କାର୍ଡ ଉପରେ ଗୁରୁତ୍ୱ ଦେଇ କମ ନମ୍ବର ରଖି ଥିବାରୁ ପିଲାଟି ଉପରେ କ୍ଷୁବ୍ଧ ହୋଇ କହନ୍ତି ତୋ ସାଙ୍ଗ ରାହୁଲ ଯଦି ଏତେ ଭଲ ନମ୍ବର ରଖିଲା ତୋର ଏତେ ଖରାପ ପ୍ରଦର୍ଶନ କ'ଣ ପାଇଁ? ମାମା ପାପା ପିଲାଟି ସହ କିଛି ସମୟ ବିତାଇ ଗଠନମୂଳକ ପରାମର୍ଶ ସହ ତା'ର ମାର୍ଗଦର୍ଶନ କରିବା କଥା କେବେହେଲେ ଚିନ୍ତା କରିନାହାନ୍ତି। ସ୍କୁଲରେ ଟିଉସନ ରେ କ'ଣ ପଢ଼ା ହେଲା, କେବେ ହେଲେ ପିଲାଟି ସହ ଆଲୋଚନା କରିନାହାନ୍ତି। ମାତ୍ର ସେମାନଙ୍କର ପିଲା ଭଲ ରେଜଲ୍ଟ, ଭଲ ପୋଜିସନ ହାସଲ କରିବା ଚାହାନ୍ତି। ନିଜର ସନ୍ତାନକୁ ଉଚ୍ଚ ଶିକ୍ଷିତ, ସଂସ୍କୃତିସମ୍ପନ୍ନ, ଉତ୍ତମ ନାଗରିକ କରିବା ନିମିତ୍ତ ମାତା ପିତାଙ୍କର ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ମାର୍ଗଦର୍ଶନ ଯେ ଏକାନ୍ତ ଅପରିହାର୍ଯ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ।

**ମୋ: ୭୩୮୧୦୭୩୧୩୬**

## ଏଇ ଭାରତରେ

କାର୍ବନ ନିର୍ଗମନ ହ୍ରାସ କରି ବିଶ୍ୱ ତାପନ ବୃଦ୍ଧିକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ମହାରାଷ୍ଟ୍ର ବେଲା ଗ୍ରାମର ସରପଞ୍ଚଙ୍କ ସାରଦା ଗେଧାନେ ତାଙ୍କ ଗାଁରେ ୯୦,୦୦୦ ଗଛ ଲଗାଇ କାର୍ବନ ନିର୍ଗମନ ହ୍ରାସ କରିପାରିଛନ୍ତି। ଏହାବ୍ୟତୀତ ଗାଁକୁ ସୌରଶକ୍ତିର ଗାଁ ଭାବେ ପରିଚିତ କରିପାରିଛନ୍ତି। ଭନ୍ଦରା ଜିଲା ବେଲା ଗ୍ରାମରେ ସାରଦା ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇସାରିଲେଣି। ସରପଞ୍ଚ ହେବା ପରେ ସେ ବିବାହ କିମ୍ବା ଅନ୍ୟ ଉତ୍ସବରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସାମିଲ କରିଥିଲେ। ଫଳରେ ଗାଁର ପରିବେଶ ସମ୍ପୂର୍ଣ୍ଣ ବଦଳିଯାଇଛି। ଏହାସହ କାଠରେ ରୋଷେଇ ବନ୍ଦ କରିବା ଲାଗି ଏଲ୍‌ପିଜି ସଂଯୋଗ ଓ ସୌରଶକ୍ତି ବିକଳ୍ପକୁ ଗୁରୁତ୍ୱ ଦେଇଛନ୍ତି। ପଞ୍ଚାୟତର ପ୍ରାୟ ସବୁ ଘରେ ସୌରଶକ୍ତି ଉତ୍ପାଦନ ପାଇଁ ସୌରପ୍ୟାନେଲ ବସାଇବାର ବ୍ୟବସ୍ଥା କରିଛନ୍ତି। କେବଳ ଏତିକି ନୁହେଁ, ସାରଦା ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ କରି ରିସାଇକ୍ଲିଂ ପାଇଁ ପଠାଉଛନ୍ତି। ଗାଁରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଏପ୍ରିଲ ୧୯୭୭**

- ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଓ ପ୍ରବୀଣ କଂଗ୍ରେସ ନେତା ଡଃ. ନଳିନାକ୍ଷ ସାନ୍ୟାଲଙ୍କ କଂଗ୍ରେସ ଦଳ ତ୍ୟାଗ କରି ଗଣତାନ୍ତ୍ରିକ କଂଗ୍ରେସରେ ଯୋଗଦାନ।
- କଶ୍ମୀରରେ ନିଖିଳ ଭାରତ ବିପ୍ଳବୀ ଦଳ (ଅଲ୍‌ଇଣ୍ଡିଆ ରିଭଲ୍ୟୁସନାରୀ ପାର୍ଟି) ନାମରେ ଏକ ନୂତନ ରାଜନୈତିକ ଦଳର ଉଦ୍ଭବ।

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଳ ନସନା
ଆଜି ବଢ଼ିଛି ପରା ମୋ ବାସନା ।

-(ବିଶ୍ୱର ଆହ୍ୱାନ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଯୁବସମାଜ ପାଇଁ ଆଶୀର୍ବାଦ ନା ଅଭିଶାପ

ମହାଶୟ,

ବର୍ତ୍ତମାନ ସମୟରେ ଟେଲିଗ୍ରାମ, ହ୍ୱାଟସ୍‌ଆପ, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ପ୍ଲାଟ୍‌ଫର୍ମଗୁଡ଼ିକ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଏହା ଯୁବସମାଜ ପାଇଁ ଅନେକ ନୂତନ ସୁଯୋଗ ଆଣିଦେଇଛି, ତାହା ଅସ୍ୱୀକାର କରିହେବ ନାହିଁ। ଅନେକ ଛାତ୍ରୀଛାତ୍ର ଏହା ମାଧ୍ୟମରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଗଠନମୂଳକ ଆଲୋଚନା କରୁଛନ୍ତି, ଷ୍ଟଡି ଗ୍ରୁପ ମାଧ୍ୟମରେ ଜ୍ଞାନ ବାଣ୍ଟୁଛନ୍ତି ଏବଂ ବିଶ୍ୱର ଯେକୌଣସି ପ୍ରାନ୍ତରେ ଥିବା ତଥ୍ୟକୁ ସହଜରେ ପାଇପାରୁଛନ୍ତି। ସାମାଜିକ ଗଣମାଧ୍ୟମର ଅନ୍ୟ ଏକ ନକାରାତ୍ମକ ଦିଗ ରହିଛି। ଏହାର ଅନ୍ଧାନୁକରଣ ଓ ମାତ୍ରାଧିକ ବ୍ୟବହାର ଯୁବଗୋଷ୍ଠୀଙ୍କୁ ଦିଗହରା କରୁଛି। ଘଣ୍ଟା ଘଣ୍ଟା ଧରି ମୋବାଇଲ ସ୍କ୍ରିନ ଆଗରେ ବସି ରହିବା ଫଳରେ ସେମାନେ ନିଜର ପ୍ରକୃତ ଲକ୍ଷ୍ୟରୁ ଦୂରେଇ ଯାଉଛନ୍ତି। ଏହା ସହିତ ଫେକ୍ ନ୍ୟୁଜ (ଗୁଜବ), ସାଇବର ଅପରାଧ ଏବଂ ଅନ୍ୟର ଝକମକିଆ ଜୀବନଶୈଳୀକୁ ଦେଖି ମାନସିକ ଅବସାଦର ଶିକାର ହେଉଛନ୍ତି। ପରିଶେଷରେ, ସାମାଜିକ ଗଣମାଧ୍ୟମ ଏକ ଦୁଇଧାରୁଆ ଖଣ୍ଡା ସଦୃଶ। ଏହାର ନିୟନ୍ତ୍ରିତ ବ୍ୟବହାର ଆମକୁ ଶିଖରରେ ପହଞ୍ଚାଇ ପାରିବ, କିନ୍ତୁ ଏହାର ଦାସ ପାଲଟିଗଲେ ଆମ ସମୟ ଓ ଭବିଷ୍ୟତକୁ ନଷ୍ଟ କରିଦେବ। ଆତ୍ମନିୟନ୍ତ୍ରଣ ଓ ସଚେତନତା ହିଁ ଏହାର ଏକମାତ୍ର ସମାଧାନ।

-ଜିତେନ୍ଦ୍ର ଦାସ,ଗୋପବନ୍ଧୁ ପାଠାଗାର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଖୁଆପଦା ଆନିକଟରେ ବୁଡ଼ି ଯୁବକ ମୃତ**

ଭଣ୍ଡାରିପୋଖରୀ,୩।୪(ରାଜେନ୍ଦ୍ର ଶତପଥୀ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ଆଖୁଆପଦା ଗ୍ରାମର ଭୋଳାନାଥ ବେହେରା(୨୨)। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ସମ୍ପର୍କୀୟ ଭାଇ ଭଉଣୀଙ୍କ ସହ ଆନିକଟରେ ଗାଧୋଉଥିବା ବେଳେ ଭୋଳାନାଥ ଜଳସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ଅନ୍ୟମାନେ ନିକଟରେ ଥିବା ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଭୋଳାଙ୍କୁ ଉଦ୍ଧାର କରି ଯାଜପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଟିରେ କଉମାଛ କାମୁଡ଼ି ଗଲା ଜୀବନ




# ପ୍ରଦୂଷଣ ରୋକିବାକୁ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର,୩।୪(ରବିନାରାୟଣ ଜେନା)

ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଟେଟ୍ରା ପ୍ୟାକ୍‌ରେ ମଦ ବିକିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ଟେଟ୍ରା ପ୍ୟାକ୍‌ରେ ମଦ ମିଳିବା ନେଇ ବିଭାଗ ପକ୍ଷରୁ ନୂତନ ମାର୍ଗଦର୍ଶିକା ଜାରି ହୋଇଛି। ମାର୍ଗଦର୍ଶିକା ଅନୁଯାୟୀ, ୧୮୦ ମିଲି ପର୍ଯ୍ୟନ୍ତ ମଦ ଟେଟ୍ରା ପ୍ୟାକ୍‌ରେ ଉପଲବ୍ଧ ହେବ। ଟେଟ୍ରା ପ୍ୟାକ୍‌ରେ ରହିବ ୬ଟି ସୁରକ୍ଷା ଲେୟର। ଟେଟ୍ରା ପ୍ୟାକ୍ ତିଆରି କରୁଥିବା ସଂସ୍ଥା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ୟାକେଜିଂ କିମ୍ବା ସେଣ୍ଟ୍ରାଲ ଫୁଡ୍ ଟେକ୍‌ନୋଲୋଜି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ସାର୍ଟିଫିକେଟ ଥିବା ଦରକାର। ତେବେ ଟେଟ୍ରା ପ୍ୟାକେଟ୍ ମଦ ବିକ୍ରି ନେଇ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ। ଯେଉଁ କମ୍ପାନୀ ଚାହିଁବେ, ସେମାନେ ଟେଟ୍ରା ପ୍ୟାକ୍ ପ୍ରସ୍ତୁତ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ପୁରୀ ବେଳାଭୂମିରେ ମଦ ଦୋକାନ ଖୋଲିବ ନାହିଁ। କିନ୍ତୁ ରାଜ୍ୟର ଅନ୍ୟ ବେଳାଭୂମିରେ ବିକ୍ରି ପାଇଁ ଅନୁମତି ମିଳିବ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ବା ଓଟିଡିସି ଏବଂ ଭାରତ ପର୍ଯ୍ୟଟନ ଉନ୍ନୟନ ନିଗମ ବା ଆଇଟିଡିସିକୁ ଲାଇସେନ୍ସ ଫିଂର ଅଧା ଦାମ୍‌ରେ ମଦ ଦୋକାନ ଦିଆଯିବ। ଓଟିଡିସିକୁ ଇକୋ-ରିଟ୍ରିଟ ସ୍ଥଳରେ ମଦ ବିକିବାକୁ ଅସ୍ଥାୟୀ ଲାଇସେନ୍ସ ମଧ୍ୟ ପ୍ରଦାନ କରାଯିବ। ଏହାଛଡ଼ା ପର୍ଯ୍ୟଟନକୁ ପ୍ରୋତ୍ସାହିତ ଲାଗି ବେଳାଭୂମିରେ ମଦ କୁଡ଼ିଆ ପାଇଁ ଅନୁମତି ମିଳିବ। ଓଟିଡିସି ସିଧାସଳଖ ମଦ କୁଡିଆ ଖୋଲି ମଦ ବିକ୍ରି କରିପାରିବ ନଚେତ ଆଉ କାହାରିକୁ ଏହି ମଦ କୁଡିଆ ଖୋଲି ଚଳାଇବାର ଦାୟିତ୍ୱ ମଧ୍ୟ ଦେଇ ପାରିବ। ମଦ କୁଡିଆ ଲାଇସେନ୍ସକୁ ସ୍ୱତନ୍ତ୍ର ଭାବରେ 'ଅନ ରେଷ୍ଟୁରାଣ୍ଟ' ବର୍ଗରେ ନିଆଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଯଥା ବିଜୁଳି ସଂଯୋଗ, ପାଣି ସଂଯୋଗ, ବର୍ଜ୍ୟ ପରିଚାଳନା ଆଦି ବ୍ୟବସ୍ଥା ଓଟିଡିସି କରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସରକାରଙ୍କ ନୂତନ ଅବକାରୀ ନୀତି ଅନୁଯାୟୀ, ୨୦୨୬ ଏପ୍ରିଲ ପହିଲାରୁ ୨୦୨୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି ହୋଇପାରିବ।

**URGENTLY REQUIRED**

**BHUMISREE CONSULTANCY & MARKETING PVT. LTD.**

Our organization has required Addl. Faculty-cum-Research Associates (1 No.), Addl. District PESA Co-ordinator (1 No.) & Block PESA Coordinator (1 No.) for our client O/o.the CDO-cum-EO, Zilla Parishad, Mayurbhanj. So interested candidates are visit our website **www.jobmart99.com (Click advertisement)** for detail & send their CV with all testimonials accordingly by dt.10.04.2026 (through Postal/ Courier/ E-mail or by hand) to our Regd. Office: 725(P), Lane-6, B.M. Nagar, Gandamunda, Khandagiri, Bhubaneswar-30, E-mail: bcmpl2016@gmail.com. Short listed candidates will call for interview.

**Sd./- Managing Director**

# ଅପବ୍ୟୟ ୨୬.୭୪ କୋଟି: ସିଏଜି

## ନିୟମ ଉଲ୍ଲଂଘନ କରୁଛି ନିର୍ମାଣ ବିଭାଗ

ଭୁବନେଶ୍ୱର,୩।୪(ରବିନାରାୟଣ ଜେନା)

ରାଜ୍ୟରେ ନିର୍ମାଣ ବିଭାଗ ଓପିଡବ୍ଲୁଡି କୋଡ୍ ଉଲ୍ଲଂଘନ କରି ବେଆଇନ ଭିତ୍ତିଭୂମି ନିର୍ମାଣ କରୁଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି। କେଉଁଠି ଅର୍ଥ ବରବାଦ ହେଉଛି ତ ଆଉ କେଉଁଠି ବିପୁଳ ଅର୍ଥ ଅପବ୍ୟୟ ହେଉଛି ବୋଲି ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି। ସିଏଜିଙ୍କ ରିପୋର୍ଟ ଅନୁଯାୟୀ, ଯେକୌଣସି କାର୍ଯ୍ୟ ପାଇଁ ଯୋଜନା ଓ ଆକଳନ ପ୍ରସ୍ତୁତ କରିବା ପୂର୍ବରୁ ସମୟୋଚିତ ଏବଂ ସତର୍କ କ୍ଷେତ୍ର ସର୍ଭେ ଏବଂ ତଦନ୍ତ କରାଯିବା ଉଚିତ। ମାତ୍ର ରାଉରକେଲା ଆର୍‌ଆଣ୍ଡବି ଡିଭିଜନରେ ନଥିପତ୍ର ଯାଞ୍ଚ ସମୟରେ ଦେଖାଯାଇଛି ଯେ, କୋଇଡ଼ା-ଡେଙ୍ଗଲା-ଟେନସା-ବାରସୁଆନ-କାଲେଇପୋଷ ସଡ଼କର ଉନ୍ନତି(୧୫ କି.ମି.ରୁ ୨୪କି.ମି.) ପାଇଁ କାର୍ଯ୍ୟ ଲାଗି ୨୧.୫୯କୋଟି ଟଙ୍କାରେ ମଞ୍ଜୁର କରାଯାଇଥିଲା। ଏପ୍ରିଲ ୨୦୧୫ରେ ପିଚୁ ସଡ଼କ ନିର୍ମାଣ ପାଇଁ ୨୩.୫୪କୋଟି ଟଙ୍କା ଦିଆଯାଇଥିଲା। ତେବେ ୨୦୧୬ ମେ'ରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବାର ତାରିଖ ଧାର୍ଯ୍ୟ ହୋଇଥିଲା। ହେଲେ କାର୍ଯ୍ୟ ମାର୍ଚ୍ଚ ୨୦୧୭ରେ ୨୩.୬୧କୋଟି ଟଙ୍କାରେ ଶେଷ ହୋଇଥିଲା। ଯଦିଓ ସଡ଼କଟି ୧୦ ବର୍ଷ ପାଇଁ ଡିଜାଇନ୍ କରାଯାଇଥିଲା, ମାତ୍ର ଏହା ଦେଢ଼ବର୍ଷରୁ ଅଧିକ ସମୟ ପାଇଁ ଟିକି ରହିପାରିଲା ନାହିଁ। ମରାମତି କାର୍ଯ୍ୟ ପୁନର୍ବାର ସେପ୍ଟେମ୍ବର-୨୦୧୮ରେ କରାଯାଇଥିଲା। ଏଥିପାଇଁ ୩.୧୩ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା। ଫଳରେ ୨୬.୭୪ କୋଟି ଟଙ୍କା ଅପବ୍ୟୟ ହୋଇଛି ବୋଲି ସିଏଜି ଦର୍ଶାଇଛନ୍ତି।

ରିପୋର୍ଟ ଅନୁଯାୟୀ ସୁନ୍ଦରଗଡ଼ ଖଣି ଅଞ୍ଚଳରେ ଭାରି ଯାନବାହନ ଚଳାଚଳ ଯୋଗୁ ସଡ଼କଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲା ମାଜିଷ୍ଟ୍ରେଟ୍ (ଅଗଷ୍ଟ୨୦୨୦) ଏକ କଂକ୍ରିଟ୍ ସଡ଼କ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ; ଯାହା ପରବର୍ତ୍ତୀ ୨୦ ବର୍ଷ ପର୍ଯ୍ୟନ୍ତ ଟିକି ରହିପାରିବ। ତଦନୁସାରେ କଂକ୍ରିଟ ସଡ଼କ ନିର୍ମାଣ ପାଇଁ କାର୍ଯ୍ୟ ୪୮.୬୦କୋଟି ଟଙ୍କାରେ (ଜୁଲାଇ-୨୦୨୧) ପ୍ରଦାନ କରାଯାଇଥିଲା ଏବଂ ଜୁଲାଇ ୨୦୨୩ରେ କାର୍ଯ୍ୟ ଶେଷ ହେବାର ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ନଭେମ୍ବର ୨୦୨୩ ସୁଦ୍ଧା କାର୍ଯ୍ୟ ଶେଷ ହୋଇ ନ ଥିଲା। ଠିକାଦାର ୪୯.୦୪ କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି ଉଲ୍ଲେଖ କରାଯାଇଥିଲା। ସମୀକ୍ଷା ବେଳେ ଦେଖାଯାଇଥିଲା, ଯଦି ବିଭାଗ ୨୦୧୫ ମସିହାରେ କଂକ୍ରିଟ୍ ସଡ଼କ ନିର୍ମାଣ କରିଥାନ୍ତା, ତେବେ ଖଣି ଅଞ୍ଚଳରେ ଟ୍ରାଫିକ୍ ଭାରକୁ ସମ୍ଭାଳି ପାରିଥାନ୍ତା ଏବଂ ପୁନଃନିର୍ମାଣକୁ ଏଡା ଯାଇପାରିଥାନ୍ତା। ବିଭାଗର ଏଭଳି ବ୍ୟତିକ୍ରମ ପାଇଁ ୨୬.୭୪ କୋଟି ଟଙ୍କାର ଅପଚୟ ହୋଇଥିଲା; ଯେଉଁଥିରେ ସଡ଼କ ନିର୍ମାଣ ମୂଲ୍ୟ ବାବଦକୁ ୨୩.୬୧ କୋଟି ଟଙ୍କା ରହିଥିବାବେଳେ ମରାମତି ବାବଦକୁ ୩.୧୩ କୋଟି ଟଙ୍କା ଅପବ୍ୟୟ ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ୨୦୧୬ରୁ ୨୦୨୧ ମଧ୍ୟରେ ୧୪୦.୯୫କୋଟି ଟଙ୍କାରେ ସମାପ୍ତ ହେବାପାଇଁ ୭ଟି କାର୍ଯ୍ୟ ବିଭାଗ ହାତକୁ ନେଇଥିଲା। କିନ୍ତୁ କାର୍ଯ୍ୟ ଆରମ୍ଭ ହେବାପୂର୍ବରୁ ଜମି ଅଧିଗ୍ରହଣ ନ କରିବା ଭଳି ଅନ୍ୟାନ୍ୟ କାରଣରୁ କାମ ଅସମ୍ପୂର୍ଣ୍ଣ ରହିଥିଲା; ଫଳରେ ସରକାରଙ୍କ ୧୦.୪୧କୋଟି ଟଙ୍କା ବାରବାଦ ହୋଇଥିଲା। ଏହାବାଦ୍ ଅନ୍ୟାନ୍ୟ ନିର୍ମାଣରେ ବିପୁଳ ଅର୍ଥ ମଧ୍ୟ ଅପବ୍ୟୟ ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି।

# ମାଛ ଜାଲରୁ କୁମ୍ଭୀରଛୁଆ ଉଦ୍ଧାର

ଦିଗପହଣ୍ଡି,୩।୪
(ଅଶେଷ ନାଥ ମିଶ୍ର)



ଗଞ୍ଜାମ ଜିଲା ଦିଗପହଣ୍ଡି - ଘୋଡ଼ାହାଡ଼ ଡ୍ୟାମ ରାସ୍ତାର ସନ୍ଥ ଅରକ୍ଷିତ ଛକରେ ଥିବା ପୋଖରୀରୁ ଶୁକ୍ରବାର ସକାଳେ କୈବର୍ତ୍ତମାନେ ମାଛ ଧରୁଥିବା ବେଳେ ଜାଲରେ ମାଛ ସହ ଏକ କୁମ୍ଭୀର ଛୁଆ ମିଳିଥିଲା। ଦିଗପହଣ୍ଡି ବନ ବିଭାଗ ଏହି ସୂଚନା ପାଇବା ପରେ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସନ୍ତୋଷ ବିଷୋୟୀ ରତ୍ନ, ଫରେଷ୍ଟ ଗାର୍ଡ ପ୍ରଦୀପ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀର ଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଘୋଡ଼ାହାଡ଼ ଡ୍ୟାମରେ ଛାଡିଛନ୍ତି। କୁମ୍ଭୀରଟିର ବୟସ ୪/୫ ମାସ ହେବ ବୋଲି ଫରେଷ୍ଟର କହିଛନ୍ତି।

ରବି ଫସଲ ପାଇଁ କିଛିଦିନ ପୂର୍ବେ ଘୋଡ଼ାହାଡ଼ ଡ୍ୟାମରୁ କେନାଲରେ ପାଣି ଛଡାଯାଇଥିଲା। କୁମ୍ଭୀର ଛୁଆଟି ଉକ୍ତ ପାଣିରେ ପୋଖରୀକୁ ଚାଲି ଆସିଥିବା ସନ୍ଦେହ କରାଯାଉଛି। ଚଳିତବର୍ଷ ଘୋଡ଼ାହାଡ଼ ଡ୍ୟାମରେ ଭରପୂର ପାଣି ଥିବାରୁ କୁମ୍ଭୀର ପ୍ରଜନନ ସଂଖ୍ୟା ବୃଦ୍ଧି ପାଉଛି। ଗତ ଜାନୁୟାରୀ ୧୦ ତାରିଖରେ ବନବିଭାଗ ପକ୍ଷରୁ କୁମ୍ଭୀର ଗଣନା କରାଯାଇଥିଲା। ଉକ୍ତ ଡ୍ୟାମରେ ୬୩ କୁମ୍ଭୀର ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି। ବିଗତ ୪ ବର୍ଷରେ ବ୍ରହ୍ମପୁର ବନଖଣ୍ଡ ଅଧୀନ ଏହି ଡ୍ୟାମ ଓ ଡ୍ୟାମ ସଂଲଗ୍ନ ବିଭିନ୍ନ ଗ୍ରାମ ପୋଖରୀରେ କୁମ୍ଭୀରଙ୍କ ସଂଖ୍ୟା ୭୬ରୁ ବୃଦ୍ଧି ପାଇ ୯୫ରେ ପହଞ୍ଚିଥିବା ଜଣାପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡରର ବିଜ୍ଞପ୍ତି ସଂ. ST-SBP-TENDER-2026-08, ତା.30.03.2026ରିଖ

| | |
|---|---|
| କାର୍ଯ୍ୟର ନାମ : | ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ସିଗ୍‌ନାଲ/ବଲାଙ୍ଗୀର ଅଧିନରେ ଅତାବିରା (ATS) - ବଡ଼ମାଲ (BUDM) ଏବଂ ବଲାଙ୍ଗୀର (BLGR) - ଝାରସୁଗୁଡ଼ା (JRMA) ସେକ୍ସନରେ ଏକ ବର୍ଷ ପାଇଁ ସିଗ୍‌ନାଲ କୋନାଲ କାର୍ଯ୍ୟ। |
| ଟେଣ୍ଡର ମୂଲ୍ୟ (₹): | 58,96,145.14, |
| ବିଡ୍ ସିକ୍ୟୁରିଟି (₹) : | 1,17,900.00 |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.20.04.2026 ରିଖ 1100 ଘଣ୍ଟିକାରେ। |

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-11/R/26-27

**SAMALESWARI GROUP OF INSTITUTIONS**

S.R.I.T. Colony, Near Hanuman Temple, Budharaja, Sambalpur-768004

**B.Ed.**

DIRECT ADMISSION
SESSION 2026-28

2 Years (4 Sems) B.Ed.
Eligibility- Any Graduate

NCTE Recognised Course
Under Acharya Nagarjuna University & Andhra Kesari University

CONTACT US- 9777167095, 9437446036

No.9001/3/2627

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା୦୬.୦୪.୨୦୨୬ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-9001/9001/1/26-27/0002

## ପ୍ରଥମ ପୃଷ୍ଠାରୁ...

### ୪୦ ଡିଗ୍ରୀ ଉପରେ...

ସହ ଶନିବାର ମଧ୍ୟ ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବ। ଏଥିସହ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି ହୋଇଛି। ତେବେ ୨ଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରିକୁ ଘଡ଼ଘଡ଼ି ସହ ବର୍ଷା ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ଏହି ସମୟରେ ପବନର ବେଗ ପ୍ରାୟତଃ ୩୦ ରୁ ୪୦ କି.ମି. ରହିବ ବୋଲି ଆକଳନ କରାଯାଇଛି।

### ବାଣ ଭିଡୁଥିବା ବେଳେ...

କରି ଆସୁଥିଲେ। ଦଶପଲ୍ଲା, ଗଣିଆ ଓ କୋରଡ଼ାରେ ଲଙ୍କା ପୋଡ଼ି ଯାତ୍ରା ଥିବାରୁ ସେଥି ପାଇଁ ଘର ବାଡ଼ିପଟ କଦଳୀ ବଗିଚାରେ ବାଣ ଭିଡ଼ା ଯାଉଥିଲା। ହାଡ଼ିବନ୍ଧୁଙ୍କ ଘରେ ରହି ପାଠ ପଢୁଥିବା ପୁଅର ଶଳା ଗେରେଡ଼ା ଗାଁର ଅମିତ ପାଖରେ ବସିଥିଲେ ସେ ମଧ୍ୟ ଗୁରୁତର ଅଛନ୍ତି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖର ଘରଗୁଡ଼ିକ ଥରି ଉଠିଥିଲା।

ଏନେଇ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, କୋରଡ଼ା ଗାଁରେ ବେଆଇନ ବାଣ ପ୍ରସ୍ତୁତ ନେଇ ଜାଣିବା ପରେ ହାଡ଼ିବନ୍ଧୁଙ୍କ ନାଁରେ ପୂର୍ବରୁ ୨ଟି ମାମଲା ହୋଇଥିଲା। ୨ ବର୍ଷ ହେଲା ବାଣ ପ୍ରସ୍ତୁତ ବନ୍ଦ ରହିଥିଲା। ହାଡ଼ିବନ୍ଧୁ ବାଣ ପ୍ରସ୍ତୁତ କରୁ ନାହାନ୍ତି ବୋଲି କହିଥିଲେ। ତେବେ ସେ ପୁଣି ଗୋପନରେ ବାଣ ପ୍ରସ୍ତୁତି କରୁଥିବା ନେଇ ପୋଲିସ ଅବଗତ ନ ଥିଲା ବୋଲି କହିଛନ୍ତି। ଅପରପକ୍ଷେ ବେଆଇନ ବାଣ ତିଆରି ସମ୍ପର୍କରେ କୋରଡା ଗାଁ ସଭାପତି ପ୍ରମୋଦ କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଚାଲୁ ରହିଛି ବୋଲି ସୂଚନା ଦେଇଛନ୍ତି। ନୟାଗଡ଼ରୁ ସାଇଣ୍ଟିଫିକ୍ ଟିମ୍ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି।

### ସିବିଏସ୍‌ଇ କରିଲା...

୩ଟି ଭାଷାରୁ ଦୁଇଟି ଭାରତୀୟ ଭାଷା ହେବା ନିଶ୍ଚିତ। ତୃତୀୟ ଭାଷା ଷଷ୍ଠ ଶ୍ରେଣୀ ପାଇଁ ୨୦୨୬-୨୭ ଶିକ୍ଷାବର୍ଷରୁ ବାଧ୍ୟତାମୂଳକ। ଇଂଲିଶକୁ ଏକ ବିଦେଶୀ ଭାଷା ଭାବେ ନିଆଯିବ। ସବୁ ଛାତ୍ରୀଛାତ୍ର ନିର୍ଦ୍ଧାରିତ ପାଠ୍ୟକ୍ରମରେ ପଢ଼ିବେ ଓ ୩ ଘଣ୍ଟାରେ ୮୦ ମାର୍କର ପରୀକ୍ଷା ଦେବେ। ଯେଉଁମାନେ ଉଚ୍ଚତର ପ୍ରବୀଣତା ଚାହିଁବେ, ସେମାନେ ଯେକୌଣସି ଗୋଟିଏ କିମ୍ବା ଉଭୟ ବିଷୟରେ ଅତିରିକ୍ତ ଅଗ୍ରିମ ସ୍ତରକୁ ବାଛିପାରିବେ। ଉକ୍ତ ଅଗ୍ରିମ ବିଷୟରୁ ୨୫ ମାର୍କର ପ୍ରଶ୍ନ ଆସିବ ଏବଂ ଏଥିପାଇଁ ଗୋଟିଏ ଘଣ୍ଟା ପରୀକ୍ଷା ସମୟ ରହିବ। ସାଧାରଣ ପରୀକ୍ଷା ଦେବା ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ହୋଇଥିବାବେଳେ ଆଡଭାନ୍ସଡ୍ ପେପର ଇଚ୍ଛାଧୀନ। ଉକ୍ତ ବିଷୟର ପ୍ରଦର୍ଶନକୁ ମୋଟ ମାର୍କରେ ସାମିଲ କରା ନ ଯାଇ ମାର୍କଶିଟ୍‌ରେ ଅଲଗା ଉଲ୍ଲେଖ ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ନୂଆ ଜାତୀୟ ଶିକ୍ଷାନୀତିର ବ୍ୟାପକ ଦୂରଦୃଷ୍ଟି ସହ ପିଲାମାନଙ୍କୁ କେବଳ ପୁସ୍ତକଗତ ବିଦ୍ୟାରେ ସୀମିତ ନ ରଖି ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସଂଶୋଧିତ ପାଠ୍ୟକ୍ରମର ଲକ୍ଷ୍ୟ। ଏଠାରେ ଉଲ୍ଲେଖ କରାଯାଇପାରେ, ଏହି ଖବର ସମ୍ପର୍କରେ ପିଟିଆଇରେ ଦିଆଯାଇଥିବା ତଥ୍ୟରେ କୌଣସି ଅଧିକାରୀଙ୍କ ନାମ ଉଲେଖ କରାଯାଇନାହିଁ, ଯାହାକି ସାଧାରଣରେ ଜାଣିବା ଦରକାର।

### ଜନଗଣନାରେ ସମସ୍ତଙ୍କ...

କହିଛନ୍ତି, ସମସ୍ତଙ୍କୁ ଅନୁରୋଧ କେହି ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି ତେବେ ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନଗଣନାରେ ସହଯୋଗ କରନ୍ତୁ। ସେ ନିଜେ ସେଲ୍ଫ ଏନୁମରେଶନ କରିଛନ୍ତି, ସମସ୍ତେ କରିବା ଜରୁରୀ। ଆସନ୍ତା ୧୬ରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି ତଥ୍ୟ ଓଡ଼ିଶା ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ତଥ୍ୟ ପ୍ରଦାନ ନିମନ୍ତେ ସମସ୍ତେ ସହଯୋଗର ହାତ ବଢ଼ାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ। ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଗଣନାକାରୀମାନେ ଯେତେବେଳେ ତଥ୍ୟ ସଂଗ୍ରହ ଲାଗି ଲୋକଙ୍କ ଘରେ ପହଞ୍ଚିବେ ସେମାନଙ୍କୁ ଠିକ୍ ତଥ୍ୟ ଦେଇ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ଲାଗି ସମସ୍ତଙ୍କ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

### ରେଳପଥକୁ ରାଜ୍ୟର...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବିରୋଧ କରିଥିଲେ। ଶ୍ରୀକାନ୍ତଙ୍କ କହିବା କଥା ହେଲା, ୱାଲ୍‌ଟିୟର ଡିଭିଜନର ପ୍ରମୁଖ କେତୋଟି ଅଂଶ ଦକ୍ଷିଣତଟ ରେଳପଥରେ ମିଶାଇବାକୁ କେନ୍ଦ୍ର ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ପୂର୍ବତଟ ରେଳପଥର ପ୍ରବଳ କ୍ଷତି ହେବ। ୱାଲ୍‌ଟିୟର ଡିଭିଜନର ଯେଉଁ ଅଂଶ ଓଡ଼ିଶା ସୀମାରେ ରହିଛି ସେସବୁ ପୂର୍ବତଟ ରେଳପଥ ଅଧୀନରେ ରହିଲା। ପ୍ରଥମ କଥା ରେଳୱେକୁ କେବେ ହେଲେ ରାଜ୍ୟର ସୀମା ଅନୁଯାୟୀ ଭାଗ କରାଯାଉ ନ ଥିଲା। ଏହାଦ୍ୱାରା ଦେଶର ଏକକୀକରଣ ପାଇଁ ବହୁ ବଡ଼ ବିପଦ। ଯଦି ରେଳ ମନ୍ତ୍ରଣାଳୟ ୱାଲ୍‌ଟିୟର ଡିଭିଜନ ନେଇଗଲା ତେବେ ପୂର୍ବତଟ ରେଳପଥ ଅଧୀନରେ ଆଉ କିଛି ଡିଭିଜନକୁ ଆଣି ସାମିଲକରିବା କଥା, କିନ୍ତୁ ତାହା ସେମାନେ କଲେନାହିଁ। ପୂର୍ବତଟ ରେଳପଥ ବର୍ଷକୁ ୧୦ ହଜାର କୋଟି ଟଙ୍କାର ଲାଭ ଦେଉଥିଲା। ୧୯୯୬ ମସିହାରେ ବହୁ ଦାବି କରାଯିବା ପରେ ପୂର୍ବତଟ ରେଳପଥ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦାବି ପରେ ପୂର୍ବତଟ ରେଳପଥ ଅଧୀନରେ ରହିଥିବା ଡିଭିଜନର ଯେଉଁ ରେଳ ଷ୍ଟେଶନଗୁଡ଼ିକ ସେମାନଙ୍କ ସୀମାରେ ଆସୁଛି ସେଗୁଡିକୁ ଦକ୍ଷିଣତଟ ରେଳପଥରେ ସାମିଲ କରାଯାଉଛି। ଯେମିତି ଖୋର୍ଦ୍ଧାରୋଡ୍ ଡିଭିଜନ ଅଧୀନରେ ଆସୁଥିବା ପଲାସା-ଇଚ୍ଛାପୁରମ ସେକ୍ସନକୁ ଦକ୍ଷିଣତଟ ରେଳପଥରେ ସାମିଲ କରାଯାଇଛି। କାରଣ ଏହି ଦୁଇଟି ଯାକ ଷ୍ଟେଶନ ଆନ୍ଧ୍ର ପ୍ରଦେଶ ସୀମାରେ ଆସୁଛି ବୋଲି ଶ୍ରୀକାନ୍ତ କହିଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖିଛନ୍ତି। ଚିଠି ଲେଖିବା ପରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରିକରି ସସ୍ମିତ କହିଛନ୍ତି, ଭାରତୀୟ ରେଳପଥ ଇଷ୍ଟକୋଷ୍ଟ ରେଳୱେ ଡିଭିଜନରୁ ପଲାସା-ଇଚ୍ଛାପୁରମ ସେକ୍ସନକୁ ଆନ୍ଧ୍ରପ୍ରଦେଶକୁ ଟେକିଦେଇଛନ୍ତି। ଏହାକୁ ବିଶାଖାପାଟଣା ଡିଭିଜନର ଦକ୍ଷିଣତଟ ରେଳପଥରେ ମିଶ୍ରଣ କରିଦିଆଯାଇଛି। ଗତ ୨ ତାରିଖରେ ରେଳ ବିଭାଗ ପକ୍ଷରୁ ଏନେଇ ଚିଠି ଜାରି କରାଯାଇଛି। ଏହାକୁ ଦୃଢ଼ ପ୍ରତିବାଦ କରାଯାଇଛି। ଓଡ଼ିଶାରୁ ନେଇ ପଲାସା-ଇଚ୍ଛାପୁରମ ସେକ୍ସନକୁ ଆନ୍ଧ୍ରପ୍ରଦେଶରେ ସାମିଲ କରାଯିବା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ କୁଠାରାଘାତ। ଏହାଦ୍ୱାରା ଇଷ୍ଟକୋଷ୍ଟ ରେଳୱେର ଭବିଷ୍ୟତକୁ ଧୀରେ ଧୀରେ ଅନ୍ଧାର ଭିତରକୁ ଠେଲିଦିଆଯାଉଛି। କେନ୍ଦ୍ରମନ୍ତ୍ରୀ ଚିଠି ପାଇସାରିଥିବେ। ତୁରନ୍ତ ତାଙ୍କ ନିଷ୍ପତ୍ତିକୁ ସେ ପ୍ରତ୍ୟାହାର କରନ୍ତୁ। ଓଡ଼ିଶାବାସୀଙ୍କ ଯେଉଁ ପ୍ରାପ୍ୟ ରହିଛି ତାହା ଆନ୍ଧ୍ରପ୍ରଦେଶକୁ ଦିଆ ନ ଯାଉ।

ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବା ସେ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା କ୍ଷେତ୍ରରେ ରେଳବାଇର ସାର୍ବଭୌମତ୍ୱ ରକ୍ଷା କରିବା ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ 'ବାଡ଼ି ଭାଙ୍ଗିବନି କି ସାପ ମରିବନି' ନ୍ୟାୟରେ କୁହାଯାଇଥିବା ଚର୍ଚ୍ଚା ହେଉଛି। ଓଡ଼ିଶାର ଅଧିକାରକୁ ସୁରକ୍ଷା ଦେବା ଦରକାର ବୋଲି ସେ ଉଲ୍ଲେଖ କରିଛନ୍ତି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି, ଏହି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ରାୟଗଡ଼ା ଡିଭିଜନକୁ ଶକ୍ତିଶାଳୀ କରିବା ସହିତ ବ୍ରହ୍ମପୁରଠାରେ ଏକ ରେଳୱେ ଡିଭିଜନ ପ୍ରତିଷ୍ଠା କରିବାକୁ କହିଛନ୍ତି।

ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀକରି ବରିଷ୍ଠ ବିଜେଡି ନେତା ଅତନୁସବ୍ୟସାଚୀ ନାୟକ କହିଛନ୍ତି, ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳପଥକୁ ଦୁର୍ବଳ କରିବାକୁ ଲଗାତର ଉଦ୍ୟମ କରାଯାଉଛି। ବର୍ଷକ ତଳେ ରାୟଗଡ଼ା ଓ କୋରାପୁଟ ଜିଲାର କିଛି ଅଂଶକୁ ଦକ୍ଷିଣତଟ ରେଳପଥ ସହ ମିଶାଯାଇଥିଲା। ଡବଲ ଇଞ୍ଜିନ ଡବଲ ବିକାଶର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଭାଜପାର ନେତାମାନେ ରାଜ୍ୟ ପ୍ରତି ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ଜୁଟାଇପାରୁନାହାନ୍ତି। ଯେଉଁ ୨୦ ଜଣ ଏମ୍‌ପି ଭାଜପାରୁ ଯାଇଛନ୍ତି ଲୋକମାନେ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କ ଭୂମିକା କ'ଣ ବୋଲି ଅତନୁ ପ୍ରଶ୍ନ କରିଛନ୍ତି।

15001/5/2627

**ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହତାଲିକା-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**



**ଜୟ ଜଗନ୍ନାଥ !**
**ପ୍ରିୟ ଭାଇ ଓ ଭଉଣୀମାନେ !**

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶା ସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।

ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ, ଅପ୍ରେଲ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ।

ଏହା ପୂର୍ବରୁ ଅପ୍ରେଲ ୧ ତାରିଖରୁ ଅପ୍ରେଲ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ https://se.census.gov.in ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି । ଆପଣମାନଙ୍କୁ ଅନୁରୋଧ, ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନଗଣନାରେ ସହଯୋଗ କରନ୍ତୁ ।

ଅପ୍ରେଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ, ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ । ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି । ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ, ତାଙ୍କୁ ସଠିକ ତଥ୍ୟ ପ୍ରଦାନ କରି, ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ ।

ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ମୁଁ ଅନୁରୋଧ କରୁଛି ।

**ବନ୍ଦେ ଉତ୍କଳ ଜନନୀ !**
**ବନ୍ଦେ ମାତରମ୍ !**

**(ମୋହନ ଚରଣ ମାଝୀ)**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0005

# କଳାହାଣ୍ଡିରେ ଥମୁନି ଦାଦନ ସମସ୍ୟା

## କାମ କରିବାକୁ ଯାଉଛନ୍ତି, ଶବ ହୋଇ ଫେରୁଛନ୍ତି

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଥମୁନି ଦାଦନ ସମସ୍ୟା। ଦଲାଲ କବଳରେ ପଡି ପ୍ରତିବର୍ଷ ବହୁସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ କାମ ପାଇଁ ଯାଉଛନ୍ତି। ହେଲେ ବିଭିନ୍ନ କାରଣରୁ ସେମାନେ ପ୍ରାଣ ହରାଇ ଶେଷରେ ଶବ ହୋଇ ଫେରୁଛନ୍ତି। ପ୍ରତିବର୍ଷ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ମାତ୍ର ଏହାର ରିପୋର୍ଟ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପାଖରେ ନାହିଁ କିମ୍ବା ଜାଣିଶୁଣି ବିଭାଗୀୟ ଅଧିକାରୀ ଶ୍ରମମନ୍ତ୍ରୀଙ୍କୁ ଦେଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ତଳେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରିଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ଶ୍ରମମନ୍ତ୍ରୀ ରାଜ୍ୟରେ ଗତ ୨୦୨୪ରୁ ୨୦୨୬ର ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟାର ତଥ୍ୟ ପ୍ରଦାନ କରିଥିଲେ। ଯେଉଁଥିରେ ନୂଆପଡ଼ା, ଗଞ୍ଜାମ, ବଲାଙ୍ଗୀର ଓ ଅନ୍ୟ ପ୍ରମୁଖ ଜିଲାର ତଥ୍ୟ ଥିବାବେଳେ କଳାହାଣ୍ଡିର ତଥ୍ୟ ନ ଥିଲା। ୨୦୨୫ ରିପୋର୍ଟ ଅନୁସାରେ କଳାହାଣ୍ଡିରେ ୧୮ରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକେ ଗରିବ ଶ୍ରେଣୀର ହୋଇଥିବାରୁ ମୃତଶରୀର ଗାଁକୁ ଫେରାଇ ଆଣିବା ପାଇଁ ଅନେକ ସମୟରେ ଜିଲା ଶ୍ରମ ବିଭାଗ ଓ ଜିଲାପାଳଙ୍କ ସହାୟତା ଲୋଡ଼ିଛନ୍ତି। ବିଭିନ୍ନ ସମୟରେ ଗଣମାଧ୍ୟମରେ ତାହା ପ୍ରକାଶ ପାଇଛି। ହେଲେ ପ୍ରଶାସନ ସରକାରଙ୍କୁ ତଥ୍ୟ ଦେବାରେ ବ୍ୟତିକ୍ରମ କରିବା ପରିତାପର ବିଷୟ। ୨୦୨୩ରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ରାଜ୍ୟ ବାହାରକୁ କାମ କରିବାକୁ ଯାଇ ଓଡ଼ିଶାର ୨୦୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହି ଦୁଇବର୍ଷରେ କଳାହାଣ୍ଡି ଜିଲାର ୧୬ଜଣ ଦାଦନ ଶ୍ରମିକଙ୍କ ଜୀବନ ଯାଇଥିବା ନେଇ




ବିଧାନସଭାରେ ଖୋଦ ବିଭାଗୀୟ ମନ୍ତ୍ରୀ ପୂର୍ବରୁ ତଥ୍ୟ ପ୍ରଦାନ କରିଥିଲେ। ୨୦୨୫ ବର୍ଷର ତଥ୍ୟ ଦେଖିଲେ କଳାହାଣ୍ଡି ଜିଲାର ପ୍ରାୟ ସବୁ ବ୍ଲକରୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ଗତ ଡିସେମ୍ବର ୨୬ରେ ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ କାଣ୍ଡପଡ଼ା ଗାଁର ଜେମାମଣି କାଣ୍ଡ(୧୯)ଙ୍କ ମୃତଦେହ ତେଲେଙ୍ଗାନାସ୍ଥିତ ଖମନ ପ୍ରକାଶ ନଗର ନଦୀ ବ୍ରିଜ ନିକଟରୁ ଉଦ୍ଧାର ହୋଇଥିଲା। ଜେମାମଣିଙ୍କୁ ଦୁର୍ବୃତ୍ତମାନେ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ଧର୍ମଗଡ଼ ବ୍ଲକ ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ଅନୀଲ ସାଗର(୪୫), କେବିଡ଼ି ଗ୍ରାମର ନନ୍ଦ ଗୋପାଳଙ୍କ ମୃତ୍ୟୁ ହୋଇଥିଲା। ନଭେମ୍ବରରେ ମୁମ୍ବାଇରେ ଜୁନାଗଡ଼ ବ୍ଲକ ଅମଠୋଲା ଗ୍ରାମର ମୀନକେତନ ଗୁରୁ(୪୫)ଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଲାଞ୍ଜିଗଡ଼ ବ୍ଲକ ବରାପାଲି ଗାଁର ଜଣେ ୪୫ବର୍ଷୀୟ ଯୁବକଙ୍କ କେରଳରେ ମୃତ୍ୟୁ ଘଟିଥିଲା। ଏହାର କିଛିଦିନ ବ୍ୟବଧାନରେ ଆଉ ଜଣେ ଦାନନ ଶ୍ରମିକ ତଳକାଳେଶ୍ୱର ଗାଁର ତ୍ରିନାଥ ବିଭାର(୨୧), ମାଲିଯୁବାଙ୍ଗ ପଞ୍ଚାୟତ କେନ୍ଦୁପେଟ ଗାଁର ରଘୁ ମାଝି ଓ ବିଜେପୁର ପଞ୍ଚାୟତ ବରାପାଲି ଗାଁର କାଲିବାବୁ ହରିଜନ, କେନ୍ଦୁଗୁଡା ଗାଁର ମୁଗୁନା ମାଝି, ମୁଷାନାଳର ପ୍ରଦୀପ ହରିଜନଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ଏହାର ସୂଚନା ରାଜ୍ୟ ଶ୍ରମମନ୍ତ୍ରୀଙ୍କୁ ପାଖରେ ନାହିଁ। ବଲାଙ୍ଗୀର, ନୂଆପଡ଼ା ଜିଲାର ଦାଦନ ସମସ୍ୟା କିମ୍ବା ତଦ୍‌ଜନିତ ମୃତ୍ୟୁ ତଥ୍ୟ ଅଛି। ମାତ୍ର କଳାହାଣ୍ଡିରୁ ବାରମ୍ବାର ଅଭିଯୋଗ ଆସୁଥିବା ସତ୍ତ୍ୱେ କାହାରି ନିଘା ନାହିଁ। ଏମିତିରେ କଳାହାଣ୍ଡିର ଦାଦନ ଶ୍ରମିକ ସମସ୍ୟାର ନିରାକରଣ କିଭଳି ସମ୍ଭବ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଜିତେନ ମାଝିଙ୍କୁ ପଚାରିବାରୁ ଆମେ ପଞ୍ଜୀକରଣ କରି ରାଜ୍ୟ ବାହାରକୁ ଯିବା ପାଇଁ ଶ୍ରମିକଙ୍କୁ ସଚେତନ କରୁଛୁ। କେତେଜଣ ପଞ୍ଜୀକରଣ କରୁଥିବାବେଳେ ଅନ୍ୟମାନେ କରୁନାହାନ୍ତି। ଯେଉଁମାନେ ପଞ୍ଜୀକରଣ କରୁଛନ୍ତି ସେମାନଙ୍କୁ ସରକାରୀ ସ୍ତରରେ ଯାହା ବ୍ୟବସ୍ଥା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ।

# ଜାଲ୍ ଶିକ୍ଷକ ନିଯୁକ୍ତି କରି ଟଙ୍କା ଆତ୍ମସାତ୍ ଅଭିଯୋଗ

## ଶିକ୍ଷକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

ନୂଆପଡ଼ା,୩।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି କଲେଜରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜାଲ୍ ଶିକ୍ଷକ ନିଯୁକ୍ତି କରି ଦରମା ଟଙ୍କା ଆତ୍ମସାତ୍ କରିଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୧୯୮୭ ଜୁଲାଇ ୨୯ରୁ ଗଙ୍ଗାଧର ମେହେର ପିଇଟି ଶିକ୍ଷକ ଭାବେ ନିଯୁକ୍ତି ପାଇ କାର୍ଯ୍ୟ ତୁଲାଇ ଆସୁଛନ୍ତି। କିନ୍ତୁ କେହି ଜଣେ ତାଙ୍କ ନାମରେ ସିନାପାଲି କଲେଜରେ ପିଇଟି ଶିକ୍ଷକ ଭାବେ ମିଥ୍ୟା ଆବେଦନ କରି ଜାଲ୍ ରେଗୁଲେଶନ, ନିଯୁକ୍ତି ପତ୍ର, ଉପସ୍ଥାନ ଆଦି ତଥ୍ୟ ଦ୍ୱାରା ମିଥ୍ୟା ଚେକ୍ ନେଇ ୧୯୯୪ ଜୁନ ୧ରୁ ୧୯୯୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସରକାରୀ ଅର୍ଥ ହଡ଼ପ କରାଯାଇଛି। ସେ ସମୟରେ ସିନାପାଲି କଲେଜରେ ଥିବା କମିଟି ଅଧ୍ୟକ୍ଷ ଓ କର୍ମଚାରୀ ଷଡଯନ୍ତ୍ର କରି ଏପରି କରିଥିବା ଅଭିଯୋଗ କରି ଗଙ୍ଗାରାମ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଗଙ୍ଗାରାମଙ୍କ ନାମରେ ଦୁଇଟି ଅନୁଷ୍ଠାନରୁ ଅର୍ଥ ଆତ୍ମସାତ୍ କରି ଚାକିରି କରିଥିବା ଆରୋପ ଲଗାଇ ଓଡିଶା ସରକାରଙ୍କ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୧୫୪୫୭, ତା୧୬।୬।୨୦୨୫ ଓ ଜିଲା ଶିକ୍ଷା ଅଧିକାରୀ ପତ୍ର ସଂଖ୍ୟା ୨୫୫ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାର ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଗଙ୍ଗାରାମ ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲାରୁ ଓଡ଼ିଶା ଦିବସ ପାଳନ କରାଯାଉଛି, ଯାହା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାରି ଭିତରେ ଜିଲା ପ୍ରଶାସନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡିଆ ପକ୍ଷ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ସ୍ୱତନ୍ତ୍ର ପୋଷାକ ପରିଧାନ କରି ଉପସ୍ଥିତ ଥିଲେ। ଜିଲାପାଳ ଓଡ଼ିଆପକ୍ଷ ପାଳନ ସମ୍ପର୍କରେ ସୂଚନା ଦେଇ ଆଗକୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ମହାନନ୍ଦ ପରିଚାଳନା କରିଥିଲେ।

# ୧୯ରେ ଜିଲାସ୍ତରୀୟ ପର୍ଶୁରାମ ଜୟନ୍ତୀ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

ଭବାନୀପାଟଣା,୩।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଆସନ୍ତା ୧୯ ତାରିଖରେ ଭବାନୀପାଟଣାରେ ଜିଲାସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ ହେବ। ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଉପସଭାପତି ବିନୋଦ କୁମାର ଶର୍ମା, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ କୁମାର ଠାକୁର, ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ପ୍ରମୁଖ ଯୋଗ ଦେଇଥିଲେ। ଷ୍ଟାଚ୍ୟୁଛକ ନିକଟସ୍ଥ ମ୍ୟାରେଜ ପ୍ୟାଲେସରେ ପର୍ଶୁରାମ ଜୟନ୍ତୀ ଆୟୋଜନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ୧୯ ତାରିଖ ଅପରାହ୍ନ ୨ଟାରେ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମ ଭଗବାନଙ୍କ ପୂଜାର୍ଚ୍ଚନା ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରେ ଯଜ୍ଞସ୍ଥଳରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଉତ୍ସବ ସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିବ। ପରେ ସାଧାରଣ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ଉମେଶ ଚନ୍ଦ୍ର ପଣ୍ଡା ଓ କଳାହାଣ୍ଡି ଓକିଲ ସଂଘର ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର ପଣ୍ଡା ଓ ସମ୍ପାଦକ ନିହାର ରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଶୁରାମ ଜୟନ୍ତୀ ସୁପରିଚାଳନା ନିମନ୍ତେ ୬ଟି କମିଟି ଗଠନ କରାଯାଇଛି ବୋଲି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି।

# ଟିଖାଲିରେ ବିସ୍ଥାପିତଙ୍କ ଜାଗରଣ ସଭା

## ସମସ୍ୟା ସମାଧାନ ନ ହେଲେ ଜିଲାପାଳଙ୍କ ଅଫିସ ଘେରାଉ

ଖଡ଼ିଆଳ,୩।୪ (ସୁଜିତ କୁମାର ପ୍ରଧାନ)

ଅଞ୍ଚଳର ବିକାଶ ପାଇଁ ସବୁକିଛି ତ୍ୟାଗ କଲୁ। ଭିଟାମାଟି, ଘରଦ୍ୱାର, ଚାଷଜମି ସବୁକିଛି ହରାଇଲୁ। ହେଲେ ଆମକୁ ସରକାର, ପ୍ରଶାସନ ଅଣଦେଖା କରିଆସୁଛନ୍ତି। ଦୀର୍ଘ ୨୫ବର୍ଷ ହେଲା ଆମ ସମସ୍ୟାର ସମାଧାନ ହୋଇପାରିନାହିଁ। ଖଡ଼ିଆଳ ବ୍ଲକ ଟିଖାଲି ଜଳେଶ୍ୱର ଶିବ ମନ୍ଦିରଠାରେ ଶୁକ୍ରବାର ଆୟୋଜିତ ବିସ୍ଥାପିତ ଜାଗରଣ ସଭାରେ ଏଭଳି ମତଦେଇ କ୍ଷୋଭ ପ୍ରକାଶ କରିଛନ୍ତି ଲୋୟର ଇନ୍ଦ୍ର ବିସ୍ଥାପିତ ଓ କ୍ଷତିଗ୍ରସ୍ତ। ସଭାରେ ମାର୍ଗଦର୍ଶକ ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ଖଡିଆଳ ଏନ୍‌ଏସି ଚେୟାରମ୍ୟାନ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଏକ ଚୂଡାନ୍ତ ଲଢେଇ ଲଢ଼ିବାର ଆବଶ୍ୟକତ ରହିଛି ବୋଲି କହିଥିଲେ। ଆସନ୍ତା ୫ତାରିଖ ପରେ ସମସ୍ତ ବିସ୍ଥାପିତ ପରିବାର ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି କହିଛନ୍ତି। ୨୦୨୨ରେ ଅନୁଷ୍ଠିତ ଆର୍‌ପିଡିଏସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା, ବିସ୍ଥାପିତଙ୍କ ପୁନର୍ବାସ ଗ୍ରାମରେ ଶିକ୍ଷା, ବିଦ୍ୟୁତ୍, ପାନୀୟ ଜଳ, ଅଙ୍ଗନୱାଡ଼ି କେନ୍ଦ୍ର, ରାସ୍ତାଘାଟ ଭଳି ସୁବିଧା ଯୋଗାଇଦେବା, ସମସ୍ତ ଗ୍ରାମର ବିସ୍ଥାପିତଙ୍କୁ ବକେୟା ବର୍ଦ୍ଧିତ ମୂଲ୍ୟ ପ୍ରଦାନ, ବିସ୍ଥାପିତଙ୍କ ବର୍ତ୍ତମାନର ସ୍ଥିତି ଜାଣିବା ପାଇଁ ସାମାଜିକ ଅର୍ଥନୈତିକ ସର୍ଭେ, ପରେ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ପ୍ରଦାନ, ବିସ୍ଥାପିତଙ୍କୁ ପରିଚୟପତ୍ର ପ୍ରଦାନ ଭଳି ୧୨ଦଫା ଦାବି ସମ୍ବଳିତ ଦାବିପତ୍ର ଗତ ୯ ତାରିଖରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ଏଯାବତ ଉକ୍ତ ଦାବିଗୁଡିକ ପୂରଣ ହୋଇନାହିଁ। ଫଳରେ ଜାଗରଣ ସଭା କରାଯାଇ ଆଗାମୀ ଦିନରେ ଜିଲାପାଳଙ୍କ ଅଫିସ ଘେରାଉ କରି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିବା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡ, ପରାମର୍ଶଦାତା କରୁଣାକର ହୋତା, କୋଷାଧ୍ୟକ୍ଷ ଧ୍ରୁବ ଚରଣ ଦଳ, କର୍ଲାକୋଟ ସରପଞ୍ଚ ମଙ୍ଗଳ ସିଂ ଦଳ ସମେତ ବିସ୍ଥାପିତ ଗ୍ରାମ କମିଟି ସଭାପତି ସମେତ ବିସ୍ଥାପିତ ଜନସାଧାରଣଙ୍କ ପକ୍ଷରୁ କୁହାଯାଇଛି।

# ମାଓବାଦୀ ବିରୋଧୀ କାର୍ଯ୍ୟରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆପଡ଼ା,୩।୪ (ମକାରୁ ବେମାଲ)

ନୂଆପଡ଼ା ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ମାଓବାଦୀ ବିରୋଧୀ କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିଥିବା ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦେଶ ସେବାରେ ନିୟୋଜିତ ରହି ଶହୀଦ ହୋଇଥିବା ଏଏସ୍‌ଆଇ କୃପା ରାମ ମାଝି ଲ(୨୦୧୨ ମେ ୮), କନ୍‌ଷ୍ଟେବଲ (ସି/୭୮) ପ୍ରକାଶ ରାଉତ (୨୦୧୩ ନଭେମ୍ବର ୨୯), ଏସ୍‌ପିଓ/୯୦ ଦେବେନ୍ଦ୍ର ଧରୁଆ (୨୦୧୩ ନଭେମ୍ବର ୨୯) ଏବଂ ଏସ୍‌ଆଇ ରାଜକିଶୋର ନାୟକ (୨୦୦୧ ଅଗଷ୍ଟ ୯)ଙ୍କ ଅଦମ୍ୟ ସାହସ ଓ ତ୍ୟାଗକୁ ସ୍ମରଣ କରିଛି ଜିଲା ପୋଲିସ। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂଙ୍କ ନେତୃତ୍ୱରେ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକଙ୍କ ସହଭାଗିତାରେ ବୋଡେନ, ଖରିଆର, ନୂଆପଡ଼ା ଓ ବେଲଟୁକୁରି ଅଞ୍ଚଳର ଏସ୍‌ଡିପିଓ, ପୋଲିସ କର୍ମଚାରୀ ମାର୍ଚ୍ଚ ୩୦ ଓ ୩୧ରେ ଶହୀଦ ପରିବାରକୁ ସାକ୍ଷାତ କରି ସମ୍ମାନ ଜଣାଇଥିଲେ। ଏହି ସମୟରେ ପୋଲିସ ଅଧିକାରୀମାନେ ଶହୀଦ ପରିବାର ସଦସ୍ୟଙ୍କ ସହ ଆଲୋଚନାକରି କୃତଜ୍ଞତା ଜଣାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଂ କହିଥିଲେ, ଏହି ବୀର ସନ୍ତାନମାନଙ୍କ ସାହସ ଓ ନିଷ୍ଠା ସଦାସର୍ବଦା ପୋଲିସ ବିଭାଗ ଓ ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇରହିବ।

# କ୍ଷେତ୍ର ପରିଦର୍ଶନ କଲେ କିଶୋରୀକିଶୋର




କ୍ଷେତ୍ର ପରିଦର୍ଶନ ଅବସରରେ କିଶୋରୀକିଶୋର।

ନୂଆପଡ଼ା,୩।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ମହିଳା ସଶକ୍ତୀକରଣ ଓ କିଶୋର-କିଶୋରୀଙ୍କ ବିକାଶକୁ ଲକ୍ଷ୍ୟ କରି 'ଅଦ୍ୱିକା' ଯୋଜନା ଅନ୍ତର୍ଗତ ଜିଲାସ୍ତରୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ର ନୂଆପଡ଼ା ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ କିଶୋର କିଶୋରୀ ଅଂଶଗ୍ରହଣ କରିଥିଲେ। ଭ୍ରମଣ ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାର କାର୍ଯ୍ୟପ୍ରଣାଳୀ, ପ୍ରଶାସନିକ ବ୍ୟବସ୍ଥା ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶ ଭାବେ ସେମାନେ ଜିଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧୀକ୍ଷକ ଆମ୍ରିତପାଲ ସିଂ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ଗୀତାଙ୍କୁ ଭେଟି ଆଲୋଚନା କରିଥିଲେ। ଭ୍ରମଣ ସମୟରେ ସେମାନେ ଜିଲାପାଳ କାର୍ଯ୍ୟାଳୟ, ଜିଲା ନ୍ୟାୟାଳୟ, ଜିଲା ପୋଲିସ କାର୍ଯ୍ୟାଳୟ, ମୁଖ୍ୟ ଚିକିତ୍ସାଳୟ, ସରକାରୀ ପଲିଟେକ୍ନିକ ପରିଦର୍ଶନ କରିଥିଲେ। ପ୍ରତ୍ୟେକ ସଂସ୍ଥାରେ ସମ୍ପୃକ୍ତ ଅଧିକାରୀମାନେ ସେମାନଙ୍କୁ ବିଭାଗର କାର୍ଯ୍ୟ, ଦାୟିତ୍ୱ ଓ ଲୋକସେବା ବିଷୟରେ ତଥ୍ୟ ଦେଇଥିଲେ। ଏହି ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ କିଶୋର କିଶୋରୀମାନଙ୍କୁ ସରକାରୀ ସଂସ୍ଥାର ଗଠନ ଓ କାର୍ଯ୍ୟପ୍ରଣାଳୀ ସହ ପରିଚିତ କରାଇବା ସହିତ ତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ନେତୃତ୍ୱ କ୍ଷମତା ଓ ସାମାଜିକ ଜାଗୃକତା ବୃଦ୍ଧି କରିବା। ଶେଷରେ କାର୍ଯ୍ୟକ୍ରମର ସମନ୍ୱୟ ଓ ସଫଳ ପରିଚାଳନାରେ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା, ଜିଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀଙ୍କ ସହ ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ ପ୍ରମୁଖ ସହଯୋଗ କରିଥିଲେ।

# ରିଷିଡ଼ା ରାମଲୀଳା: ବୀରାୟୁଧ ବଧ ମଞ୍ଚସ୍ଥ



ରାମଲୀଳା ନାଟକର ଏକ ଦୃଶ୍ୟ।

ରିଷିଡ଼ା,୩।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ରାମଲୀଳାର ସପ୍ତମ ରଜନୀରେ ବନ ବିହାର, ବୀରାୟୁଧ ବଧ ଓ ସୂର୍ପଣଖା ନାଶା ଛେଦନ, ଖରଦୂଷଣ ତ୍ରିଶିରା ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଖୋଲା ରଙ୍ଗମଞ୍ଚରେ କଳାକାରଙ୍କ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ରାମଲୀଳା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏଠାରେ ଶ୍ରୀରାମ ନବମୀଠାରୁ ୧୪ ଦିନ ପର୍ଯ୍ୟନ୍ତ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ସାଂସ୍କୃତିକ ସଂସଦ ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହସମ୍ପାଦକ ପ୍ରଦୀପ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଅଷ୍ଟମ ରଜନୀରେ ସୀତା ଚୋରି ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା

ବୋଡ଼େନ,୩।୪(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ଫରସରା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଯମୁନା ତିର୍କୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ ତପସ୍ୱିନୀ ବନଛୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏଚ୍‌ଓ ସଞ୍ଜୀବ ନାୟକ, ସିଏଚ୍‌ଓ ଶୁଭଦର୍ଶିନୀ ଜେନା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ରାଜେଶ କଟା, ମହିଳା ସ୍ୱାସ୍ଥ୍ୟକର୍ମୀ ବନିତା ଧରୁଆ ପ୍ରମୁଖ ଉପସ୍ଥିତ ରହି ନିଜ ଅନୁଭୂତି ବ୍ୟକ୍ତ କରିଥିଲେ। ଫରସରା ଉପସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମା' ଭୈରବୀ ନକ୍‌ଆଉଟ କ୍ରିକେଟ ଉଦ୍‌ଘାଟିତ

ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ପୁନିଗୁଡ଼ା ଗ୍ରାମ ଖେଳପଡ଼ିଆରେ ମା' ଭୈରବୀ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସିନ୍ଧିବାହାଲି ଓ କୁତୁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିନ୍ଧିବାହାଲିକୁ ହରାଇ କୁତୁରି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପୁନିଗୁଡ଼ା ଓ ବେ ଦଳ ମଧ୍ୟରେ ହୋଇଥିବାବେଳେ ପୁନିଗୁଡ଼ା ବିଜୟ ଲାଭ କରିଥିଲା। ପରେ କୁତୁରି ଓ ପୁନିଗୁଡ଼ା ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁନିଗୁଡ଼ା ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପୁନିଗୁଡ଼ା ୱାର୍ଡମେମ୍ବର ପ୍ରତିନିଧି ଟଙ୍କଧର ବିଭାର ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ସୋଶୀଳ ବିଭାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ତପନ ମାଝୀ ଓ ଗୁପ୍ତେଶ୍ୱର ମାଝୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ୮ଗୋଟି ଦଳ ଭାଗ ନେଇଛନ୍ତି। ୪ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ପୁନିଗୁଡ଼ା ମା' ଭୈରବୀ ଯୁବକ ସଂଘ ପକ୍ଷରୁ ସୂଚନା ମିଳିଛି। ଏଥିରେ ବିକ୍ରମ ମାଝୀ, ନବୀନ ମାଝୀ, ତପନ ମାଝୀ, ପ୍ରଶାନ୍ତ ମାଝୀ, କୈଳାସ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



ଖେଳାଳିଙ୍କ ଉପସ୍ଥିତିରେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥି।

# ନୂଆପଡ଼ାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା

## ରାଜସ୍ୱ ଆଦାୟ ଅଗ୍ରଗତି, ପ୍ଲାଷ୍ଟିକ୍‌ମୁକ୍ତ ଜିଲା ପାଇଁ ପ୍ରଶାସନକୁ ପ୍ରଶଂସାକଲେ



ସମୀକ୍ଷା ବୈଠକରେ ଆରଡ଼ିସିଙ୍କ ସହ ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ।

ନୂଆପଡ଼ା,୩।୪ (ମକାରୁ ବେମାଲ)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ବଲପୁର ସଂଗ୍ରାମ କେଶରୀ ମହାପାତ୍ରଙ୍କ ନୂଆପଡ଼ା ଗସ୍ତ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତାକରି ସେ ମାସିକ ରାଜସ୍ୱ ବୈଠକର ବିବରଣୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ହେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ରାଜସ୍ୱ ଆଦାୟ କ୍ଷେତ୍ରରେ ତହସିଲଦାରମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ରାଜସ୍ୱ ମାମଲା ସମାଧାନ ସମ୍ପର୍କରେ ସମୀକ୍ଷାରୁ ଜଣାପଡ଼ିଥିଲା, ମୋଟ ୩୯ ହଜାର ୧୪୩ଟି ମାମଲା ନିଷ୍ପତ୍ତି ପାଇଁ ଗ୍ରହଣ କରାଯାଇଥିବା ବେଳେ ୩୩ ହଜାର ୯୩୬ଟି ମାମଲାର ସମାଧାନ କରାଯାଇ ୮୬.୭୦ ଶତାଂଶ ସଫଳତା ହାସଲ କରାଯାଇଛି। ଅବଶିଷ୍ଟ ୫ ହଜାର ୨୦୭ ମାମଲା ନିଷ୍ପତ୍ତି ପାଇଁ ରହିଛି। ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫି' ଆଦାୟ ସମ୍ପର୍କରେ ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ଲକ୍ଷ୍ୟ ୭.୪୮ କୋଟି ଟଙ୍କା ସ୍ଥଳେ ୮.୬୫ କୋଟି ଟଙ୍କା ଆଦାୟ ହୋଇ ୧୧୫.୬୫ ଶତାଂଶ ସଫଳତା ହାସଲ କରାଯାଇଛି। ଷ୍ଟାମ୍ପ ଶୁଳ୍କରେ ୬.୦୧ କୋଟି ଓ ରେଜିଷ୍ଟ୍ରେଶନ ଫି'ରେ ୨.୬୩ କୋଟି ଟଙ୍କା ଆଦାୟ ହୋଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନୂଆପଡ଼ାର ରାଜସ୍ୱ ଆଦାୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଫେବୃଆରୀ ୨୦୨୬ରେ ୧.୫୫ କୋଟି ଟଙ୍କା ଲକ୍ଷ୍ୟରୁ ୧.୫୪ କୋଟି ଟଙ୍କା ଆଦାୟ ହୋଇ ୯୮ ଶତାଂଶ ସଫଳତା ହାସଲ କରାଯାଇଛି। ବୈଠକରେ ଜିଲା ପ୍ରଶାସନ ଦ୍ୱାରା ଗୃହୀତ କିଛି ଉତ୍ତମ ପ୍ରୟାସ ଯଥା ଗାଁରେ ରାଜସ୍ୱ ପ୍ରଶାସନ, ପରିବର୍ଦ୍ଧିତ ଜନଶୁଣାଣି, ପ୍ରାଣୀ ପାଇଁ ଦିନଟିଏ ଏବଂ ଝିଅ ପାଇଁ ଗଛଟିଏ ବିଷୟରେ ଆରଡ଼ିସିଙ୍କୁ ଅବଗତ କରାଯାଇଥିଲା। ନୂଆପଡ଼ାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ଜିଲା ଭାବେ ଗଢ଼ି ତୋଳିବାରେ ଜିଲା ପ୍ରଶାସନର ସଫଳତାକୁ ସେ ପ୍ରଶଂସାକରି ପରିବେଶ ସୁରକ୍ଷା ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ ବୋଲି କହିଥିଲେ। ବୈଠକରେ ଜିଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲାପାଳ ସୁର୍ମି ସୋରେନ, ଡେପୁଟି କଲେକ୍ଟର ସୁଚିସ୍ମିତା ମହାନ୍ତିଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଭବାନୀପାଟଣାରେ ପାଳନ ହେଲା କୁଲତା ଦିବସ

ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୃଷିଜୀବୀ ସମ୍ପ୍ରଦାୟ କୁଲତା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟ, ସଂସ୍କୃତି ଓ ପରମ୍ପରାକୁ ଆହୁରି ମଜଭୁତ କରିବା ଲକ୍ଷ୍ୟରେ ଭବାନୀପାଟଣା ଟାଉନ ହଲରେ କୁଲତା ଦିବସ ପାଳିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୨୪ତମ ମହାସଭା କାର୍ଯ୍ୟକାରୀ ସଭାପତି ବେଲାଳସେନ ଭୋଇ ମୁଖ୍ୟ ଅତିଥି ଓ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. ପଲଉ ପ୍ରଧାନ, ଭବାନୀପାଟଣା ଆଦର୍ଶ ବିଦ୍ୟାଳୟ ଉପାଧ୍ୟକ୍ଷ ରାଜଶ୍ରୀ ନାୟକ, ମୁଖ୍ୟ ସଂଯୋଜକ, ଆୟୋଜକ କମିଟି ଅଶ୍ୱିନ ପାତ୍ର, ରାଜ୍ୟ ଯୁବଶକ୍ତି ସଂଗଠନ ସମ୍ପାଦକ, ବଲାଙ୍ଗୀର ପ୍ରେମାନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଦିବସ ସମ୍ପ୍ରଦାୟର ଯୁବପିଢ଼ୀଙ୍କୁ ନିଜର ଇତିହାସ ଓ ସଂସ୍କୃତି ପ୍ରତି ସଚେତନ କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ବେଦବ୍ୟାସ ପଧାନ, ଦୁଷ୍ମନ୍ତ ପଧାନ ସଭା ପରିଚାଳନା କରିଥିଲେ।

# ଲୋକଙ୍କୁ ଅଜଣା ପ୍ରଶାସନିକ ପଦକ୍ଷେପ

**ସରିଯାଇଛି ଗ୍ରୀଷ୍ମ ମୁକାବିଲା ବୈଠକ**

- ଆରମ୍ଭରୁ ଅସହ୍ୟ ତାତି, ଜୀବନ ଦହଗଞ୍ଜ
- ଖରାତାତିରେ ଗରିବଙ୍କ ଜୀବିକା ନିର୍ବାହ
- ତାତି ବଢୁଥିବାରୁ ଏବେଠୁ ଅଂଶୁଘାତ ଭୟ





ବରଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଜଣେ ମହିଳା ତରଭୁଜ ବିକ୍ରି କରୁଛନ୍ତି। ଓଢ଼ଣି ଘୋଡ଼ାଇ ଜଣେ ଯୁବତୀ ବରଗଡ଼ ମୁଖ୍ୟରାସ୍ତାରେ ଯାଉଛନ୍ତି।

**ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)**

ବୈଶାଖ ପାଦ ଥାପୁଣୁ ବରଗଡ଼ ଜିଲାରେ ତାତି ଅସହ୍ୟ ହୋଇପଡ଼ିଛି। ସକାଳ ୯ଟାରୁ ତାତି ବଢ଼ିବାରେ ଲାଗିଛି। ପୂର୍ବାହ୍ନ ୧୧ଟାରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଏଭଳି ସ୍ଥିତିରେ ଲୋକେ ମୁଣ୍ଡରେ ଗାମୁଛା ଘୋଡ଼ାଇ ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ମହିଳାମାନେ ଓଢ଼ଣୀ ବାନ୍ଧି ଯାତାୟାତ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ ରାସ୍ତାପାର୍ଶ୍ୱ ପ୍ରଶସ୍ତୀକରଣରେ ଅନେକ ଗଛ କଟାଯାଇଥିବାବେଳେ ଅନେକ ଠେଲା ଦୋକାନ ମଧ୍ୟ ଉଚ୍ଛେଦ ହୋଇଛି। ଏଭଳି ସ୍ଥିତିରେ ତାତିରୁ ମୁକ୍ତି ପାଇଁ ଆଶ୍ରୟ ନେବାକୁ ବାଟୋଇଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେତେକ ଉଠା ଦୋକାନୀ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଖରାତାତିକୁ ଖାତିର ନ କରି ରାସ୍ତାପାର୍ଶ୍ୱରେ ଜୀବିକା ବଞ୍ଚାଇବାକୁ ବାଧ୍ୟ ହୋଇଛନ୍ତି। ସେହିପରି ବିଭିନ୍ନ ସମୟରେ ବିଦ୍ୟୁତ କାଟ୍ ଏବଂ ସହର ଉପକଣ୍ଠ ଘୁଲିପାଲି ଭଳି ସ୍ଥାନରେ ଲୋ ଭୋଲଟେଜ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଇତିମଧ୍ୟରେ ଜିଲାରେ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଗ୍ରୀଷ୍ମ ମୁକାବିଲା ପାଇଁ ଏଥର ପ୍ରଶାସନ ତରଫରୁ କି କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇ ନ ଥିବା ଯୋଗୁ ତାକୁ ନେଇ ଲୋକେ ଏବେ ମଧ୍ୟ ଅନ୍ଧାରରେ ରହିଛନ୍ତି। ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ପ୍ରାଣୀ ସମ୍ପଦ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ବିଡ଼ିଓ, ତହସିଲଦାର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରୁହନ୍ତି। ବୈଠକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା, ପାନୀୟଜଳ, ବିଦ୍ୟୁତ ସମସ୍ୟାର ତ୍ୱରିତ୍ ସମାଧାନ, ଜଳଛତ୍ର, ଅଚଳ ପାନୀୟଜଳ ପ୍ରକଳ୍ପର ମରାମତି, ଖରାରେ ଶ୍ରମିକଙ୍କ କାର୍ଯ୍ୟ ସମୟ ଉପରେ କଟକଣା ଆଦି ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗୁଡ଼ିକ ନିଆଯାଇଥାଏ ଏବଂ ସେହି ପଦକ୍ଷେପ ନେଇ ଗଣମାଧ୍ୟମ ଜରିଆରେ ଜିଲାବାସୀଙ୍କୁ ଅବଗତ କରାଯାଇଥାଏ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକ ଜାଣି ଲୋକେ ସ୍ୱାସ୍ଥ୍ୟସେବା, ପାନୀୟଜଳ ସେବା ଆଦି କ୍ଷେତ୍ରରେ ସମସ୍ୟା ଦେଖାଗଲେ ନିଷ୍ପତ୍ତି ଅନୁଯାୟୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଉପକୃତ ହୋଇଥାନ୍ତି। ମାତ୍ର ଏଥର ପ୍ରଥମଥର ପାଇଁ ସେ ନେଇ ଗଣମାଧ୍ୟମ କିମ୍ବା ଜିଲାବାସୀଙ୍କୁ କୌଣସି ସୂଚନା ଦିଆଯାଇ ନ ଯିବା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କୁ ପଚାରିବାରୁ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ପ୍ରାୟ ୨ସପ୍ତାହ ଆଗରୁ ସରି ଯାଇଛି। ମାତ୍ର ସେହିଦିନ ଛୁଟିରେ ଥିଲେ ବୋଲି ସେ କହିଛନ୍ତି। ତେବେ ଜିଲାରେ ତାତି ଯେଉଭଳି ବଢ଼ି ଚାଲିଛି, ଆଗକୁ ଅଂଶୁଘାତ ଭୟ ମଧ ରହିଛି। ଫଳରେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ କିଭଳି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଜିଲାବାସୀଙ୍କୁ ଜଣାଇବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ସ୍କୁଲ, କଲେଜରେ ସକାଳୁଆ ପଢ଼ା ହେଉଛି। ମାତ୍ର ଖରାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଠେଲା ଦୋକାନ ସମେତ ଅନେକ ଦୋକାନ ଉଚ୍ଛେଦ ଯୋଗୁ ରାସ୍ତାପାର୍ଶ୍ୱ ଖାଁ ଖାଁ ଲାଗୁଛି। ଖରାରେ ଯେଉଁ ଦୋକାନ ସମ୍ମୁଖ ଏବଂ ଗଛତଳ ଦିନେ ଲୋକଙ୍କୁ ଆଶ୍ରୟ ଦେଉଥିଲା, ତାହା ରାସ୍ତା ପ୍ରଶସ୍ତୀକରଣ ଯୋଗୁ ହଟି ଯାଇଛି। ଫଳରେ ଆଶ୍ରୟ ନେବା ପାଇଁ ବାଟୋଇଙ୍କୁ ହଟହଟା ହେବାକୁ ପଡୁଛି। ଅନ୍ୟପଟେ ଟାଣଖରା ସତ୍ତ୍ୱେ ରାସ୍ତାପାର୍ଶ୍ୱରେ ଆଖୁରସ, ସରବତ, ଦହିବରା, ତରଭୁଜ ଆଦି ଉଠାଦୋକାନୀ ବିକ୍ରି କରୁଛନ୍ତି। ମାତ୍ର ଏବେ ମଧ୍ୟ ବିଭିନ୍ନ ମୁଖ୍ୟଛକରେ ପୂର୍ବବର୍ଷ ଭଳି ଜଳଛତ୍ର ଖୋଲା ଯାଇନାହିଁ। ଫଳରେ ପାଣି ପାଇଁ ଲୋକେ ହଟହଟା ହେଉଛନ୍ତି। ଜିଲାରେ ଅଂଶୁଘାତ ଭୟ ରହିଥିବା ଯୋଗୁ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନ ଏବେଠାରୁ ସଜାଗ ହୋଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ମତପ୍ରକାଶ ପାଇଛି।

## ରେନବୋ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ମୁଖ୍ୟ ଅତିଥିଙ୍କ ସହ କୁନି କଳାକାରମାନେ।

**ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ରେନବୋ ପବ୍ଲିକ ସ୍କୁଲ୍ ଓ ରେନବୋ କିଡ୍ସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମେହେର, ସମ୍ପାଦିକା ଚନ୍ଦନା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ର ଫ୍ୟାଶନ୍ ଶୋ, ମାର୍ଶାଲ୍ ଆର୍ଟସ୍ ସମେତ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମିନତି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୋନାଲିସା ମିଶ୍ର ସହଯୋଗ କରିଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଇକମାଲ, ୩।୪(ବଡ ଶତପଥୀ)**

ପାଇକମାଲ ବ୍ଲକ ଚେତଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରାହ୍ମଣଡିହିଠାରେ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ମହାଦେବ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ସମ୍ମାନିତ ଅତିଥି ଦୟାନିଧି କୈବର୍ତ୍ତ, ରାଜ କୁମାର ସ୍ୱାଇଁ , ଚିତ୍ର ବିଶ୍ୱାଳ, ଭୋଜରାଜ ଭୋଇ ଯୋଗଦାନ କରିଥିଲେ। ସସ୍ମିତା ଭୋଇ ସଭାକୁ ସଂଯୋଜନା କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ସୁନ୍ଦରମଣି ଭୋଇ ଓ ପୁରାତନ ଛାତ୍ରୀ ରୀନା ଭୋଇଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମିତା ଦାସ, ଛିନଉ ଅମରୀ, ସଂଯୁକ୍ତା ଭୋଇ, ଭାରତୀ ବାଗ ସହଯୋଗ କରିଥିଲେ। ଶେଷରେ ଆଶାଲତା ଭୋଇ ଧନ୍ୟବାଦ ଦେଇଥିଲେ।

## ହନୁମାନ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଅତାବିରା, ୩।୪(ଯୁଧିଷ୍ଠିର ମହାପାତ୍ର):** ଏପ୍ରିଲ ୧୪ରେ ଅତାବିରାଠାରେ ହିନ୍ଦୁ ସମାଜ ତରଫରୁ ହନୁମାନ ଜୟନ୍ତି ପାଳନ ପାଇଁ ଶୁକ୍ରବାର ଅତାବିରା ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ହିନ୍ଦୁ ସମାଜର ସୁବାଷ ନାଏକ, କୌଶିକ ମହାକୁଡ, ପହଲ୍ଲାଦ ଉର୍ମା, ହେମସାଗର ପାତ୍ର, ହୃଦାନନ୍ଦ ପାତ୍ର, ଅଜିତ ପ୍ରଧାନ, କାର୍ତ୍ତିକ ମହାରଣା, ପ୍ରଦୀପ ମଲ୍ଲିକ, ବୀରେନ ହୋତା, ନବୀନ ଦାଶ, ଛନ୍ଦାଚରଣ ମେହେର ଓ ଭୋଜରାଜ ଛନ୍ଦ ପ୍ରମୁଖ ଯୋଗଦାନ କରି ଆସନ୍ତା ୧୪ ତାରିଖ ହନୁମାନ ଜୟନ୍ତି ଅବସରରେ ଅପରାହ୍ନରେ ଏକ ବିରାଟ ବାଇକ ଶୋଭାଯାତ୍ରା ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ନାଟକ ସେତୁ ବନ୍ଧ ପ୍ରତିଷ୍ଠା ମଞ୍ଚସ୍ଥ

**ଅଷ୍ଟମ ଦିନରେ ବୌଦ୍ଧର ରାମଲୀଳା ଯାତ୍ରା**

**ବୌଦ୍ଧ, ୩।୪(ଅଜିତ କୁମାର ବାରିକ)**

ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି ବୌଦ୍ଧର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରା । ଏହି ଦିନ ପରିବେଷିତ ହୋଇଛି ନାଟକ ସେତୁବନ୍ଧ ପ୍ରତିଷ୍ଠା। ମାତା ସୀତାଙ୍କ ସନ୍ଧାନରେ ସମୁଦ୍ର ପାରି ହୋଇ ହନୁମାନ ଲଙ୍କାଗଡ଼ରେ ପହଞ୍ଚିବା ପରେ ସେଠାରେ ଅଶୋକ ବାଟିକାରେ ସୀତା ମାତାଙ୍କ ଦର୍ଶନ କରିଥିଲେ। ସୀତାଙ୍କଠାରୁ ସନ୍ତକ ଗ୍ରହଣ କରିବା ପରେ ଲଙ୍କା ଦହନ କରି ପୁଣି ଥରେ ଶ୍ରୀରାମଙ୍କ ନିକଟରେ ପହଞ୍ଚି ସୀତାଙ୍କ ସନ୍ଦେଶ ପହଞ୍ଚାଇ ଥିଲେ। ଲଙ୍କାଗଡ଼ ଜଳିପୋଡି ଧ୍ୱଂସ ହୋଇଯିବା ପରେ ବିଭୀଷଣ ବଡଭାଇ ରାବଣକୁ ବୁଝାଇବାକୁ ଉଦ୍ୟମ କରିଥିଲେ। ଶ୍ରୀରାମ ବିଷ୍ଣୁଙ୍କ ଅବତାର। ତେଣୁ ମାତା ସୀତାଙ୍କୁ ସସମ୍ମାନେ ଶ୍ରୀରାମଙ୍କୁ ଫେରାଇ ଦେବାକୁ ନିବେଦନ କରିଥିଲେ। କିନ୍ତୁ ରାବଣ ଉତ୍କ୍ଷିପ୍ତ ହୋଇ ବିଭୀଷଣଙ୍କୁ ଲଙ୍କାଗଡ଼ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭୀଷଣ ଲଙ୍କାଗଡ଼ ତ୍ୟାଗ କରି ଶ୍ରୀରାମଙ୍କ ଶରଣ ନେଇଥିବା ବେଳେ ଲଙ୍କା ବିଜୟ ଓ ସୀତାଙ୍କୁ ଉଦ୍ଧାର ପାଇଁ ଯୋଜନା କରାଯାଇ ସେତୁବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ନିର୍ମିତ ସେତୁକୁ ପ୍ରତିଷ୍ଠା କରିବା ପାଇଁ ଶ୍ରୀରାମଙ୍କ ନିମନ୍ତ୍ରଣକ୍ରମେ ରାବଣ ସହମତି ଦେଇଥିଲା। କାରଣ ବ୍ରହ୍ମଜ୍ଞାନୀ ରାବଣ ଜାଣିଥିଲା ଯେ, ବିଷ୍ଣୁଙ୍କ ଅବତାର ଶ୍ରୀରାମଙ୍କ ଲଙ୍କା ଆଗମନ ହିଁ ତାର ମୁକ୍ତିର ପଥକୁ ପରିଷ୍କାର କରିବ। ତେଣୁ ରାବଣ ନିଜେ ବ୍ରାହ୍ମଣ ହୋଇ ସେତୁବନ୍ଧ ପ୍ରତିଷ୍ଠା କରିବା ପରେ ଲଙ୍କାଗଡ଼କୁ ଫେରି ଯାଇଥିଲା। ଏହି ପୌରାଣିକ କଥାବସ୍ତୁକୁ ଅନୁଷ୍ଠାନର କଳାକାରମାନେ ନିଖୁଣ ଭାବରେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର କଳାକାର ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ କୁମାର ସାହୁ, ପ୍ରମୋଦ ପ୍ରଧାନ, ଜଗଦୀଶ ବାରିକ, ଦିବାକର ଜେନା, ଶାନ୍ତନୁ ବେହେରା ଓ ସତ୍ୟଜିତ ମିଶ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।

## ନୃସିଂହ ନାଥରେ ଚୈତ୍ର ବାସନ୍ତିକ ପୂଜା



**ପାଇକମାଲ,୩।୪(ବଡ ଶତପଥୀ)**

ପାଇକମାଲ ବ୍ଲକ ଯାଦବ ସମାଜ ତଥା ଝାରବନ୍ଧ ବ୍ଲକ ଯାଦବ ସମାଜ ମିଳିତ ଉଦ୍ୟମରେ ନୃସିଂହନାଥ ମନ୍ଦିର ପରିସରରେ ଚଳିତବର୍ଷ ଚୈତ୍ର ବାସନ୍ତିକ ପୂଜା ପାଳିତ ହୋଇଯାଇଛି। କର୍ତ୍ତାଭାବେ ବାବୁଲୁ ମାହାର ତାଙ୍କ ପତ୍ନୀ ସରୋଜିନୀ ମାହାର ଦାୟିତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ଜୟକୁମାର ଆଚାର୍ଯ୍ୟା ଓ ସମଲେଶ୍ୱରୀ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା ମହୋତ୍ସବରେ ସମଲେଶ୍ୱରୀ ମନ୍ଦିର ସଭାପତି ମଧୁ ସୂଦନ ପାଣ୍ଡେ, ପାଇକମାଲ ବ୍ଲକ ସଭାପତି ବନମାଳୀ ଚନ୍ଦନ, ଝାରବନ୍ଧ ବ୍ଲକ ସଭାପତି ଧ୍ରୁବ ଚରଣ ହାତୀ, ଯୁବ ସଭାପତି ମାନସ ନାଗ, ପୂର୍ବତନ ଜିଲା ସଭାପତି ଡୋଲମଣୀ ମାହାର, ବରଗଡ ଜିଲା ନୀତି ନିୟମ ସଭାପତି ଅମୃତ ବନଛୋର, ପାଇକମାଲ ବ୍ଲକ ସମ୍ପାଦକ ବାଲକୃଷ୍ଣ ବନଛୋର, ମନ୍ଦିର କୋଷାଧକ୍ଷ ସଜିଦା ନାଗ, ମନ୍ଦିର ସମ୍ପାଦକ ଦେବାର୍ଚ୍ଚନ ବାଗ, ପୂର୍ବତନ ମନ୍ଦିର ସଭାପତି ଗାନ୍ଧୀ ବାଗ, ଜୋନ ସଭାପତି ନଳିନି ଥପା, ମନୋହର ପୁଞ୍ଜି, ଭୁବନେଶ୍ୱର ବନଛୋର ପ୍ରମୁଖ ଉପସ୍ଥିତ ଥାଇ ଶ୍ରମ ଦାନ କରିଥିବା ରୋଷେୟା ରାମ ପ୍ରସାଦ ଷଣ୍ଢଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କର୍ତ୍ତା ସପତ୍ନୀ ଦୁହେଁ ପାଇକମାଲ ବ୍ଲକ ଏବଂ ଝାରବନ୍ଧ ବ୍ଲକ କର୍ମ କର୍ତ୍ତାଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ପୂଜା ମହୋତ୍ସବରେ ପଦ୍ମପୁର, ପାଇକମାଲ, ଝାରବନ୍ଧର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଜଗତ କଲ୍ୟାଣ ସକାଶେ ମାତା ସମଲେଶ୍ୱରୀଙ୍କୁ ପ୍ରାର୍ଥନା କରି ଥିଲେ ।

## ବୁଣାକାର ସଚେତନତା ଶିବିର

**ହରଭଙ୍ଗା,୩।୪(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁର ଯାଯାବରଠାରେ ଶୁକ୍ରବାର ଦିନ ବୁଣାକାର ସଚେତନତା ଶିବିର ଓ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି । ବୌଦ୍ଧ ଜିଲାରେ ବହୁ ସଂଖ୍ୟାରେ ବୁଣାକାର ପରିବାର ଅଛନ୍ତି । ଏଣୁ ସବୁ ବର୍ଗର ଲୋକେ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ର ପରିଧାନ କଲେ ସେମାନଙ୍କ ଆର୍ଥିକ ଉନ୍ନିତ ହୋଇପାରିବ ବୋଲି ଶ୍ରୀ ଲିଙ୍ଗରାଜ ତନ୍ତୁବାୟ ସହଯୋଗ ସମିତି ଦ୍ୱାରା ଆୟୋଜିତ ଶିବିରରେ ମତପ୍ରକାଶ ପାଇଥିଲା। ବରିଷ୍ଠ ବୁଣାକାର ହୃଷୀକେଶ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ବୟନିକା ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାଏକ, ସହକାରୀ ଉପ ନିବନ୍ଧକ ରଘୁନାଥ ପୂଝାରୀ, ଦେବେନ୍ଦ୍ର ଭୋଇ, ଜିଲୁ ସାହୁ, ପ୍ରିୟଙ୍କା ଗଡନାୟକ, ଏମ. ଭୋଇ, ଶ୍ରୀରାମ ଯାନି , ଅଶୋକ ମେହେର, ଏସ. ସାହୁ ଯୋଗଦେଇ ବୁଣାକାରମାନଙ୍କ ପାଇଁ ଥିବା ଯୋଜନା ଉପରେ ଆଲୋକପାତ କରିଥିଲେ । ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ ।

## ଟ୍ରାଫିକ୍‌ରେ ଶେଡ୍ ନିର୍ମାଣ ଦାବି

**ପଦ୍ମପୁର,୩।୪(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ସଦର ମହକୁମାକୁ ପ୍ରତିଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ତଥା ବଜାର ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଆସୁଛନ୍ତି। ସହରର ମୁଖ୍ୟ ଛକ କୁହାଯାଉଥିବା ରଞ୍ଜିତ ସିଂ ଛକରେ ଟ୍ରାଫିକ୍ ପାଇଁ ଏଠାରେ ଲୋକେ ଅଟକୁଛନ୍ତି। ତାତି ବଢୁଥିବାରୁ ଲୋକେ ଟ୍ରାଫିକ୍‌ରେ ହନ୍ତସନ୍ତ ହେଉଛନ୍ତି। ତେବେ ଛକରେ ଟ୍ରାଫିକରେ ଛିଡା ହେଉଥିବା ଲୋକଙ୍କ ସୁବିଧା ପାଇଁ ସେଡ୍ ନିର୍ମାଣ କରିବାକୁ କାଉନସିଲର ଇଂ. କୁନାଲ ପାଣିଗ୍ରାହୀ ପଦ୍ମପୁର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ପ୍ରସଙ୍ଗରେ ପାଣିଗ୍ରାହୀ ପଦ୍ମପୁର ଏନ୍ଏସିର କାର୍ଯ୍ୟନିବାହୀ ଅଧିକାରୀଙ୍କ ସହିତ ମଧ ଆଲୋଚନା କରିଥିବା ଜଣାପଡିଛି।

## ପଦ୍ମପୁର ଏନଏସିର ସ୍ୱ ଗଣନା କାର୍ଯ୍ୟକ୍ରମ ଆରମ୍ଭ



ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସ୍ୱ ଗଣନା ଆରମ୍ଭ କରୁଛନ୍ତି।

**ପଦ୍ମପୁର,୩।୪(ପ୍ରଦୀପ୍ତ ଦାଶ)**

ଜନଗଣନା ଅଭିଯାନର ଅଂଶ ଭାବରେ ସ୍ୱ ଗଣନା କାର୍ଯ୍ୟକ୍ରମ ଶୁକ୍ରବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଆରମ୍ଭ ହୋଇଛି। ଏହି ଅବସରରେ ପଦ୍ମପୁର ଡେପୁଟି କଲେକ୍ଟର ସୁମତୀ ପଣ୍ଡା, ଜିଲା ଜନଗଣନା ଅଧିକାରୀ ଆଶୁତୋଷ ସିଂ, ପଦ୍ମପୁର ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଡିଜିଟାଲ ମାଧମରେ ସ୍ୱ ତଥ୍ୟ ଭରଣା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି । ଜନଗଣନା ୨୦୨୭ ଦେଶର ଯୋଜନା ଗତ ଉନ୍ନତି ପାଇଁ ଏକ ମୂଲ୍ୟବାନ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ସମସ୍ତଙ୍କ ସହଯୋଗ ଏହାର ସଫଳତାର ମୂଳ ଆଧାର। ଏଣୁ ସମସ୍ତ ଜନସାଧାରଣ ସ୍ୱ ଗଣନା କରିବା ପାଇଁ ବିଧାୟିକା ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଏନଏସିର ସୌମ୍ୟ ବଲ୍ଲଭ ମହାପାତ୍ର, ଦୀନବନ୍ଧୁ ମହାପାତ୍ର, କିଶୋର ପଣ୍ଡା, ଦିବ୍ୟ କିଶୋର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ସୌନ୍ଦର୍ଯ୍ୟ ହରାଇଲାଣି ଚିଲଡ୍ରେନ ପାର୍କ

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

**ପଦ୍ମପୁର,୩।୪(ପ୍ରଦୀପ୍ତ ଦାଶ )**

ସହରକୁ ସରସ ସୁନ୍ଦର କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏ ସବୁ ନଷ୍ଟ ହେଉଛି। ପଦ୍ମପୁର ସହର ବ୍ଲକ କଲୋନୀ ପାର୍ଶ୍ୱରେ ଥିବା ଏକମାତ୍ର ଚିଲଡ୍ରେନ ପାର୍କ ବା ଶିଶୁ ଉଦ୍ୟାନ ଅବହେଳା ଯୋଗୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାର୍କ ଭିତରେ ଥିବା ବିଭିନ୍ନ ଖେଳଣା ସାମଗ୍ରୀ ଭାଙ୍ଗି ରୁଜି ଗଲାଣି। ପ୍ରାୟ ୧୫ ବର୍ଷ ତଳେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଦ୍ୱାରା ଏହି ପାର୍କ ନିର୍ମାଣ ହୋଇଥିଲା। ମାତ୍ର ପାର୍କ ନିର୍ମାଣର ୧୫ବର୍ଷ ବିତିଯାଇଥିଲେ ମଧ ଏହାର ନବୀକରଣ ହେଉନାହିଁ। ପାର୍କରେ ଥିବା ପ୍ଲାଷ୍ଟିକ ନିର୍ମିତ ଜୀବଜନ୍ତୁ, ପକ୍ଷୀ ଯେଉଁଟା ଶିଶୁ ମାନଙ୍କୁ ଆକୃଷ୍ଟ କରୁଥିଲା ତାହା ଭାଙ୍ଗି ଗଲାଣି। ପାର୍କରେଥିବା ଡଷ୍ଟବିନ, ଦୋଳିର ଅବସ୍ଥା କହିଲେ ନସରେ। ତେଣୁ ଏନଏସି ପ୍ରଶାସନ ଦୃଷ୍ଟି ଦେଇ ଏହାର ନବୀକରଣ କାମ କରିବା ପାଇଁ ସହର ବାସିନ୍ଦା ମତ ଦେଇଛନ୍ତି ।




ପଦ୍ମପୁର ଶିଶୁ ଉଦ୍ୟାନ।

## ପ୍ରଶାସନ ଆଖି ଆଗରେ ପ୍ରଦୂଷଣ

**ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)**

- ରାସ୍ତାପାର୍ଶ୍ୱ ପାଲଟିଛି ଡମ୍ପିଂ ୟାର୍ଡ
- ନିଆଁ ସଂଯୋଗରୁ ଧୂଆଁମୟ
- ନିୟମିତ ବୁଲୁନି ସଫେଇ ଗାଡ଼ି



ସେଲ୍ସଟ୍ୟାକ୍ସ ଅଫିସ ସମ୍ମୁଖ ଆବର୍ଜନା ସ୍ତୁପରେ ନିଆଁ ଜଳୁଛି।

ବରଗଡ଼ ସହରରେ ପ୍ରଶାସନ ଆଖି ଆଗରେ ପ୍ରଦୂଷଣ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗତ କିଛିଦିନ ହେଲା ସହରର ବିଭିନ୍ନ ରାସ୍ତାରେ ସ୍ତୁପ ଭଳି କୁଡ଼ କୁଡ଼ ମଇଳା, ଆବର୍ଜନା ପଡ଼ି ରହିଛି। ଏପରିକି ବିଭିନ୍ନ ସମୟରେ ସେଠାରେ ଅଗ୍ନି ସଂଯୋଗ ଯୋଗୁ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇ ପ୍ରଦୂଷିତ ହେଉଛି। କେବଳ ସେତିକି ନୁହେଁ, ସମ୍ପୃକ୍ତ ସ୍ଥାନରେ ନିଆଁ ହୁତୁହୁତ ହୋଇ ଜଳୁଥିବା ଯୋଗୁ କୌଣସି ମୁହୂର୍ତ୍ତରେ ବଡ଼ ଅଗ୍ନିକାଣ୍ଡ ଘଟିବା ମଧ୍ୟ ଆଶଙ୍କା ରହିଛି। ଶୁକ୍ରବାର ବରଗଡ଼ ସହର ଗୌଡ଼ପଡ଼ା ଛକରୁ ବିଶିପଡ଼ାକୁ ଯାଇଥିବା ରାସ୍ତାର ସ୍ଥାନୀୟ ଟାଉନ ଥାନା ପଛପଟ ତଥା ସେଲ୍ସଟ୍ୟାକ୍ସ ଅଫିସ ସମ୍ମୁଖ ଏବଂ ଲେଙ୍ଗୁ ମିଶ୍ର ଛକଠାରୁ ଉମା ଟକିଜ ପଟକୁ ଯାଇଥିବା ରାସ୍ତାପାର୍ଶ୍ୱ ଆବର୍ଜନା ସ୍ତୁପରେ ଏଭଳି ନିଆଁ ଜଳିବା ସହିତ ଅଞ୍ଚଳ ଧୂଆଁମୟ ହୋଇଥିବା ଦେଖିବାକୁ ମିଳିଥିଲା। କେବଳ ଏହି ୨ସ୍ଥାନ ନୁହେଁ, ସହରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏଭଳି ନିଆଁ ସଂଯୋଗ କରି ଆବର୍ଜନାକୁ ପୋଡ଼ି ଦିଆଯାଉଥିବା ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ପଟେ ବରଗଡ଼ ସହର ବିକଶିତ ଏବଂ ସୌନ୍ଦର୍ଯ୍ୟକରଣ ଆଡ଼କୁ ମୁହାଁଉଥିବା କୁହାଯାଉଥିବାବେଳେ ଅନ୍ୟପଟେ ସହର ମଧ୍ୟରେ ଆବର୍ଜନା ସ୍ତୁପରେ ନିଆଁ ଯୋଗୁ ଅଞ୍ଚଳ ଧୂଆଁମୟ ହେବା ଚର୍ଚ୍ଚାର ବିଷୟ ହୋଇଛି।

ଗତ କିଛିଦିନ ହେଲା ସହରର ବିଭିନ୍ନ ଗଳିକନ୍ଦି ରାସ୍ତାରେ ଏଭଳି ସମସ୍ୟା ଅଧିକ ହୋଇ ପଡ଼ିଛି। ରାସ୍ତାପାର୍ଶ୍ୱ ଡମ୍ପିଂ ୟାର୍ଡ ଭଳି ଲାଗୁଛି। ଅନ୍ୟପଟେ ସହରରୁ ନିଷ୍କାସିତ ମଇଳା ଆବର୍ଜନା ପାଇଁ ଏପର୍ଯ୍ୟନ୍ତ ସ୍ଥାୟୀ ଡମ୍ପିଂୟାର୍ଡଟିଏ ନିର୍ମାଣ ହୋଇ ପାରି ନ ଥିବା ଯୋଗୁ ସହରରେ ଏଭଳି ସମସ୍ୟା ଉପୁଜିଛି। ପୂର୍ବରୁ ସହରରୁ ନିର୍ଗତ ଆବର୍ଜନାକୁ ସହର ଉପକଣ୍ଠ ମୁଣ୍ଡାପଡ଼ାରେ ପକାଇ ଦିଆଯାଉଥିଲା। ସ୍ଥାନୀୟ ଲୋକେ ଅଭିଯୋଗ ଆଣିବା ପରେ ଘଟଣାଟି ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା ଏବଂ ନ୍ୟାୟାଳୟର ଆଦେଶ ପରେ ସେହି ଡମ୍ପିଂୟାର୍ଡ ବନ୍ଦ ହୋଇ ଯାଇଛି। ଏହାପରେ ସହରର ଆବର୍ଜନା ପକାଇବା ପୌର ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କିଛିଦିନ ତଳେ ବରଗଡ଼ ବ୍ଲକ କଟାପାଲି ଅଞ୍ଚଳକୁ ଯାଇଥିବାବେଳେ ଆବର୍ଜନା ବୋଝେଇ ଟ୍ରାକ୍ଟର ଗୁଡ଼ିକୁ ଡି.ଜେ ବଜାଇ ସ୍ୱାଗତ କରି ଗ୍ରାମବାସୀ ଅଭିନବ ପ୍ରତିବାଦ କରିଥିଲେ ଏବଂ ସେହି ଆବର୍ଜନା ବୋଝେଇ ଗାଡ଼ିକୁ ଫେରାଇ ଦେଇଥିଲେ। ଏହାପରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ପରିସରରେ ଥିବା ଏକ କୂଅରେ ଆବର୍ଜନା ପକାଯାଇଥିଲା। ଏଭଳି ସ୍ଥିତିରେ ସହରରୁ ନିର୍ଗତ ଆବର୍ଜନାକୁ କେଉଁଠାରେ ପକାଯିବ, ତାହା ପୌର ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଥିବା ବେଳେ ବିଭିନ୍ନ ଗଳିକନ୍ଦିକୁ କିଛିଦିନ ହେଲା ଗାଡ଼ି ମଧ୍ୟ ଆସୁ ନ ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ସହରରୁ ଆବର୍ଜନା ନିଷ୍କାସନ ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ କିମ୍ବା ସ୍ଥାୟୀ ଡମ୍ପିଂୟାର୍ଡ ନିର୍ମାଣ କରା ନ ଗଲେ ସାରା ସହର ଆବର୍ଜନାମୟ ହେବ। ଏଥିସହ ସହର ବିକଶିତ ବରଗଡ଼ ବଦଳରେ ବିଷକୁଣ୍ଡରେ ପରିଣତ ହେବ ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି।

## ଗର୍ଭଣା ଗ୍ରାମରେ ମା' ହିଙ୍ଗୁଳାଇ ପୂଜା

**ସୋହେଲା, ୩।୪(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ଗ୍ରାମରେ ଥିବା ପଶ୍ଚିମ ଓଡ଼ିଶା କାପୁଡି ସମାଜର ମା' ହିଙ୍ଗୁଳାଇଙ୍କ ପୁରୁଣା ପୀଠରେ ପୂଜା ଅନୁଷ୍ଠିତ ହୋଇଥିଲା। ସକାଳେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଯାଇ କଟାବନ୍ଧରୁ ପୂର୍ଣ୍ଣ କଳସ ଆଣି ପୂଜା ପୀଠରେ ସ୍ଥାପନ କରିବା ପରେ ପୂଜା ଆରମ୍ଭ ହୋଇଥିଲା। ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ଦୁବରାଜ ନାଏକ। ପୂଜାରେ ସହଯୋଗ କରିଥିଲେ ତରଣୀ ନାଏକ ଓ ବୃନ୍ଦାବନ ନାଏକ। ଏହି ପୂଜାରେ କାପୁଡି ସମାଜର ଟିଙ୍ଗିଣ୍ଡା, ହଲଦିପାଲି, ତାଲପାଲି, ପିପ୍ପଲଖୁଣ୍ଟା, ତୁଙ୍ଗିବନ୍ଧଲୀ ଗ୍ରାମର ଜାତି ଭାଇ ମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ମା' ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ପୂଜା କମିଟିର ଆନନ୍ଦ ନାଏକ ଓ ଯୁବରାଜ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାଶଙ୍କର ବଣିଆ ପରମାନନ୍ଦ ନାଏକ, ମୁନି ନାଏକ, ରାଜେଶ ନାଏକ, ମନବୋଧ ନାଏକ, ରାଧାକାନ୍ତ ନାଏକ ଓ ଲକ୍ଷ୍ମୀକାନ୍ତ ନାଏକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିଜୁଳି ଖୁଣ୍ଟରେ ପିଟିହେଲା ଟ୍ରାକ୍ଟର, ଚାଳକ ମୃତ

ବାଲିଶଙ୍କରା,୩।୪( ହୃଦାନନ୍ଦ ବାରିକ )

ତଳସରା ଥାନା ଅନ୍ତର୍ଗତ ସାକୁଶପାନୀ ଗ୍ରାମରେ ଶୁକ୍ରବାର ବିଜୁଳି ଖୁଣ୍ଟରେ ଏକ ଟ୍ରାକ୍ଟର ପିଟି ହୋଇ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ କାଦୋପାଏନ ଗ୍ରାମର ଦିଲୀପ ଟପ୍ପୋ (୨୫)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି। ଏନେଇ ତଳସରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ୩୦ରେ ଦିଲୀପ ଟ୍ରାକ୍ଟରରେ ହଳ ସାରି ସାକୁଶପାନୀ ଗ୍ରାମର ଏକ ବିଜୁଳି ଖୁଣ୍ଟରେ ପିଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ସେହି ରାସ୍ତାଦେଇ ଚାଲିକି ଯାଉଥିବା ଜଣେ ମହିଳାଙ୍କ ଗୋଡରେ ଆଘାତ ଲାଗିବାରୁ ସେ ଆହତ ହୋଇଛନ୍ତି। ମହିଳା ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗୁଡ୍ ଫ୍ରାଇଡେରେ ବିଶେଷ ପ୍ରାର୍ଥନା ସଭାର ଆୟୋଜନ

ବନ୍ଧମୁଣ୍ଡା,୩।୪(ସୁବ୍ରତ ଦେ):

ଗୁଡ୍ ଫ୍ରାଇଡେରେ ବନ୍ଧମୁଣ୍ଡାର କ୍ୟାଥୋଲିକ ଚର୍ଚ୍ଚରେ ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ବଳିଦାନକୁ ସ୍ମରଣ କରି ବିଶେଷ ପ୍ରାର୍ଥନା ସଭାର ଆୟୋଜନ କରିଥିଲେ। ଏହି ପ୍ରାର୍ଥନା ସଭାରେ ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଶିଶୁ ଯୋଗଦେଇଥିଲେ। ଏହି ଅବସରରେ ଚର୍ଚ୍ଚର ଫାଦର ଜୋସେଫ ପାଇସ ପ୍ରଭୁ ଯିଶୁଙ୍କ ଶେଷ ସାତଟି ବାକ୍ୟର ବ୍ୟାଖ୍ୟା କରିଥିଲେ ଓ ମାନବଜାତି ପାଇଁ ତାଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏହି ଦିନଟି ଶୋକର ଦିନ ନୁହେଁ, ବରଂ ପ୍ରଭୁ ଯିଶୁଙ୍କ ସେହି ଅସୀମ ପ୍ରେମକୁ ସ୍ମରଣ କରିବାର ଦିନ। ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ ଯେ, ଜୀବନରେ ଯିଶୁଙ୍କ ଶିକ୍ଷାକୁ ଅନୁସରଣ କରି ସତ୍ୟ ଓ ନ୍ୟାୟ ପଥରେ ଚାଲିବାକୁ। ଏହି ସଭାରେ ଦେଶ ଓ ବିଶ୍ୱରେ ଶାନ୍ତି ଓ ସମ୍ମିଳିତ ରହିବା ସହ ସମସ୍ତଙ୍କ ସୁଖ-ସମୃଦ୍ଧି ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଦୂରଦୂରାନ୍ତରେ ଥିବା ଭକ୍ତମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମର ଲାଇଭ ପ୍ରସାରଣ ମଧ୍ୟ କରାଯାଇଥିଲା। ଏହି ଅବସରରେ ଚର୍ଚ୍ଚ ପରିସରକୁ ସୁନ୍ଦର ଭାବରେ ସଜାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକାଶ ଲକଡ଼ା, ଜନ ଭେଙ୍ଗରା, ସୁଧୀର ଜୋଜୋ, ଲିନା ତିର୍କୀ, ଫିଲିସିତା କୁଜୁର, ପାଉଲୁଶ ଏକ୍କା, ମାରିଆନୁସ ସୋରେଙ୍ଗ, ଜୁଲୁ ଯାଟେ, ତିକେ ସୁବାର୍ନୋ, ସୁଜିତ ଏକ୍କା, ଅଜିତ ଟୋପ୍ପୋ, ପାସ୍କଲ ବାଡ଼ା, ମାର୍ଥିନ ଗୁଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଗାଙ୍ଗପୁର ଥାନାଧିକାରୀ ଶ୍ରେଷ୍ଠ ଥାନାଧିକାରୀ ଭାବେ ପୁରସ୍କୃତ



ରାଜଗାଙ୍ଗପୁର,୩।୪(ଅଶୋକ ପାଣି):

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନାଧିକାରୀ ବିଜୟ କିଶୋର ଦାଶଙ୍କୁ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ପୁରସ୍କୃତ କରାଯାଇ ବ୍ରଜ ବିହାରି ମିଶ୍ର ମେମୋରିଆଲ ଟ୍ରଫି ୯୧ତମ ପୋଲିସ ପ୍ରତିଷ୍ଠା ଦିବସରେ ପ୍ରଦାନ କରାଯାଇଛି। ଦୃଢ କାର୍ଯ୍ୟଦକ୍ଷତା,ବଳିଷ୍ଠ ନେତୃତ୍ୱର ଅଧିକାରୀ ଦାଶ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି।

### ଘରେ ପଶି ସଶସ୍ତ୍ର ଡକାୟତି

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି):

ସୁନ୍ଦରଗଡ ସଦରଥାନା ଅନ୍ତର୍ଗତ ଦାଏଜମଲ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଜଣେ ବ୍ୟକ୍ତିଙ୍କ ଘରେ ସଶସ୍ତ୍ର ଡାକାୟତି ହୋଇଛି। ନିଛାଟିଆ ସ୍ଥାନରେ ଥିବା ପ୍ରଶାନ୍ତ ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରେ ମୁଖାପିନ୍ଧା ୪ରୁ୫ଜଣ ପଶି ବନ୍ଧୁକ ଦେଖାଇ ସୁନା ,ରୂପା ଗହଣା ଲୁଟି ନେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଡକାୟତଙ୍କ ମଧ୍ୟରୁ ୨ଜଣ ଘରେ ପଶି ୩ବର୍ଷର ଶିଶୁ ମୁଣ୍ଡରେ ବନ୍ଧୁକ ରଖି ଲୁଟି ଫେରାର ହୋଇଯାଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଗ୍ରାମସଭା ନିଷ୍ପତ୍ତିରେ ଜାଲିଆତି ଦସ୍ତଖତ ଅଭିଯୋଗ

- ଡୁଡୁକା ଗ୍ରାମବାସୀଙ୍କ ଥାନାରେ ଏତଲା
- ରେଲୱେ ସାଇଡିଂ ପ୍ରକଳ୍ପକୁ ନେଇ ବିବାଦ



ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀ।

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଧୀନସ୍ଥ ଡୁଡୁକା ଗ୍ରାମରେ ଗ୍ରାମସଭା ନିଷ୍ପତ୍ତିକୁ ନେଇ ଜାଲିଆତି ଅଭିଯୋଗ ଆସିଛି। ଗ୍ରାମବାସୀ ଏହି ଘଟଣାକୁ ନେଇ ହେମଗିର ଥାନାରେ ଗୁରୁବାର ସନ୍ଧ୍ୟାରେ ଏତଲା ଦାଖଲ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଡୁଡୁକା ଗ୍ରାମରେ ବାଲାଜୀ ଇଞ୍ଜିକନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏକ ରେଲୱେ ସାଇଡିଂ ସ୍ଥାପନ ପାଇଁ ପ୍ରସ୍ତାବ ଆସିଥିଲା। ଏ ନେଇ ଗ୍ରାମବାସୀ ଗତ ୨୫।୨।୨୦୨୬ରେ ଅନୁଷ୍ଠିତ ଗ୍ରାମସଭାରେ ଏକତ୍ରିତ ହୋଇ ପ୍ରକଳ୍ପ ବିରୋଧରେ ପ୍ରତିବାଦ କରିଥିଲେ। ଏଥିସହିତ କୌଣସି ଗ୍ରାମବାସୀ ନିଷ୍ପତ୍ତି ପତ୍ରରେ ଦସ୍ତଖତ କରି ନ ଥିବା ଅଭିଯୋଗ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ସମ୍ମତି ବିନା ଓ ସମ୍ପୂର୍ଣ୍ଣ ଅଜ୍ଞାତରେ ଗ୍ରାମସଭା ନିଷ୍ପତ୍ତିକୁ ବୈଧ ଦେଖାଇବା ପାଇଁ ଜାଲିଆତି ଦସ୍ତଖତ ବ୍ୟବହାର କରି ଭୁଲ୍ ଓ ଅବୈଧ ଦଲିଲ ପ୍ରସ୍ତୁତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାସହ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ତଥ୍ୟ ଅନୁଯାୟୀ, ୨୫ ଫେବୃଆରୀ ୨୦୨୬ରେ ହୋଇଥିବା ଗ୍ରାମସଭା ପରେ ଗ୍ରାମସଭା ଖାତାକୁ ନେଇ ଶେଷ ଅନୁଚ୍ଛେଦକୁ ନୂତନ ଭାବରେ ଯୋଡ଼ାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏପରି କି ଭୋଟର ତାଲିକାରେ ନାଁ ନ ଥିବା ଓ ମୃତ ବ୍ୟକ୍ତିଙ୍କ ନାମରେ ଦସ୍ତଖତ ହୋଇଥିବା କଥା ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରକାରୀ ଦଲିଲରେ ଏପରି ଜାଲିଆତି କେବଳ ଅବହେଳା ନୁହେଁ, ବରଂ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର, ଅଧିକାରର ଦୁର୍ବ୍ୟବହାର ଓ ଲୋକତନ୍ତ୍ର ପ୍ରକ୍ରିୟା ପ୍ରତି ଅପମାନ। ତେଣୁ ଗ୍ରାମସଭାକୁ ରଦ୍ଦ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଶତାଧିକ ଗ୍ରାମବାସୀ ହେମଗିର ଥାନାରେ ଏତଲା ଦେଇଛନ୍ତି। ଡୁଡୁକା ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ହେମଗିର ଥାନା ଆଇଆଇସି ମନୋରଞ୍ଜନ ବିଶିଙ୍କୁ ପଚାରିବାରୁ, ଜିଲା ପ୍ରଶାସନର ନିର୍ଦ୍ଦେଶ ମିଳିବା ପରେ ପୋଲିସ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣୁ ଗ୍ରାମବାସୀ ଏହି ଅଭିଯୋଗ ଜିଲାପାଳଙ୍କ ନିକଟରେ କରିବା ଆବଶ୍ୟକ। ସରପଞ୍ଚ ଜୟକୃଷ୍ଣ ମାଝୀ କହିଛନ୍ତି, ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ ପ୍ରକଳ୍ପ ସପକ୍ଷ ଓ ବିପକ୍ଷରେ ପ୍ରସ୍ତାବ ଦେଇଥିଲେ। କେହି ଜଣେ ଦସ୍ତଖତ ଦେଇ ନ ଥିଲେ। ହେଲେ ଗ୍ରାମସଭା ପରେ କେହି ଜଣେ ଆସି କେତେଜଣ ଗ୍ରାମବାସୀଙ୍କ ଦସ୍ତଖତ ନେଇଥିବା ସେ ସନ୍ଦେହ କରୁଛନ୍ତି ବୋଲି କହିଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ରାଜଗାଙ୍ଗପୁର, ୩।୪(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଧାରା ୩୧୦(୪)/୩୧୦(୫) ବିଏନ୍‌ଏସ୍‌ରେ ମାମଲା (ନଂ.୨୦୩/୨୬) ରୁଜୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜଗାଙ୍ଗପୁର ପୋଲିସ ଏକ ପ୍ରେସ୍ ଇସ୍ତାହାର କରି ଘଟଣା ସମ୍ବନ୍ଧରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୨ ତାରିଖ ରାତିରେ ସୁରୁଡିହି ଗ୍ରାମ ନିକଟରେ ଡକାୟତି କରିବା ପାଇ ଯୋଜନା କରୁଥିବା ସମୟରେ ରାଜଗାଙ୍ଗପୁର ପୋଲିସ ଗୁପ୍ତ ସୂଚନା ଆଧାରରେ ଥାନାଧିକାରୀ ବିଜୟ ଦାଶଙ୍କ ନେତୃତ୍ୱରେ ପୋଲିସ ଦଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କ ପାଖରୁ ଛୁରି, ଲୋହାରଡ, ଗାମୁଛା ଏବଂ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ କରାଯାଇଛି। ଏହି ଘଟଣାରେ ଆଉ ୨ ଜଣ ଅଭିଯୁକ୍ତ ଫେରାର ମାରିବାରେ ସକ୍ଷମ ହୋଇଥିଲେ। ତଦନ୍ତ ସମୟରେ ଗିରଫ ଅଭିଯୁକ୍ତମାନେ ଘରେ ଡକାୟତି କରିବା ପାଇଁ ଏକତ୍ର ହୋଇଥିବା କଥା ସ୍ୱୀକାର କରିଥିଲେ।

# ଭାଜପା ବିଲେଇମୁଣ୍ଡା ମଣ୍ଡଳର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ଓ ଦଳୀୟ କାର୍ଯ୍ୟ କର୍ତ୍ତା।

ସୁନ୍ଦରଗଡ, ୩।୪(ଜୟ ନାରାୟଣ ମେଣ୍ଡୁଲି)

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଅନ୍ତର୍ଗତ ଭାଜପା ବିଲେଇମୁଣ୍ଡା ମଣ୍ଡଳ ପକ୍ଷରୁ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦୀପକ ସେଠଙ୍କ ଅଧ୍ୟକ୍ଷତାରେ ବଲବସପୁର, ଫିଙ୍ଗିଙ୍ଗପଡ଼ାଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ତତ୍ତ୍ୱ, ଏକାତ୍ମ ମାନବବାଦର ମୂଳ ଦର୍ଶନ ଏବଂ ଭାରତୀୟ ଜନତା ପାର୍ଟିର ଆଦର୍ଶ ଓ ନୀତି ଉପରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣାଦାୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହାସହ ଜିଲା ସ୍ତରୀୟ ପ୍ରଶିକ୍ଷଣ ଟୋଲୀର ପ୍ରଶିକ୍ଷକ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶୋବନ୍ତ ନାଏକ, ଜିଲା ସାଧାରଣ ସମ୍ପାଦକ ରୂପେଶ ପଟେଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ ପ୍ରମୁଖ ଦଳର ବୈଚାରିକ ପୃଷ୍ଠଭୂମି, ଇତିହାସ ଓ ବିକାଶ, ସଙ୍ଗଠନ ବିସ୍ତାରର କୌଶଳ, କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନ, ବୁଥ ପରିଚାଳନା, ସୋସିଆଲ ମିଡିଆରେ ଏଆଇ, ନମୋ ଆପ ଓ ସରଳ ଆପ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥିଭାବେ ଜିଲା ଗିଲି ସମ୍ପାଦକ ଅରୁଣ ପ୍ରଧାନ, ହେମଗିର ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ପଟେଲ, ଦୟାନିଧି ସା'ଙ୍କ ସମେତ ମଣ୍ଡଳର ଶତାଧିକ ମଣ୍ଡଳ ପଦାଧିକାରୀ, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ, ମୋର୍ଚ୍ଚା ସଭାପତି ଓ ସାଧାରଣ ସମ୍ପାଦକ, ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଭାରୀ, ବୁଥ ସଭାପତି ସହିତ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଓଡ଼ିଶା ଦିବସ



ଏନଟିପିସି ଦର୍ଲିପାଲି ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଅତିଥି , ଅଧିକାରୀ ଓ ପରିବାରବର୍ଗ।

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ କୋଣାର୍କ ଅଡିଟୋରିୟମରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ପରମ୍ପରା, କଳା ଏବଂ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ସ୍ପନ୍ଦନଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଯାହାକୁ ଦର୍ଶକମାନେ ଭଲ ଭାବରେ ଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ଏବଂ ଅବଦାନକାରୀଙ୍କୁ ସମ୍ମାନିତ କରିବା ଏବଂ ପ୍ରଶଂସା କରିବା ପାଇଁ ଏକ ପୁରସ୍କାର ବିତରଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଏନ୍‌ଟିପିସି ଦାର୍ଲିପାଲିର ସାଂସ୍କୃତିକ ଐତିହ୍ୟର ପ୍ରଚାର ଏବଂ ଏହାର କର୍ମଚାରୀ ଏବଂ ଟାଉନଶିପ ସମ୍ପ୍ରଦାୟ ମଧ୍ୟରେ ଏକତା ଏବଂ ଗର୍ବର ଭାବନା ବୃଦ୍ଧି କରିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

### ବୁଲୁଛନ୍ତି ଦନ୍ତା, ଭୟଭୀତ ଅଞ୍ଚଳବାସୀ

କୁଆଁରମୁଣ୍ଡା,୩।୪(ମହେନ୍ଦ୍ର କୁମାର ସାହୁ):

କୁଆଁରମୁଣ୍ଡା ବନ ରେଞ୍ଜ ଓ ବୀରମିତ୍ରପୁର ବନ ରେଞ୍ଜ ଅଞ୍ଚଳର କଚାରୁ ଓ ହାତୀବାରି ସେକସନରେ ୨ଟି ବଣୁଆ ଦନ୍ତା ବୁଲୁଛନ୍ତି। ଦିନ ବେଳା ଅସହ୍ୟ ଗରମ ଯୋଗୁ ଗୋଠ ଛଡା ଦନ୍ତା ଜଙ୍ଗଲ ଭିତରେ ରହୁଥିବା ବେଳେ ସଞ୍ଜ ନଇଁଲେ ପାହାଡ ତଳି ଗ୍ରାମରେ ପସୁଛନ୍ତି। ଫଳରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏବେ ଅସହ୍ୟ ଗୁଲୁଗୁଲି ଓ ଗରମରୁ ଆଶ୍ୱସ୍ତି ପାଇଁ ସ୍ଥାନୀୟ ଲୋକେ ଘର ଭିତରେ ନ ଶୋଇ ବାହାରେ ଶୋଇଥାନ୍ତି। ମାତ୍ର ହାତୀ ଭୟ ଯୋଗୁ ଲୋକେ ଆଉ ବାହାରେ ଶୋଇବାକୁ ନିରାପଦ ମଣୁ ନାହାନ୍ତି। ହାତୀକୁ ବନ ବିଭାଗ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ତାହା ସମ୍ଭବ ହେଉ ନାହିଁ। ଏନେଇ ବୀରମିତ୍ରପୁର ବନ ରେଞ୍ଜ ଅଧିକାରୀ ସୁଦେଷ୍ଣା ପ୍ରଧାନଙ୍କୁ ପଚରାଯିବାରୁ, ଏବେ ସୁଦ୍ଧା ୨ ଟି ହାତୀ କୁଆଁରମୁଣ୍ଡା ଓ ହାତୀବାରି ମଝିରେ ଅଛି। ଆମେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛୁ ବୋଲି କହିଛନ୍ତି।

# ଭାଜପା ମଙ୍ଗସପୁର ମଣ୍ଡଳ ପକ୍ଷରୁ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର

ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ କ୍ରମରେ ଭାଜପା ମଙ୍ଗସପୁର ମଣ୍ଡଳ ପକ୍ଷରୁ ମଣ୍ଡଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନଳୀନ ପଟେଲଙ୍କ ଅଧ୍ୟକ୍ଷତାରେ ଏହି ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ବିଲେଇଗଡ଼, ତେନ୍ତୁଳିଡ଼ିପାଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏବଂ ମୁଖ୍ୟ ବକ୍ତା ଭାବେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରେରଣାଦାୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ତତ୍ତ୍ୱ, ଏକାତ୍ମ ମାନବବାଦର ମୂଳ ଦର୍ଶନ ସହିତ ଭାଜପାର ଆଦର୍ଶ ଓ ନୀତି ଉପରେ ଆଲୋକପାତ କରିଥିଲେ। ଏହାସହ ଜିଲା ସ୍ତରୀୟ ପ୍ରଶିକ୍ଷଣ ଟୋଲୀର ପ୍ରଶିକ୍ଷକ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶୋବନ୍ତ ନାଏକ, ଜିଲା ସାଧାରଣ ସମ୍ପାଦକ ରୂପେଶ ପଟେଲ, ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ କୃଷକ ମୋର୍ଚ୍ଚା ସୁରେଶ ପଟେଲ ଏବଂ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ ପ୍ରମୁଖ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ସେମାନେ ଦଳର ବୈଚାରିକ ପୃଷ୍ଠଭୂମି, ଇତିହାସ ଓ ବିକାଶ, ସଂଗଠନ ବିସ୍ତାର କୌଶଳ, କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନ, ବୁଥ ପରିଚାଳନା, ସୋସିଆଲ ମିଡିଆର ଠିକ ବ୍ୟବହାର ସହ ଏଆଇ, ନମୋ ଆପ୍ ଓ ସରଳ ଆପ୍ ବିଷୟରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅନ୍ୟ ମଞ୍ଚାସୀନ ଅତିଥିଭାବେ ଟାଙ୍ଗରପାଲି ମଣ୍ଡଳ ସଭାପତି ନରେଶ ପୁରୋହିତ, ପୂର୍ବତନ ମଙ୍ଗସପୁର ମଣ୍ଡଳ ସଭାପତି ଉଦିତ ଖରସେଲଙ୍କ ସମେତ ମଣ୍ଡଳ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ମୋର୍ଚ୍ଚା ସଭାପତି ଓ ସାଧାରଣ ସମ୍ପାଦକ, ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଭାରୀ ଏବଂ ବୁଥ ସଭାପତି ସହ ବହୁ ସଂଖ୍ୟକ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ମହୁଲଗାଁ ଜଙ୍ଗଲରେ ନିଆଁ, ଲିଭାଇବାକୁ ପ୍ରୟାସ

ବାଲିଶଙ୍କରା,୩।୪( ହୃଦାନନ୍ଦ ବାରିକ):

ସୁନ୍ଦରଗଡ଼ ରେଞ୍ଜ ରାଉଳଡେଗା ସେକ୍ସନର ମହୁଲଗାଁ ଜଙ୍ଗଲ ନିଆଁ ଲାଗି ଜଳୁଛି। ବନବିଭାଗ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଓଡ଼ିଶା ଓ ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ବେଳେ ନିଆଁ ପୂରା ଜଙ୍ଗଲରେ ବ୍ୟାପିବାକୁ ଲାଗିଛି। ମହୁଲ ସଂଗ୍ରହକାରୀମାନେ ମହୁଲ ସଂଗ୍ରହ ପାଇଁ ମହୁଲ ଗଛର ଚାରି ଆଡ଼େ ସଫା କରିବା ଉଦ୍ଦେଶ୍ୟରେ ପଡ଼ିଥିବା ଶୁଖିଲା ପତ୍ରକୁ ଏକାଠି କରି ନିଆଁ ଲଗାଇ ଦେଉଛନ୍ତି। ପରେ ନିଆଁକୁ ଆଉ ନ ଲିଭାଇ ଛାଡ଼ି ଚାଲିଯାଉଛନ୍ତି, ଯାହାଫଳରେ ଖରା ମାସରେ ସମସ୍ତ ଶୁଖିଲା ପତ୍ର, କାଠରେ ଧୀରେ ଧୀରେ ନିଆଁ ଲାଗି ସମଗ୍ର ଜଙ୍ଗଲରେ ବ୍ୟାପି ଯାଉଛି। ବନବିଭାଗ କର୍ମଚାରୀ ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରଖିଛି।

# କୁରେଇ କଲୋପଡା ଛକ - ସର୍ଦ୍ଦାରପଡା ସ୍କୁଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

**ମରାମତି ଦାବି**

ବାଲିଶଙ୍କରା,୩।୪( ହୃଦାନନ୍ଦ ବାରିକ )



ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତର କୁରେଇ କଲୋପଡା ଛକରୁ ସର୍ଦ୍ଦାରପଡା ସ୍କୁଲ ପର୍ଯ୍ୟନ୍ତ ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇପଡଛି। ରାସ୍ତାରୁ ମେଟାଲ ବାହାରି ଏଣେତେଣେ ବିଛେଇ ହୋଇଥିବାରୁ ରାସ୍ତାରେ ଗାଡିମୋଟର ଯିବା ଆସିବାରେ ଅନେକ ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଗ୍ରାମବାସୀ ଯିବାଆସିବା କରିଥାନ୍ତି। ବିଶେଷ କରି ପ୍ରତିଦିନ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ସ୍କୁଲ ଯିବା ଆସିବା କରିଥାନ୍ତି। ଯାହାଫଳରେ ରାସ୍ତାରେ ଚାଲିକି ଯିବାରେ ମଧ୍ୟ କଷ୍ଟ ହୋଇଥାଏ। ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜିର ମଧ୍ୟ ରହିଛି। ରାସ୍ତାର ମରାମତି ପାଇଁ ଗ୍ରାମବାସୀ ପଞ୍ଚାୟତ, ବ୍ଲକରେ ଅନେକ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏହି ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ

ସୁନ୍ଦରଗଡ଼,୩।୪( ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ, ଏନ୍‌ସିସି ଏବଂ ଯୁବ ରେଡକ୍ରସଙ୍କ ମିଳିତ ପ୍ରୟାସରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଧ୍ୟାପକ ଆଲୋକ ନାଏକ, ଏନ୍‌ଏସ୍‌ଏସ ପ୍ରୋଗ୍ରାମ ଅଫିସର ଶିବ ପ୍ରସାଦ ମହାନ୍ତି, ଅଧ୍ୟାପକ ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ରକ୍ତ ଦାତାଙ୍କୁ ଜିଲାସ୍ୱାସ୍ଥ୍ୟ ବିଭାଗ ରକ୍ତଭଣ୍ଡାର ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା।



ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ବଡ଼ଗାଁ ରାମଲୀଳା ଯାତ୍ରା

ବଡ଼ଗାଁ,୩।୪( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ରାମଲୀଳା ଯାତ୍ରାର ଷଷ୍ଠ ଓ ସପ୍ତମ ରଜନୀରେ ରାମଙ୍କ ବନବାସ ଓ ଭରତ ମିଳନ ମଞ୍ଚସ୍ଥ ହୋଇଥିଲା। ଶ୍ରୀ ରାମଚନ୍ଦ୍ର ପିତୃ ବିୟୋଗ ପରେ ଗୟାରେ ପିଣ୍ଡଦାନ କଲାପରେ ସୃପନଖାର ନସା ଛେଦନ, ଖର, ଦୂଷଣ ଓ ତ୍ରିଶିରା ବଧ ମଞ୍ଚସ୍ଥ ହୋଇଥିଲା। ମନ୍ଥରାଙ୍କ କୁ ମନ୍ତ୍ରଣାରେ ପଡ଼ି କୈକେୟୀ ରାମଚନ୍ଦ୍ରଙ୍କୁ ବନବାସ ପ୍ରେରଣ କଲେ। ନିଜ ପୁତ୍ର ଭରତ ଅଯୋଧ୍ୟାର ରାଜା ହେବାକୁ ଜିଦରେ ଅଟଳ ରହିଥିଲେ। ଏଥିରେ ମର୍ମାହତ ହୋଇ ରାଜା ଦଶରଥଙ୍କ ବିୟୋଗ ହୋଇଥିଲା। ଏହି ଘଟଣା ପରେ ମର୍ମାହତ ଭାରତ ଶ୍ରୀରାମଙ୍କୁ ବନବାସରୁ ଫେରାଇ ଆଣିବା ପାଇଁ ବନ ଅଭିମୁଖେ ଗମନ କଲେ ଓ ଶ୍ରୀରାମଙ୍କ କଠଉ ଆଣି ନନ୍ଦୀ ଗ୍ରାମରେ ରଖି ପ୍ରଜା ପାଳନ କଲେ। ଏହି ଭାତୃ ପ୍ରେମ, ପିତୃ ସତ୍ୟ ପାଳନର ନିର୍ଦ୍ଦେଶକୁ କଳାକାର ମାନେ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ। ରାମ, ଲକ୍ଷ୍ମଣ, ସୀତା, ଦଶରଥ, ଭାରତ, ଗୟା ପଣ୍ଡା, କୌଶଲ୍ୟା, ଭାରତ, ଖର, ଦୂଷଣ, ତ୍ରିଶିରା, ସୃପନଖା ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଟୁନୁ ପାଣିଗ୍ରାହୀ, ଦୀପକ ପୃଷେଟ, ଦିବ୍ୟ ଲୋଚନ ପୃଷେଟ, ରଞ୍ଜନ ପାଣିଗ୍ରାହୀ, ସୋନୁ ପାଣିଗ୍ରାହୀ, ନନ୍ଦୁ ସା, ପିକଲୁ ପାଣିଗ୍ରାହୀ, ସୁବୋଧ ସାହୁ, ରକି ସା ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ସପ୍ତମ ରଜନୀରେ ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଓ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଓ ଯାତ୍ରା ସଂସଦ କର୍ମକର୍ତ୍ତାମାନେ ଦୀପ ପ୍ରଜ୍ୱଳନ କରି ସପ୍ତମ ରଜନୀର ନାଟକକୁ ଉଦ୍‌ଘାଟନ କରିଥିଲେ।



ଶ୍ରୀରାମଙ୍କ ସହିତ ଭରତଙ୍କ ମିଳନ।

**ରେଢ଼ାଖୋଲଠାରେ ଆମ୍ବୁଲାନ୍ସ ଲୋକାର୍ପିତ**

ରେଢ଼ାଖୋଲ,(ସନ୍ତୋଷ ବଘାର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଗୋଟିଏ ଆମ୍ବୁଲାନ୍ସକୁ ଶୁକ୍ରବାର ରେଢ଼ାଖୋଲ ଡାକ୍ତରଖାନା ପରିସରରେ ଉପଜିଲାପାଳ ରଶ୍ମି ରଞ୍ଜନ ମହନ୍ତ ଲୋକାର୍ପଣ କରିଛନ୍ତି। ଏହାଦ୍ୱାରା ରେଢ଼ାଖୋଲବାସୀଙ୍କ ସ୍ୱାସ୍ଥ୍ୟଗତ ସୁବିଧା ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ରାମଗୋବିନ୍ଦ ପରିଡା, ଡାକ୍ତର ଆଦିତ୍ୟ ସୁପକାର, ଡାକ୍ତର ହିମାଂଶୁ ଶେଖର ଦାସ, ଏନ୍ଏସି ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଅନାଦି ସାହୁ, ଗୋଲାପୀ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ନବଜାତକ ମୃତ୍ୟୁ ନେଇ ଡିଏଚ୍ଏଚ୍‌ରେ ଉତ୍ତେଜନା

## ଡାକ୍ତର , ନର୍ସଙ୍କ ଅବହେଳା ଅଭିଯୋଗ ଆଣିଲେ ପରିବାର

ସମ୍ବଲପୁର,୩।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ମାତୃ ଶିଶୁ ୱାର୍ଡରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ଶୁକ୍ରବାର ଡିଏଚ୍ଏଚ୍‌ରେ ପରିବାର ଲୋକେ ପାଟିତୁଣ୍ଡ କରିବାରୁ ଏଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଅପରପକ୍ଷରେ ଶନିବାର ଶିଶୁର ମୃତଦେହ ବ୍ୟବଚ୍ଛେଦ ହେବାକୁ ଥିବାରୁ ଶବଗୃହରେ ରଖାଯାଇଛି।

ଏହି ଘଟଣାରେ ଦାୟିତ୍ୱରେ ଥିବା ସେବିକା(ନର୍ସ)ଙ୍କ ଅବହେଳାକୁ ଦାୟୀ କରିବା ସହ ଡିଏଚ୍ଏଚ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ମୃତ ନବଜାତକଙ୍କ ପିତା ସାକ୍ଷୀପଡ଼ା ନିବାସୀ ମହେଶ କୁମାର ବଗର୍ତ୍ତି କହିଛନ୍ତି, ତାଙ୍କ ସ୍ତ୍ରୀ ଗତ ୧ ତାରିଖରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ଗୁରୁବାର ଟିକାକରଣ ପରେ ତା'ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ଶିଶୁକୁ କ୍ରମାଗତ ଭାବେ ହାକୁଟି ହେବା ସହ ସେ ଜୋରରେ କାନ୍ଦିବାକୁ ଲାଗିଲା। ଏନେଇ ସେଠାରେ ଡ୍ୟୁଟିରେ ଥିବା ନର୍ସଙ୍କୁ ଜଣାଇଲେ ମଧ୍ୟ ଏହାକୁ ସେ ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ପରିବାର



ଡିଏଚ୍ଏଚ୍ ଶିଶୁ ମାତୃ ୱାର୍ଡରେ କ୍ରନ୍ଦନରତ ମୃତ ନବଜାତକଙ୍କ ପରିବାର ବର୍ଗ।

ଲୋକେ ବାରମ୍ବାର ଡାକ୍ତରଙ୍କୁ ଡାକିବା ପାଇଁ ଅନୁରୋଧ କରିଥିଲେ ବି ଦାୟିତ୍ୱରେ ଥିବା ନର୍ସ କର୍ଣ୍ଣପାତ ନ କରି ଉକ୍ତ ୱାର୍ଡରେ ଜରୁରିକାଳୀନ ସେବା ପାଇଁ ଉପଲବ୍ଧ ଡାକ୍ତରଙ୍କୁ ମଧ୍ୟ ଏନେଇ ସୂଚନା ଦେଇ ନ ଥିଲେ। ଭୋର ୪ଟାରେ ଶିଶୁ ମା'କ୍ଷୀର ଖାଇବା ବନ୍ଦ କରି ଦେଇଥିଲା ଓ ତା'ର ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିବାକୁ ଲାଗିଲା। ଏହାସତ୍ତ୍ୱେ ଶୁକ୍ରବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ତାଙ୍କ ଶିଶୁପୁତ୍ରଙ୍କୁ ଦେଖିବାକୁ ଆସି ନ ଥିଲେ। ଶେଷରେ ପୂର୍ବାହ୍ନ ୧୧ଟାରେ ଜଣେ ଆଶା ଦିଦିଙ୍କ ସହାୟତାରେ ଶିଶୁକୁ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ସେ ଶିଶୁ ମୃତ୍ୟୁ ପାଇଁ ବିଳମ୍ବିତ ଚିକିତ୍ସା ଦାୟୀ ବୋଲି କହିଥିଲେ। ତେଣୁ ପରିବାର ଲୋକେ ସେହି ସମୟରେ ଡ୍ୟୁଟିରେ ଥିବା ନର୍ସଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଉକ୍ତ ୱାର୍ଡରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡା. ସଗୁପ୍ତା ସବ୍‌ନମ କହିଛନ୍ତି, ଏଭଳି ଜରୁରିକାଳୀନ ପରିସ୍ଥିତିରେ ଉଭୟ ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତରଙ୍କ ସମନ୍ୱୟରେ ଚିକିତ୍ସାର ଆବଶ୍ୟକତା ରହିଛି। ତେଣୁ ଏଭଳି ଚିକିତ୍ସା ପାଇଁ ମାତୃ ଓ ଶିଶୁରୋଗ ୱାର୍ଡରେ ରାତିରେ ଜରୁରିକାଳୀନ ସେବା ନିମନ୍ତେ ଉଭୟ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜନ କରାଯିବା ଉଚିତ। ମାତ୍ର ଏଥିପାଇଁ ଡିଏଚ୍ଏଚ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି। ସେହିପରି ମାତୃ ଓ ଶିଶୁରୋଗ ବିଭାଗ ଦାୟିତ୍ୱରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଅନନ୍ତ ବେହେରା ଓ ଶିଶୁରୋଗ ବିଶେଷଜ୍ଞ ଡା. ଶିରିଷା ଶିଶୁ ମୃତ୍ୟୁକୁ ନେଇ ଡ୍ୟୁଟିରେ ଥିବା ସେବିକା ଓ ସ୍ୱାସ୍ଥ୍ୟସେବୀଙ୍କୁ ପଚରାଉଚରା କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ହୋତାଙ୍କୁ ପଚାରିବାରୁ ନବଜାତ ଶିଶୁପୁତ୍ରର ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏନେଇ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଏମ୍‌ସିଏଲ ଆନନ୍ଦ ବିହାରରେ ଅମ୍ରିତ ଫାର୍ମାସି ଉଦ୍‌ଘାଟିତ



ଏମ୍‌ସିଏଲ୍ ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ ଫାର୍ମାସିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୩।୪(ବି.ଶଙ୍କର)

ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସୁଦୃଢ଼ କରିବା ଦିଗରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥାଏ। ଏହି କ୍ରମରେ ଶୁକ୍ରବାର ଏମ୍‌ସିଏଲ୍ ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ ଫାର୍ମାସି ଉଦ୍‌ଘାଟିତ ହୋଇଛି। ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅମ୍ରିତ ଫାର୍ମାସୀକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ କେଶବ ରାଓ (ମାନବ ସମ୍ବଳ), ନିର୍ଦ୍ଦେଶକ ଏକେ ବେହୁରା(ଅର୍ଥ), ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପି.କେ ପଟେଲ, ନିର୍ଦ୍ଦେଶକ ସଞ୍ଜୟ କୁମାର ଝା (ବୈଷୟିକ)ଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଡାକ୍ତରୀ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଅମ୍ରିତ ଫାର୍ମାସି ହେଉଛି ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପଦକ୍ଷେପ । ଯାହା ୨୦୧୫ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନରେ ଆରମ୍ଭ ହୋଇଥିଲା। ଏହା

### ଉପକୃତ ହେବେ କର୍ମଚାରୀ, ପରିବାର, ଅଞ୍ଚଳବାସୀ

ଏଚଏଲ୍ଏଲ୍ ଲାଇଫକେୟାର ଲିମିଟେଡ୍ ଦ୍ୱାରା ପରିଚାଳିତ। ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ, ପ୍ରତିରୋପଣ ଏବଂ ଅସ୍ତ୍ରୋପଚାରକୁ ଅତ୍ୟଧିକ ରିହାତି ଦରରେ (ପ୍ରାୟତଃ ବଜାର ମୂଲ୍ୟଠାରୁ ୫୦% ରୁ ୯୦% ପର୍ଯ୍ୟନ୍ତ ରିହାତି) ଉପଲବ୍ଧ କରାଇ ଚିକିତ୍ସା ଉପରେ ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏମ୍‌ସିଏଲ୍‌ରେ ଅମ୍ରିତ ଫାର୍ମାସି ପ୍ରତିଷ୍ଠା ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥାଏ। ଏହି ପଦକ୍ଷେପ କର୍ମଚାରୀ କଲ୍ୟାଣ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ଏମ୍‌ସିଏଲ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ସୁଲଭ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବାର ରାଷ୍ଟ୍ରୀୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ସଂକ୍ଷେପରେ

### କୁଚିଣ୍ଡା ପୋଲିସ ଦ୍ୱାରା ୫ମାନସିକ ଭିନ୍ନକ୍ଷମ ଉଦ୍ଧାର

କୁଚିଣ୍ଡା,୩।୪(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା କୁଚିଣ୍ଡା ପୋଲିସ ପକ୍ଷରୁ ୫ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ଗୁରୁବାର କୁଚିଣ୍ଡା ସହରରେ ଏଣେତେଣେ ବୁଲୁଥିବା ଜଣେ ମହିଳାଙ୍କ ସମେତ ୫ ମାନସିକ ଅକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲା। ଶୁକ୍ରବାର ୪ ଜଣ ମାନସିକ ବିକୃତ ପୁରୁଷଙ୍କୁ ଝାରସୁଗୁଡ଼ା ସ୍ଥିତ ମିଶନ ଆଶାଲୋକ (ମାନସିକ ତୃତୀୟ ବ୍ୟକ୍ତି କେନ୍ଦ୍ର)କୁ ହସ୍ତାନ୍ତର କରିଥିଲା। ଉପଯୁକ୍ତ ପରାମର୍ଶ ପରେ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କ ଯତ୍ନରେ ଛାଡି ଦିଆଯାଇଥିଲା। ପ୍ରକାଶ ଥାଉକି ମିଥ୍ୟା ଗୁଜବ ତଥା ପିଲା ଚୋରି ଭାବି ଜନସାଧାରଣଙ୍କ ଦ୍ୱାରା ଏମାନେ ବିଭିନ୍ନ ସମୟରେ ନିର୍ଯାତିତ ହେଉଥିଲେ। ଏହା ପୋଲିସର ଦୃଷ୍ଟିକୁ ଆସିବା ପରେ କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ୫ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇଥିଲା।

### କୈବର୍ତ୍ତ ସମାଜର ବାର୍ଷିକ ବାସେଲୀ ପୂଜା

ନାକଟିଦେଉଳ,୩।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଅଠର ଗଡ଼ କୈବର୍ତ୍ତ ସମାଜ ମହାସଭା ପକ୍ଷରୁ ଶୁକ୍ରବାର ସମାଜର ଆରାଧ୍ୟ ଦେବୀ ମା'ବାସେଲୀ ଦେବୀଙ୍କ ବାର୍ଷିକ ପୂଜା ସହ ମହାସଭାର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। କତରାପାଲି ନିକଟ କୁଞ୍ଜବନ ଆଶ୍ରମଠାରେ ଏହି ବାର୍ଷିକ ପୂଜା ଆୟୋଜିତ ହୋଇଥିଲା। ସକାଳୁ ସମାଜର ମହିଳାମାନେ ନିକଟସ୍ଥ ଟିକିରା ନଦୀରୁ ପାଣି ଉଠାଇ ଏକ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପ ନିକଟକୁ ଆସି କଳସ ସ୍ଥାପନା କରିଥିଲେ। ସମାଜର ଦେହୁରୀ ମହେଶ୍ୱର ସେଠ ମା'ବାସେଲୀ ଦେବୀଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ସମାଜର ମଙ୍ଗଳ ପାଇଁ ଦେବୀଙ୍କୁ ଗୁହାରି କରିଥିଲେ। ପୂଜା ପରେ ବାର୍ଷିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରାପାଲି ଅଠରଗଡ଼ କୈବର୍ତ୍ତ ସମାଜର ସମ୍ପାଦକ ପ୍ରଦୀପ କୁମାର ସେଠ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟତଃ ସମାଜର ରୀତିନୀତି ଏବଂ ଚଳଣି ଉପରେ ଆଲୋଚନା କରାଯାଇ ଏହାକୁ ବଞ୍ଚାଇ ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ବିଦ୍ୟୁତ ମହାଳିକ, ଉପ ସଭାପତି ଶଙ୍ଖାଳି ସେଠ, ସହ ସମ୍ପାଦକ ନିରଞ୍ଜନ ନାଏକ ଏବଂ କୋଷାଧ୍ୟକ୍ଷ ଶରତ କୁମାର ବାରିକ ଯୋଗଦେଇ ସମାଜର ଲୋକଙ୍କ ମଧ୍ୟରେ ଭାଇ ଚାରା ଓ ଏକତାକୁ ବଜାୟ ରଖିବା ସହ ତୃଣମୂଳ ସ୍ତରରୁ ସମସ୍ତେ ସଙ୍ଗଠିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଓଏସ୍‌ଓୟୁ ପକ୍ଷରୁ ଓଡ଼ିଶା ଦିବସ



ଓଏସ୍‌ଓୟୁ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ଏବଂ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ ପ୍ରତିନିଧି।

ସମ୍ବଲପୁର,୩।୪(ବି.ଶଙ୍କର)

### ଓଡ଼ିଆ ପକ୍ଷ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଓଡିଶା ଦିବସ ଏବଂ ଓଡ଼ିଆ ପକ୍ଷ-୨୦୨୬ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଏସ୍‌ଓୟୁ ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଆନୁଷ୍ଠାନିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଏପ୍ରିଲ ୧ତାରିଖ ଉତ୍କଳ ଦିବସର ମହତ୍ତ୍ୱ ଓ ଐତିହାସିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ପୋଷ୍ଟକାର୍ଡ ଆଧାରିତ ଶିକ୍ଷାଗତ ପ୍ରଦର୍ଶିତ ହୋଇଥିଲା। ଏହି ପୋଷ୍ଟକାର୍ଡ ସିରିଜକୁ କୁଳପତି ପ୍ରଫେସର ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଯେଉଁଥିରେ ଜ୍ଞାନ ପ୍ରସାରଣ ଏବଂ ଓଡ଼ିଆ ଐତିହ୍ୟ ସଂରକ୍ଷଣରେ ଡିଜିଟାଲ ପ୍ଲାଟଫର୍ମର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦ୍ୱିତୀୟ ଦିନ ଗୁରୁବାର ଡିଜିଟାଲ ଖାଦି ଛୁଆଁ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯାହା ବିଶେଷ ଭାବେ ବିଶ୍ୱବିଦ୍ୟାଳୟର ସହାୟକ କର୍ମଚାରୀଙ୍କ ପାଇଁ ଡିଜାଇନ କରାଯାଇଥିଲା। ଯେଉଁଥିରେ ଝାଡୁଦାର, ମାଳି, ସୁରକ୍ଷା କର୍ମଚାରୀ ଏବଂ ଅଫିସ ସହାୟକ ସାମିଲ ଥିଲେ । କ୍ୟାମ୍ପସ ମଧ୍ୟରେ ଡିଜିଟାଲ ଏବଂ ଦକ୍ଷତା ସାକ୍ଷରତାକୁ ପ୍ରୋତ୍ସାହିତ କରିବା, ବିଶ୍ୱବିଦ୍ୟାଳୟ ପରିବେଶରୁ ସମାଜକୁ ଡିଜିଟାଲ ସଶକ୍ତିକରଣ ବିସ୍ତାର କରିବାର ଏକ ବ୍ୟାପକ ଦୃଷ୍ଟିକୋଣକୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ରେଜିଷ୍ଟ୍ରାର ଡ. ଚିତ୍ତରଞ୍ଜନ ସାହୁ, ବିଦ୍ୟାଳୟର ନିର୍ଦ୍ଦେଶକ ଡ. ସଚ୍ଚିଦାନନ୍ଦ ବକ୍ସି, ସିଇକେ ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଡେପୁଟି ରେଜିଷ୍ଟ୍ରାର ସରୋଜ କଣ୍ଟା ନାୟକଙ୍କ ସହ ବିଶ୍ୱବିଦ୍ୟାଳୟର ଅଧାପିକା, ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶୁକ୍ରବାର ଓଡ଼ିଶା ପକ୍ଷ ଅବସରରେ ପୋଷାକ ପରିଧାନ କାର୍ଯ୍ୟକ୍ରମ ହୋଇଥିଲା।

### ଓଡ଼ିଶା ସାଂସ୍କୃତିକ ସମାଜ ପିପିଲିଠାରେ ସମ୍ବର୍ଦ୍ଧିତ

ସମ୍ବଲପୁର,୩।୪(ବି.ଶଙ୍କର)

ଓଡ଼ିଶା ଗଠନର ନବେ ବର୍ଷ ପୂରଣ ଉପଲକ୍ଷେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଭାଷା, କଳା, ସାହିତ୍ୟ ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କ୍ରମରେ ସମ୍ବଲପୁରସ୍ଥିତ ଓଡ଼ିଶା ସାଂସ୍କୃତିକ ସମାଜକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସମ୍ବଲପୁରରେ ଶୁକ୍ରବାର ରାତିରେ ଓଡ଼ିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏପ୍ରିଲ ୧ରେ ପିପିଲି ସାଂସ୍କୃତିକ ପରିଷଦର ଉପଦେଷ୍ଟା ଲେଫ୍ଟନେଣ୍ଟ ଜେନେରାଲ ନାରାୟଣ ମହାନ୍ତି ପୌରହିତ୍ୟ କରିଥିଲେ। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଦୀର୍ଘ ୫୫ବର୍ଷ ଧରି ଏହି ଅନୁଷ୍ଠାନ ସମ୍ବଲପୁରୀ ଭାଷା, ସଂସ୍କୃତି ସୁରକ୍ଷା, ଉପେକ୍ଷିତ ବରପୁତ୍ରମାନଙ୍କର ବଳିଦାନକୁ ଆଗାମୀ ପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅନବରତ ଭାବରେ ଉଦ୍ୟମରତ ରହିଛି।

# ଭିମ୍‌ସାର ଆର୍‌ଡିସିରେ ରୋଗୀଙ୍କ ଦୁର୍ଦ୍ଦଶା

ସମ୍ବଲପୁର,୩।୪(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ଭିମ୍‌ସାର୍ ଅଞ୍ଚଳିକ ଡାଇଗ୍ନୋଷ୍ଟିକ ସେଣ୍ଟରରେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ରୋଗୀମାନଙ୍କୁ କେତେ କଷ୍ଟ ସହିବାକୁ ପଡୁଛି, ତାହାର ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ରାଶନ ଦୋକାନରେ ଲୋକେ ଧାଡ଼ି ବାନ୍ଧିଲା ପରି ଏଠାରେ ମଧ୍ୟ ସକାଳ ୫ରୁ ରୋଗୀ ଓ ସେମାନଙ୍କ ପରିଜନ ପଥର, ପୋଷାକ କିମ୍ବା ବ୍ୟାଗ୍ ପକାଇ ନିଜର ପାଳିକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ସରକାରୀ ପରୀକ୍ଷଣ କେନ୍ଦ୍ର ଉପରେ ନିର୍ଭରଶୀଳ ରୋଗୀ ଓ ପରିଜନଙ୍କୁ ଠିକଣା ସମୟରେ ଏହି ସେବା ମିଳିପାରୁନାହିଁ। ଭିମ୍‌ସାର ଆର୍‌ଡିଏସିରେ ଲମ୍ବା ଲାଇନ୍ ଯୋଗୁ ରୋଗୀଙ୍କୁ ବିଶେଷ ହଇରାଣ ହେବାକୁ ପଡୁଛି। କର୍ମଚାରୀମାନେ ଧାର୍ଯ୍ୟ ସମୟ ସକାଳ ୯ଟାରେ ଆସୁଛନ୍ତି ସତ ; ମାତ୍ର କର୍ମଚାରୀ ଆସିବା ପରେ ସଫେଇ କାର୍ଯ୍ୟ ପାଇଁ ଆହୁରି ଘଣ୍ଟାଏ କାଳ ବିଳମ୍ବ ହେଉଛି। ଫଳରେ ପ୍ରକୃତ ପରୀକ୍ଷଣ କାର୍ଯ୍ୟ ୧୦ଟାରେ ଆରମ୍ଭ ହେଉଛି। ଯଦ୍ୱାରା ଦୂରଦୂରାନ୍ତରୁ ଆସିଥିବା ଶହ ଶହ ରୋଗୀ ଏବଂ ଛୋଟ ପିଲାଙ୍କୁ ନେଇ ଆସିଥିବା ରୋଗୀ ପରିଜନ ବିରକ୍ତ ହୋଇ ଶେଷରେ ଘରୋଇ ପରୀକ୍ଷାଗାରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

### ରୋଗ ନିରୂପଣ ପରୀକ୍ଷା ପାଇଁ ଦୀର୍ଘ ସମୟ ଅପେକ୍ଷା

ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ ଆଶୁ ଚିକିତ୍ସା ୱାର୍ଡ(କାଜୁଆଲିଟି)ରୁ ଆସୁଥିବା ରୋଗୀମାନେ ରାତି ସାରା ରୋଗୀଙ୍କ ରୋଗ ନିରୂପଣ ପାଇଁ ଆବଶ୍ୟକ ପରୀକ୍ଷଣ ସକାଶେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହାର କାରଣ ହେଲା ଭିମ୍‌ସାରରେ ରାତିରେ ପରୀକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହି ସମସ୍ୟା ବାବଦରେ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ବ୍ୟବସ୍ଥା ହୋଇନାହିଁ। ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆର୍‌ଡିସିକୁ ଅନ୍ତତଃ ୨୪ ଘଣ୍ଟିଆ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏସମ୍ପର୍କରେ ଭିମ୍‌ସାର୍ ନିର୍ଦ୍ଦେଶକଙ୍କୁ ପଚାରା ଯିବାରେ ସେ କହିଛନ୍ତି, ଏଠାରେ ସିବିସି, ଏଚଆଇଭି ଭଳି କେତେକ ଜରୁରୀକାଳୀନ ରୋଗ ନିରୂପଣ ସେବା ଦିନରାତି ୨୪ ଘଣ୍ଟା ଉପଲବ୍ଧ ରହୁଛି। ମାତ୍ର ସାଧାରଣ ପରୀକ୍ଷା ପାଇଁ ଏହି ବ୍ୟବସ୍ଥା ନାହିଁ। ତେବେ ଆଗକୁ ରୋଗୀଙ୍କ ଆବଶ୍ୟକତାକୁ ଦେଖି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଛତାଗଡ଼, ବେତଗଡ଼କୁ ଅଧିକ ଗବେଷଣା କରାଯାଉ

ନାକଟିଦେଉଳ,୩।୪(ବୈକୁଣ୍ଠନାଥ ସାହୁ)

### ଛତାଗଡ଼ ସୁରକ୍ଷା ପରିଷଦ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ସର୍କଲ ଅଧକ୍ଷଙ୍କୁ ଦାବିପତ୍ର

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଛତାଗଡ ଓ ବେତଗଡ଼ ଭଳି ବିଭିନ୍ନ ସ୍ଥାନରେ ଥିବା ଶୈଳାଶ୍ରୟ ଓ ଶୈଳଚିତ୍ରକୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପଞ୍ଜୀକରଣ କରିବା ସହ ଅଧିକରୁ ଅଧିକ ଗବେଷଣା କରା ଯିବାକୁ ଦାବି ହେଉଛି। ଏହି ଅବସରରେ ଛତାଗଡ ସୁରକ୍ଷା ପରିଷଦ ଲୁହାପଙ୍କ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲର ଅଧକ୍ଷ ଦିବିଶଦ ଗଡନାୟକଙ୍କୁ ନାକଟିଦେଉଳଠାରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଛତାଗଡ ସୁରକ୍ଷା ପରିଷଦର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ଅରୁଣ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, କୋଷାଧ୍ୟକ୍ଷ, ପ୍ରିତମ ପ୍ରଧାନ, ସୋସିଆଲ ମିଡିଆ ସେଲ ଯୁଗଳ ପ୍ରଧାନ, ଦୁଃଶାସନ ପ୍ରଧାନ,ମାନସ ସିଂ, ଅମିତ ସାହୁ , ବିକାଶ ବଘାର, ଅମିତ ସାହୁ ପ୍ରମୁଖ ସଦସ୍ୟ ସାମିଲ ହୋଇ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ

ସମ୍ବଲପୁର,୩।୪(ପ୍ରମୋଦ ବହିଦାର)

ପାରମ୍ପରିକ ପୋଷାକକୁ ଓଡ଼ିଆ ଅସ୍ମିତାର ପରିଚୟ ଭାବେ ଅଭିହିତ କରିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ନାକୁହାସଦାଃ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ପାରମ୍ପରିକ ପୋଷାକ ପରିଧାନ ଦିବସ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ବିଭାଗୀୟ ମୁଖ୍ୟ ହାସଦାଃ ଏହା କହିଛନ୍ତି। ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାଙ୍ଗଣରେ ଗତ ଅପ୍ରେଲ୍ ୧ରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅନୁଷ୍ଠିତ ପାରମ୍ପରିକି ପରିଧାନ ଦିବସ ପାଲଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ପରମ୍ପରା ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଡ. ଗୋପୀନାଥ ବାଗ ଏହାକୁ ସଂସ୍କୃତିର ଏକ ବଳିଷ୍ଠ ବିଭବ ବୋଲି କହିଥିଲେ। ସେହିଭଳି ଡ. ଶୁକ୍ରମୁନି ମେହେର ସଂସ୍କୃତିର ମହନୀୟତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଏଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଗବେଷକ ଡୋଳାମଣି ମାଝୀ, ମନସା ମୋହନ ହେମ୍ବ୍ରମଙ୍କ ସହିତ ଓଡ଼ିଆ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗ ଦେଥିଲେ। ଏହି କାର୍ଯ୍ୟକ୍ରମ ଯୋଗୁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସାଂସ୍କୃତିକ ବାତାବରଣ ସୃଷ୍ଟି ହୋଇଥିଲା। ପ୍ରଫେସର ବୁଲୁ ମହାରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।ଏଥିରେ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ, ପ୍ରଫେସର ଦେବେନ୍ଦ୍ର କୁମାର ମହାଳିକ, ପ୍ରଫେସର ଜସ୍ମିନ ନାଏକ, ଡ. ସୁନୀତି ଦେବତା, ଡ. ଭରଦ୍ୱାଜ ସାହୁ ଓ ଅନ୍ୟାନ ବରିଷ୍ଠ ଅଧାପକ ଅଧାପିକାମାନେ ଉପସ୍ଥିତ ଥିଲେ।

# ଗୁଣାତ୍ମକ ଶିକ୍ଷା ପ୍ରତି ସର୍ବଦା ସ୍କୁଲର ପ୍ରତିବଦ୍ଧତା ରହିଛି

### ଇଣ୍ଡିଆନ ପବ୍ଲିକ ସ୍କୁଲର ସ୍ଥାପନା ଦିବସ

ସମ୍ବଲପୁର,୩।୪(ବି.ଶଙ୍କର)

ଇଣ୍ଡିଆନ ପବ୍ଲିକ ସ୍କୁଲର ୧୮ତମ ସ୍ଥାପନା ଦିବସ ସମ୍ବଲପୁର ସହର କ୍ଷେତରାପୁରଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଧାନାଚାର୍ଯ୍ୟ ସଚିନ ପାଠକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳିତ ହେବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶିକ୍ଷାନୁଷ୍ଠାନର ଶିକ୍ଷାଗତ ସମନ୍ୱୟକାରୀ ରଶ୍ମିରେଖା ପଣ୍ଡା, ସମସ୍ତ ବିଭାଗାଧକ୍ଷ ବିଜୟ କୁମାର ପ୍ରଧାନ, ବିକ୍ରମାଦିତ୍ୟ ଷଡଙ୍ଗୀ, ମିଥିଲେଶ ଝା, ତପନ ଦ୍ୱିବେଦୀ, ପ୍ରଫୁଲ୍ଲ ଗୌଡ଼, ଅର୍ଚ୍ଚନା ଦୋରା, ପ୍ରୀତି



ଇଣ୍ଡିଆନ ପବ୍ଲିକ ସ୍କୁଲର ସ୍ଥାପନା ଦିବସରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ମିଶ୍ର ଉପସ୍ଥିତ ଥିଲେ। ବିଭାଗାଧକ୍ଷ ହେମନ୍ତ କୁମାର ଯାଦବ ସ୍ୱାଗତ ଭାଷଣ ଓ ଅତିଥି ସ୍ୱାଗତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାଧାନାଚାର୍ଯ୍ୟ ପାଠକ କହିଥିଲେ, ବିଦ୍ୟାଳୟର ଉନ୍ନତି, ଶୃଙ୍ଖଳା ଓ ଗୁଣାତ୍ମକ ଶିକ୍ଷା ପ୍ରତି ସର୍ବଦା ଆମର ପ୍ରତିବଦ୍ଧତା ରହିଛି। ସେ ଛାତ୍ରୀଛାତ୍ରଙ୍କୁ ନିରନ୍ତର ପରିଶ୍ରମ, ଶୃଙ୍ଖଳା ଓ ନୈତିକ ମୂଲ୍ୟଗୁଡିକୁ ଅନୁସରଣ କରିବାକୁ ପ୍ରେରିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ଥାପକ କେଶବ ଡାଲମିଆ ଓ ସୁମନ ଡାଲମିଆ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହାଟ ଚାଳିଆରେ ଯୁବକଙ୍କ ଝୁଲନ୍ତା ମୃତଦେହ

## ହତ୍ୟା ସନ୍ଦେହ

**ରେମୁଣା(ରବୀନ୍ଦ୍ର ମହାକୁଡ)/ ରସାଲପୁର (ଶରତ ସାମଲ), ୩।୪**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଖନ୍ତାପଡ଼ା ଥାନା ଅନ୍ତର୍ଗତ ମାଳଗାଁର ଏକ ହାଟ ଚାଳିଆରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ହାଟପଡ଼ିଆର ଏକ ଗଛ ନିକଟରେ ବାଇକ ରହିଥିବା ବେଳେ ୨୦ଫୁଟ ଦୂରରେ ଯୁବକଙ୍କ ମୃତଦେହ ଏକ ଚାଳିଆ ବାଉଁଶରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତକ ହେଲେ ହରେନ୍ଦ୍ର ଦଳେଇ (୩୩)। ହରେନ୍ଦ୍ରଙ୍କ ପକେଟରେ ମୋବାଇଲ ଓ ପର୍ସ ମଧ୍ୟ ରହିଥିଲା। ତେବେ ତାଙ୍କ ଗୋଡ଼ ତଳେ ଲାଗିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଏ ସମ୍ପର୍କରେ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୮/୨୬) ରୁଜୁ କରିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

ହରେନ୍ଦ୍ର ଗୁରୁବାର ସନ୍ଧ୍ୟାରେ ବାଇକ୍ ଯୋଗେ ମାର୍କେଟ୍ ଯାଇଥିଲେ। ରାତିରେ ଘରକୁ ଫେରି ନ ଥିଲେ। ପାଖ ଗାଁରେ ଯାତ୍ରା ଦେଖୁଥିବା ପରିବାର ଲୋକେ ଭାବିଥିଲେ। ମାତ୍ର ସକାଳେ ଏଭଳି ଘଟଣା ଘଟିଥିବା ଦେଖିବାକୁ ମିଳିଥିଲା। ତେବେ ନିଶା ପାଇଁ ଏଭଳି ଘଟଣା ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ଏହି ଅଞ୍ଚଳରେ ନିଶା କାରବାର ଅବାଧରେ ଚାଲିଥିବା ବେଳେ ଛିନ୍‌ତାଇ ଭୟରେ ସନ୍ଧ୍ୟା ପରେ ମାଳ ରାସ୍ତାରେ ଯିବାକୁ ଲୋକେ ଡରୁଛନ୍ତି। ଶେରଗଡ଼ଠାରୁ ଏହି ନିଶା କାରବାର ବରୁଣସିଂର ମାଳ ପର୍ଯ୍ୟନ୍ତ ଲମ୍ବିଛି। ସନ୍ଧ୍ୟା ହେଲାମାତ୍ରେ ଯୁବକମାନେ ଷ୍ଟେଶନ ନିକଟ ନିଛାଟିଆ ସ୍ଥାନରେ ବସି ନିଶାସେବନ କରୁଛନ୍ତି।


ମୃତଦେହ ଜବତ ହୋଇଥିବା ସ୍ଥାନରେ ପୋଲିସ ଓ ସ୍ଥାନୀୟ ଲୋକେ।

# ବନ୍ଧାହେଲେ ଅବସରପ୍ରାପ୍ତ ଅଧିକାରୀଙ୍କ ସହ କିରାଣି

**ସମ୍ବଲପୁର, ୩।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଅବକାରୀ ବିଭାଗରେ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି। ଜାଲିଆତି କରି ବିଭାଗରୁ ପ୍ରାୟ ୩.୬୭ କୋଟି ଟଙ୍କା ଆତ୍ମସାତ୍ ଅଭିଯୋଗରେ ସମ୍ବଲପୁର ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଅବକାରୀ କାର୍ଯ୍ୟାଳୟର ନିଲମ୍ବିତ ଜୁନିୟର ଆସିଷ୍ଟାଣ୍ଟ (କନିଷ୍ଠ କିରାଣି) ସନ୍ଦୀପ କୁମାର ପଟ୍ଟନାୟକ(୩୮) ଏବଂ ଅବକାରୀ ବିଭାଗର ଅବସରପ୍ରାପ୍ତ ସହକାରୀ ଉପନିରୀକ୍ଷକ (ଏଏସ୍‌ଆଇ) ଶରତ ଚନ୍ଦ୍ର ବେହେରା(୬୫)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ଏଏସ୍‌ଆଇ ଅଚ୍ୟୁତ ଦେହୁରୀ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି ବୋଲି ପୋଲିସ ସୂଚନା ଦେଇଛି। ସନ୍ଦୀପ ଗଜପତି ଜିଲା ପାରଳାଖେମୁଣ୍ଡିର ମୂଳ ବାସିନ୍ଦା ହୋଇଥିବାବେଳେ ବର୍ତ୍ତମାନ ଅଇଁଠାପାଲି ଥାନା ଅନ୍ତର୍ଗତ ମହାନଦୀ ବିହାରରେ ରହୁଛନ୍ତି। ଶରତଙ୍କ ଘର କଟକ ଜିଲା ଖୁଣ୍ଟୁଣି ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର। ସ୍ଥାନୀୟ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ମୁକେଶ କୁମାର ଭାମୁ ଏନେଇ ସୂଚନା ଦେଇ କହିଛନ୍ତି, ୨୦୨୨ ନଭେମ୍ବରରୁ ୨୦୨୫ ଅକ୍ଟୋବର ମଧ୍ୟରେ ଅବକାରୀ ବିଭାଗର ସରକାରୀ ପାଣ୍ଠିରେ ଅନିୟମିତତା ହୋଇଥିବା ବିଭାଗୀୟ ଅଡିଟ୍ ରିପୋର୍ଟରୁ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଏଫ୍‌ଏମ୍‌ଏସ୍) ପୋର୍ଟାଲ ମାଧ୍ୟମରେ ଜାଲ୍ ମଞ୍ଜୁରୀ ଅର୍ଡର ପ୍ରସ୍ତୁତକରି କର୍ମଚାରୀଙ୍କ ପେନ୍‌ସନ ଏବଂ ବକେୟା ଦରମା ବାବଦରେ ବେଆଇନ ଭାବେ ବହୁ କୋଟି ଟଙ୍କା ଆତ୍ମସାତ୍ କରିଥିଲେ। ଏଭଳି ଆର୍ଥିକ ଅନିୟମିତତା ସମ୍ପର୍କରେ ଅଡିଟ୍ ରିପୋର୍ଟରୁ ଜଣାପଡ଼ିବା ପରେ ଅବକାରୀ ବିଭାଗ ପକ୍ଷରୁ ମାର୍ଚ୍ଚ ୯ରେ ଅଇଁଠାପାଲି ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ନେଇ ଥାନାରେ ମାମଲା (ନଂ.୭୩/୨୦୨୬) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଗତ ମାର୍ଚ୍ଚ ୨୮ରେ ନିଲମ୍ବିତ କନିଷ୍ଠ କିରାଣି ସନ୍ଦୀପଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତାଙ୍କ ସୂଚନା ଆଧାରରେ ମାର୍ଚ୍ଚ ୩୧ରେ ଅନ୍ୟତମ ଅଭିଯୁକ୍ତ ଶରତଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପୋଲିସ ଏମାନଙ୍କ ନିକଟରୁ ନଗଦ ୨୩ ଲକ୍ଷ ୪୬ ହଜାର ୫ଶହ ଟଙ୍କା ଜବତ କରିଛି। ଏହାସହ ୧୪ ଲକ୍ଷ ଟଙ୍କାର ଡିଡିଓ ଡିପୋଜିଟ୍, ଅଚ୍ୟୁତ ଦେହୁରୀଙ୍କ ନାମରେ ୟୁକୋ ବ୍ୟାଙ୍କର ଖୁଣ୍ଟୁଣି ଶାଖା ଆକାଉଣ୍ଟରେ ଥିବା ୨୦ ଲକ୍ଷ ଓ ସମ୍ବଲପୁର ମୁଖ୍ୟ ଶାଖାରେ ଥିବା ୧୦ ଲକ୍ଷ ଟଙ୍କା ମିଶି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ମୋଟ୍ ପ୍ରାୟ ୪୪ ଲକ୍ଷ ଟଙ୍କାକୁ ପୋଲିସ ଫ୍ରିଜ୍ କରିଛି ବୋଲି ଏସ୍‌ପି ଭାମୁ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେଣୁ ଏହି ଘଟଣାରେ ଆହୁରି ଗିରଫଦାରିର ମଧ୍ୟ ସମ୍ଭାବନା ରହିଛି ବୋଲି ଏସ୍‌ପି କହିଛନ୍ତି।


ଅବକାରୀ ବିଭାଗର ପାଣ୍ଠି ଆତ୍ମସାତ୍ ଅଭିଯୋଗରେ ଗିରଫ ଅବକାରୀ ବିଭାଗର ଦୁଇ ପ୍ରାକ୍ତନ କର୍ମଚାରୀ ।

**ଅବକାରୀ ବିଭାଗରେ ୩.୬୭ କୋଟିର ଅନିୟମିତତା**

**ତଦନ୍ତ ଜାରି ରହିଛି, ଗିରଫଦାରି ବଢ଼ିପାରେ: ଏସ୍‌ପି**

# ଭୁବନେଶ୍ୱରରୁ ଗିରଫହେଲେ ୫

## ମୁଖ୍ୟ ବଜାରରେ ବୋମାମାଡ଼ ଘଟଣା

**ଚିକିଟି, ୩।୪(ପ୍ରକାଶ ଚନ୍ଦ୍ର ସାହୁ)**

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଚିକିଟିପେଣ୍ଠ ମୁଖ୍ୟ ବଜାରରେ ଗତ ମଙ୍ଗଳବାର ରାତି ସାଢେ ୮ଟାରେ ହୋଇଥିବା ବୋମାମାଡ ଘଟଣାରେ ଶୁକ୍ରବାର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଖରଣିପଡ଼ା ଗ୍ରାମର ଶୁଭମ ପାଣିଗ୍ରାହୀ, କେ ନୂଆଗାଁ ଥାନା ଚିକିଟିପେଣ୍ଠର କାହ୍ନୁ ଚରଣ ସାହୁ, ଆମୁଣ୍ଡି ଗ୍ରାମର ସାର୍ଥକ ପାତ୍ର, ଶତ୍ରୁମର୍ଦ୍ଦନପୁର ଗ୍ରାମର ନୀଳମଣି ପାତ୍ର(୨୮) ଏବଂ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଦିନୀପୁର ଗ୍ରାମର ଗୌତମ ପ୍ରଧାନ (୨୩) । ଏହି ୫ ଅଭିଯୁକ୍ତଙ୍କୁ ପାତ୍ରପୁର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ବିଶ୍ୱଜିତ ନାୟକ କହିଛନ୍ତି।

ମାମଲାରୁ ପ୍ରକାଶ, ମଙ୍ଗଳବାର ଚିକିଟିପେଣ୍ଠ ମୁଖ୍ୟ ବଜାରର ଏକ ଡ୍ରେସ୍ ଦୋକାନ ଏବଂ ଘର ନିକଟକୁ ୨ ଜଣ ଯୁବକ ଅଚାନକ ଆସି ପେଟ୍ରୋଲ ବୋମା ପକାଇ ଦ୍ରୁତ ଗତିରେ ଚାଲିଯାଇଥିଲେ। ଏହିଭଳି ସେଠାରେ ସେମାନେ ଭୟର ବାତାବରଣ ଖେଳାଇ ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ । ଏନେଇ ୧ ତାରିଖରେ ଉମାକାନ୍ତ ସାହୁ କେ. ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ନଂ. ୮୮/୨୦୨୬ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା । ଅଭିଯୁକ୍ତମାନେ ଭୁବନେଶ୍ୱର ବାପୁଜୀ ନଗରସ୍ଥିତ ଏକ ହୋଟେଲରେ ରହୁଥିବା ସୂଚନା ପାଇ ସ୍ଥାନୀୟ ପୋଲିସ ସହାୟତାରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଗୋଟିଏ ହିରୋହଣ୍ଡା ବାଇକ୍, ଗୋଟେ କାର ଏବଂ ବିସ୍ଫୋରଣ ହେଉଥିବା ପେଟ୍ରୋଲ ବୋମାର କିଛି ଅଂଶ ପୋଲିସ ଜବତ କରିଛି । ଉମାକାନ୍ତ ସାହୁଙ୍କ ପୁଅ ସୀମାଞ୍ଚଳ ସାହୁଙ୍କ ନିକଟରୁ ଅଭିଯୁକ୍ତମାନେ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ସୀମାଞ୍ଚଳ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଯୋଜନାବଦ୍ଧ ଭାବେ ଏଭଳି ଘଟଣା ଘଟାଇଥିବା ପୋଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ୨ ଜଣ ବାଇକ୍‌ରେ ଆସି ଘଟଣା ଘଟାଇଥିଲେ ମଧ୍ୟ ଅନ୍ୟ ୩ ଜଣଙ୍କର ଏଥିରେ ସମ୍ପୃକ୍ତି ରହିଛି।


ଗିରଫ ଅଭିଯୁକ୍ତମାନେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

**କେନ୍ଦୁଝର,୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଟାଉନ ପୋଲିସ ଟାଉନ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାଲେଶ୍ୱର ଜିଲା ରାଇବଣିଆର ସୌମ୍ୟରଞ୍ଜନ ପାତ୍ର (୨୫)। ଘଟଣାରେ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା କାମାକ୍ଷାନଗରର ଅଞ୍ଚଳର ୨୩ ବର୍ଷୀୟା ଯୁବତୀଙ୍କ ସହ ଅଭିଯୁକ୍ତ ଗତ ୩ ବର୍ଷ ଧରି ସମ୍ପର୍କରେ ଥିଲେ। ଉଭୟେ ଗୋଟିଏ ସ୍ଥାନରେ କାମ କରୁଥିବା ବେଳେ ଲିଭ-ଇନ୍ ରହୁଥିଲେ। ଅଭିଯୁକ୍ତ ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୩୧୭/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କୁ ଶୁକ୍ରବାର ଗିରଫ କରି ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରିଛି। ପୀଡ଼ିତାଙ୍କ ମଧ୍ୟ ବୟାନ ରେକର୍ଡ କରାଯାଇ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା କରାଯାଇଥିବା ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ୫ ପେଟ୍ରୋଲ ପମ୍ପରୁ ଚୋରି ଘଟଣାରେ ୨ ଗିରଫ

**ଢେଙ୍କିକୋଟ,୩।୪(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥକଡ଼ରେ ଥିବା ୫ ପେଟ୍ରୋଲ ପମ୍ପରୁ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ଦୀପଙ୍କର ପଣ୍ଡା(୨୨) ଓ ରାଜେଶ ପଣ୍ଡା(୨୩)।

ପ୍ରକାଶ ଯେ, ରାଜପଥ କଡ଼ ବାଙ୍କପାଟୁଳି ପେଟ୍ରୋଲ ପମ୍ପ, କଟରାବେଡ଼ା ପେଟ୍ରୋଲ ପମ୍ପ ଓ ସାନମସିଣାବିଲା ପେଟ୍ରୋଲ ପମ୍ପ ସମେତ ଘଟଗାଁ ଥାନା ଅଧୀନରେ ଥିବା ଏକ ପେଟ୍ରୋଲ ପମ୍ପ ଓ ପଣ୍ଡାପଡ଼ା ଥାନା ଅଧୀନରେ ଥିବା ପମ୍ପରୁ ଗତ ୨୨ ଓ ୨୩ ତାରିଖରେ ଏକ ହୁଣ୍ଡାଇ କାରରେ ଆସି ୫୦୦ ଲିଟରରୁ ଊର୍ଦ୍ଧ୍ୱ ପେଟ୍ରୋଲ ଗାଡ଼ି ଓ କାର ଭିତରେ ଥିବା ବ୍ୟାରେଲରେ ଭର୍ତ୍ତି କରି ଟଙ୍କା ନ ଦେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଢେଙ୍କିକୋଟ ପୋଲିସ ବିଟ୍ ହାଉସ, ଘଟଗାଁ ଥାନା ଓ ପଣ୍ଡାପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ପି ନୀତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ପଣ୍ଡାପଡ଼ା ଅଞ୍ଚଳରୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏନେଇ ଘଟଗାଁ ଥାନାରେ ପୃଥକ ମାମଲା(ନଂ. ୧୯୯, ୨୦୦ ଓ ୨୧୬/୨୬)ରୁଜୁ ହୋଇଛି। ଅଭିଯୁକ୍ତ ରାଜ୍ୟ ସାରା ବୁଲି ପେଟ୍ରୋଲ ପମ୍ପରୁ କରୁଥିବା ଜଣାପଡ଼ିଛି।

**Classified Everyday 0674-2580101, 9692975378**


REAL ESTATE

**SALE**

**Sharing/ Outright Lands are available for Apartment/ Duplex Projects around Bhubaneswar. Contact: 8984071303/ 8984349324/ 7008521277 / 9776905277.** D-21

ରାମଦାସପୁର ଶିଳ୍ପାଞ୍ଚଳରେ Sai International School ଓ NDRF Colony ନିକଟରେ ମେନରୋଡ଼କୁ ଲାଗିକିଥିବା ଗୋବିନ୍ଦପୁର ମୌଜାର ୩୦ଗୁଣ୍ଠ ଘରବାଡ଼ି ଜାଗା ବିକ୍ରୟହେବ। Contact: 8420459038, 7735999946 (Broker excuses). D-19


FOR RENT

WITH 3 BEDROOMS, 2 TOILETS, SEMI MODULAR KITCHEN, 1 BALCONY (FOR FAMILY), Spring City, Tower C-005 (Tulip), Flat no. 204, Kantabada, Bhubaneswar. Mob- 9958433850/ 9582911473 / 8249246656. D-25




All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana - 8984846329. D-76957

**AFFIDAVIT**

By virtue of an affidavit sworn before the Notary Public, Titilagarh, dtd.- 03.04.2026, I, Debashish Pattnayak, S/o.- Late Damodar Pattnayak, R/o. Village- Saintala, P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Sai Arsita Pattnaik to Sai Shibanshi Pattnayak. Henceforth, she shall be known as Sai Shibanshi Pattnayak for all purposes.
Debashish Pattnayak D-24

By virtue of an Affidavit sworn before the Executive Magistrate, Berhampur, Ganjam, I, Ajit Nahak, aged about 58 Years, S/o.- Debaraj Nahak, resident of Village- Paschima Sahi, Baragaon, Mukundapur, Kalasandhapur, P.S.- Aska, Dist.- Ganjam- 761111 declare by this Affidavit No. A-213, Dated- 02.04.2026 that now onwards I shall be known as Ajita Kumar Nahak for all future purposes. D-22

By virtue of an affidavit sworn before the Executive Magistrate, Badbil vide Sl. No.1172, dated 31.03.2026, I, SIDDHARTH SINGH declare that my correct name is "SIDDHARTH SINGH, S/o.- VIJAY PRATAP SINGH" and I shall be known as "SIDDHARTH SINGH, S/o.- VIJAY PRATAP SINGH" for all purposes.
SIDDHARTH SINGH D-23

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate of Deogarh, Affidavit No.824, dated- 07.03.2026, I, Jyotsna Dehury, daughter of Rabindra Pradhan (Kelda), D.O.B- 22.01.1975. • My nickname is Reena Dehury and I am wife of Ram Chandra Dehury (husband). • Jyotsna Dehury and Reena Dehury are one and same persons for all purposes. • My Aadhaar No. xxxx xxxx 4658, Village/ P.O.- Dandasingha, P.S.- Barkot, Dist.- Deogarh, PIN- 768108, Odisha. • In case of any query, kindly report to competent authority within one month. D-28

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**LEGAL NOTICE**

District- Balangir
IN THE COURT OF CIVIL JUDGE SENIOR DIVISION, TITILAGARH, Civil Suit No. 35 of 2024
Raj Kumar Swain .......Plaintif
Versus
Dhaneswar Bhoi and others .....Defendants
To
Dhaneswar Bhoi, S/o.- Late Bango Bhoi, Resident of At /P.O./ P.S.- Titilagarh, Dist.- Balangir.
Where as, Raj Kumar Swain has instituted a suit against you for declaration of Right, title and interest and permanent injunction.
You are here by summoned to appear before the Court on Dt. 30.04.2026 to answer the claim and produce documents upon which you intend to rely in default the suit will be heard and determined in your absence.
Given under my hand and the seal for the Court this the 25th day of March 2026.
Sd./- Judge
D-20

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ


**୰ଉମାକାନ୍ତ ମହାନ୍ତି**
ବାଲୁଙ୍କେଶ୍ୱର ନଗର, ଡି.ସି.ବି ବ୍ୟାଙ୍କ ନିକଟ ବିଜିପୁର, ତମାଣ୍ଡୋ
ଆବିର୍ଭାବ: ୧୦।୦୬।୧୯୬୧
ତିରୋଧାନ: ୨୫।୦୩।୨୦୨୬
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଦୀପକ ମହାନ୍ତି, ଅମିତ୍ ମହାନ୍ତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


**ସ୍ୱର୍ଗତା ଉର୍ମିଳା ମହାନ୍ତି**
ଗ୍ରାମ- ସମସରପୁର
ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମା ଶାନ୍ତି ଲାଭ କରୁ। ଜଗତର ନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ଏତିକି ଲୋତକଭରା ନିବେଦନ।
ଇତି ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୭

# ରଚ ଶୁଦ୍ଧ ପଦ୍ୟ ପଢ଼ି ଯତିପାତ

– ବଳଭଦ୍ର ବହିଦାର

**ଅତୀତର ବହି**



ଫଣୀନ୍ଦ୍ର ଭୂଷଣ ନନ୍ଦ

ବଳଭଦ୍ର ବହିଦାର (୧୮୮୦-୧୯୫୯) ଏକାଧାରରେ କବି, ପ୍ରାବନ୍ଧିକ ଓ ଭାଷାବିତ୍। ପିତା ନାରାୟଣ ବହିଦାର, ମାତା ହାରାବତୀ। ଜନ୍ମ ସୋନପୁରରେ। ସୋନପୁର ମହାରାଜାଙ୍କ ଛାତ୍ରବୃତ୍ତି ଲାଭ କରି ହୁଗୁଳି ବିଶ୍ୱବିଦ୍ୟାଳୟରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସୋନପୁର ରାଜ୍ୟରେ ନିଯୁକ୍ତି । ରେଢ଼ାଖୋଲ ଦେୱାନ୍ ହରିବନ୍ଧୁ ପଟ୍ଟନାୟକଙ୍କ ଝିଅ ଲକ୍ଷ୍ମୀପ୍ରିୟାଙ୍କ ସହିତ ତାଙ୍କ ବିବାହ। ସମକାଳୀନ ସହକାର, ଶଙ୍ଖ, ଚତୁରଙ୍ଗ, ଝଙ୍କାର, ମେହେରପ୍ରଦୀପ ପ୍ରଭୃତି ପତ୍ରପତ୍ରିକାରେ ବଳଭଦ୍ର ଅନେକ ପ୍ରବନ୍ଧ ଲେଖିଛନ୍ତି। ବର୍ଣ୍ଣମାଳା ଶିକ୍ଷା (୧୯୨୧), ପାଟଣେଶ୍ୱରୀ କାବ୍ୟ (୧୯୨୮), ଯତିପାତ (୧୯୩୭) ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି। ମହଦାସୀନ, ଗୋକର୍ଣ୍ଣେଶ୍ୱର, ଲକ୍ଷ୍ମୀ, ଚିତ୍ରୋତ୍ପଳା, ଗ୍ରୀଷ୍ମେବର୍ଷା, ଆମନ୍ତ୍ରଣ ପ୍ରଭୃତି କବିତା ତାଙ୍କ କବିପ୍ରତିଭାର ଉଜ୍ଜ୍ୱଳ ନିଦର୍ଶନ।



ପାଟଣାରେ ଚୌହାନ ରାଜତ୍ୱ, ଖରଲିଗଡ଼ ବା ଖାରବେଳଗଡ଼, ଓଡ଼ିଆ ଦେଶ ମିଶ୍ରଣ, ଓଡ଼ିଆ ଭାଷାର ଉନ୍ନତି, ଓଡ଼ିଆ ବର୍ଣ୍ଣମାଳା ଓ ମୁଦ୍ରଣ ସମସ୍ୟା, ଓଡ଼ିଆ ବର୍ଣ୍ଣମାଳା ସଂସ୍କାର, ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷା, ଓଡ଼ିଆ ଅଭିଧାନର ସଂକ୍ଷିପ୍ତ ଇତିହାସ ଓ ଅଶୁଦ୍ଧ ପାଠ, ରାଷ୍ଟ୍ରଭାଷା ଓ ଓଡ଼ିଆ ଭାଷା, ହିନ୍ଦୁଜାତିର ସାକାର ଉପାସନା, ଓଡ଼ିଆ ସାହିତ୍ୟରେ ସମ୍ବଲପୁରୀ ଶବ୍ଦ, ଇହୁଦୀ, ଖ୍ରୀଷ୍ଟ ଓ ବୌଦ୍ଧଧର୍ମ, ପାର୍ସୀ ଧର୍ମର ଆଧାର ବୈଦିକ ଧର୍ମ, ଛାନ୍ଦ ଓ ସଙ୍ଗୀତ, କୋଶଳ କାହିଁ?, ସାହିତ୍ୟରେ କଥିତ ଭାଷା, ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ପ୍ରଭୃତି ପ୍ରବନ୍ଧ ବଳଭଦ୍ରଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥାଏ।

'ଯତିପାତ' ଅଳଙ୍କାର ପୁସ୍ତକଟି ତାଙ୍କର ଏକ ଯୁଗାନ୍ତକାରୀ ସୃଷ୍ଟି। ଶୁଦ୍ଧପଦ୍ୟ ରଚନାର ଏହା ମାର୍ଗଦର୍ଶିକା। ୧୯୩୭ ମସିହାରେ ସାରସ୍ୱତ ପ୍ରେସ୍, କଟକରେ ବହିଟି ମୁଦ୍ରିତ। ଓଡ଼ିଆ ଭାଷାରେ ପ୍ରଚଳିତ ବିଭିନ୍ନ ରାଗରାଗିଣୀ ଓ ଯତି ସମ୍ପର୍କରେ ଏକମାତ୍ର ଓଡ଼ିଆ ପୁସ୍ତକ 'ଯତିପାତ'। ଓଡ଼ିଆ ଭାଷାରେ ସମସ୍ତ ଛାନ୍ଦବୃତ୍ତ ଓ ଯତିପତନ ସମ୍ପର୍କରେ କୌଣସି ପୁସ୍ତକ ନ ଥିବାରୁ ଏହି ପୁସ୍ତକଟି ବେଶ୍ ଉପାଦେୟ ଏବଂ ସମକାଳର କବିମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। ଏଥିରେ ପୁରାତନ ଓ ନୂତନ ଛାନ୍ଦ ପୁସ୍ତକମାନଙ୍କରେ ବ୍ୟବହୃତ ବୃତ୍ତର ବର୍ଣ୍ଣନା ଏବଂ ପ୍ରତି ବୃତ୍ତରେ ଯତିପତନର ସ୍ଥାନ ପ୍ରାଞ୍ଜଳଭାବେ ଚିହ୍ନିତ ହୋଇଛି। ପୁସ୍ତକଟି କବିଶେଖର ଚିନ୍ତାମଣି ମହାନ୍ତିଙ୍କ ମନକୁ ପାଇଛି ଓ ସେ ଲେଖିଛନ୍ତି– ''ସାରସ୍ୱତ କୁସୁମୋଦ୍ୟାନର ସୁଦକ୍ଷ ମାଳାକାର ଏଇ ଯେଉଁ ନୂତନ ମାଳାଟି ଗୁନ୍ଥି ଅଛନ୍ତି, ତାହା ଉତ୍କଳ ଭାରତୀଙ୍କ କଣ୍ଠର ଉପଯୁକ୍ତ ଭୂଷଣ। ଏଥିରେ ବୈଶିଷ୍ଟ୍ୟ ଅଛି, ବୈଚିତ୍ର୍ୟ ଅଛି।''

'ଯତିପାତ'ରେ ପଦ, ପଦ୍ୟ, ଯତି, ଦୋଷ, ବୃତ୍ତ ପ୍ରଭୃତି ବର୍ଣ୍ଣନା ସହିତ ବିଭିନ୍ନ ରାଗରେ ଯତିନିର୍ଦ୍ଦେଶ ଯଥାଯଥ କରାଯାଇଛି। ବଳଭଦ୍ର କହନ୍ତି– ଶବ୍ଦ ବିନ୍ୟାସର ପ୍ରଣାଳୀକୁ ଛନ୍ଦ ବୋଲାଯାଏ ଏବଂ ଛନ୍ଦବିଶିଷ୍ଟ ରଚନାର ନାମ ପଦ୍ୟ। ଏହି ପଦ୍ୟ ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଦୁଇଭାଗରେ ବିଭକ୍ତ। ମିତ୍ରାକ୍ଷର ତିନିପ୍ରକାର– ପୂର୍ଣ୍ଣ ମିତ୍ରାକ୍ଷର, ଅପୂର୍ଣ୍ଣ ମିତ୍ରାକ୍ଷର, ଏକାନ୍ତର ମିତ୍ରାକ୍ଷର। ପଦ୍ୟର ଗାୟନବେଳେ ଗାୟକ ବା ପାଠକ ଯେଉଁଠି ଅଳ୍ପ ବିଶ୍ରାମ ନିଅନ୍ତି, ତାହାକୁ ଯତି ବୋଲାଯାଏ। ପଦର ଶେଷ ଅକ୍ଷରରେ ଯତି ପଡ଼ିଲେ ପଦ୍ୟ ସୁଶ୍ରାବ୍ୟ ହୁଏ। ପଦ ମଧ୍ୟରେ ପଡ଼ିଲେ ଯତିଭଙ୍ଗ ବୋଲି ବିବେଚିତ ହୁଏ। ବିଭିନ୍ନ ପଦ୍ୟରେ ଯତିପାତ ଓ ଯତିଭଙ୍ଗର ବିବରଣୀ ଦେଇ ପଦ୍ୟର ଉତ୍କୃଷ୍ଟ ଗୁଣ ସେ ସୂଚାଇଛନ୍ତି। ଏଥିରେ ରୀତିଯୁଗୀୟ କାବ୍ୟ କବିତାଠାରୁ ଆଧୁନିକ ଯୁଗର ରାଧାନାଥ, ମଧୁସୂଦନ ରାଓ, ଫକୀରମୋହନ ପ୍ରମୁଖଙ୍କ କବିତାରୁ ଦୃଷ୍ଟାନ୍ତମାନ ଗ୍ରହଣ କରାଯାଇଛି।

ବୃତ୍ତକୁ ସେ ଗାୟନ ପ୍ରଣାଳୀ ବୋଲି ବର୍ଣ୍ଣନା କରିଛନ୍ତି। ବୃତ୍ତକୁ ଛାନ୍ଦ ବୃତ୍ତ ଏବଂ ସଙ୍ଗୀତ ବୃତ୍ତ ରୂପରେ ଦୁଇଭାଗରେ ବିଭକ୍ତ କରିଛନ୍ତି। ଗାୟକମାନେ ଗୋଟିଏ ସଙ୍ଗୀତକୁ ଭିନ୍ନ ଭିନ୍ନ ପ୍ରକାରରେ ଗାଉଥିବାରୁ ବୃତ୍ତମାନଙ୍କର ଯତିସ୍ଥାନ ନିର୍ଣ୍ଣୟ କରିବା ସହଜସାଧ୍ୟ ନୁହେଁ। ତଥାପି ବଳଭଦ୍ର ପୁରାତନ ଓ ନୂତନ ଛାନ୍ଦ ପୁସ୍ତକରୁ ଅନେକ ବୃତ୍ତ ଗ୍ରହଣ କରି ସଙ୍ଗୀତଜ୍ଞମାନଙ୍କ ସାହାଯ୍ୟରେ ଯତିସ୍ଥାନ ନିର୍ଦ୍ଦେଶ କରିଛନ୍ତି। ଏହି ସମସ୍ତ ଶାସ୍ତ୍ରୀୟ ବୃତ୍ତ ସହିତ ସମ୍ବଲପୁର ଓ ସୋନପୁର ଅଞ୍ଚଳରେ ପ୍ରଚଳିତ ମାଳଶ୍ରୀ, ହଳିଆ ଓ ହୁମୋ ନାମକ ତିନିଗୋଟି ବୃତ୍ତର ସେ ଯତି ନିର୍ଦ୍ଦେଶ କରିଛନ୍ତି। ଯତିପାତରେ ବର୍ଣ୍ଣିତ ହୋଇଥିବା ଆନନ୍ଦ, ଆନନ୍ଦଭୈରବ, ଆଶାବରୀ, ଆଷାଢ଼ଶୁକ୍ଳ, ଆହାରୀ, କଳହଂସକେଦାର, କଳସା ସମେତ ୧୨୯ଗୋଟି ବୃତ୍ତ ସମ୍ପର୍କରେ ବର୍ଣ୍ଣନା ରହିଛି।

ହଳିଆ ବୃତ୍ତ ଦୁଇଟି ପାଦରେ ଗଠିତ। ପ୍ରଥମ ପାଦରେ ୧୯ ଓ ଦ୍ୱିତୀୟ ପାଦରେ ୧୮ଗୋଟି ଅକ୍ଷର ରହେ। ପ୍ରଥମ ପାଦର ଦଶମ ଓ ଶେଷ ଅକ୍ଷରରେ ଏବଂ ଦ୍ୱିତୀୟ ପାଦର ଦଶମ, ସପ୍ତଦଶ ଓ ଶେଷ ଅକ୍ଷରରେ ଯତିପାତ ହୁଏ। ସେମିତି ହୁମୋ ତିନିପାଦରେ ଏକପଦ ହୁଏ। ପ୍ରଥମ ପାଦରେ ୧୨, ଦ୍ୱିତୀୟ ପାଦରେ ୧୧ ଓ ତୃତୀୟ ପାଦରେ ୧୨ଗୋଟି ଅକ୍ଷର ଥାଏ। ଏହାର ଯତି ନିୟମ ହେଲା ୬+୬, ୬+୫, ୬+୬। ଏହି ବୃତ୍ତକ୍ରମରେ ଏକାନ୍ତର ମିତ୍ରାକ୍ଷର ଓ ଅମିତ୍ରାକ୍ଷର ଛନ୍ଦର ଯତି ନିର୍ଦ୍ଦେଶ କରି ବଳଭଦ୍ର ଯତି ନିରୂପଣ କ୍ଷେତ୍ରରେ ସ୍ୱକୀୟ ନିଷ୍ଠାର ପରିଚୟ ଦେଇଛନ୍ତି।

ବିଭିନ୍ନ ଗ୍ରନ୍ଥରେ ଗୋଟିଏ ଗୋଟିଏ ବୃତ୍ତର ଭିନ୍ନ ଭିନ୍ନ ରୂପକୁ ସେ ଦର୍ଶାଇଛନ୍ତି ଏବଂ ସେହି କ୍ରମରେ ଯତିପାତର ନିୟମ ସୂଚାଇଛନ୍ତି। ଛନ୍ଦର ଆକୃତି ଓ ପ୍ରକୃତିଗତ ଭିନ୍ନତାକୁ ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ନୀଳକଣ୍ଠ ଦାସ ଓ ବ୍ରଜବନ୍ଧୁ ମିଶ୍ର ଯେଉଁ ମୌଳିକ ଦୃଷ୍ଟିଭଙ୍ଗୀ ନେଇ ଆଲୋଚନା କରିଛନ୍ତି, ତା'ର ନିଷ୍ଠାପର ବିସ୍ତରଣ କରିଛନ୍ତି ବଳଭଦ୍ର। ଛନ୍ଦ ପ୍ରୟୋଗର



ଶିଳ୍ପଚାତୁରୀ ସହିତ ରୂପର ବିଭିନ୍ନ ପର୍ଯ୍ୟାୟକୁ ଆଧୁନିକ କାଳରେ ପ୍ରତିଷ୍ଠା ଦେଇଛି ଯତିପାତ। ବଳଭଦ୍ରଙ୍କର ସର୍ବଶ୍ରେଷ୍ଠ କୃତି ରୂପେ 'ଯତିପାତ' ଓଡ଼ିଆ ଅଳଙ୍କାର ଶାସ୍ତ୍ରରେ ବିଶେଷ ସମ୍ମାନର ଅଧିକାରୀ। ପୁସ୍ତକର ପ୍ରଚ୍ଛଦରେ ବଳଭଦ୍ର ପଦଟିଏ ଲେଖି ପୁସ୍ତକଟିର ବୈଶିଷ୍ଟ୍ୟ ପ୍ରତିପାଦନ କରନ୍ତି ଏହିପରି– ''ସୁକବି ନାମରେ ହେବ ଯଦି ଖ୍ୟାତ/ ରଚ ଶୁଦ୍ଧ ପଦ୍ୟ ପଢ଼ି ଯତିପାତ।''

– ୬୭, ସରସ୍ୱତୀ କୁଞ୍ଜ, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ

### ଭଲଲୋକ



**ଗାଳ୍ପିକା:** ପଦ୍ମାଳୟା ସାମଲ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫,
**ମୂଲ୍ୟ:** ଟ.୧୬୯/-

ମୋଟ ୩୬ଟି ଗଳ୍ପ ଦିହକୁ ଦିହ ଲଗେଇ ସମାସୀନା ଦୁଇ ମଲାଟ ମଝିରେ। ଲାଗେ ଯେମିତି ମୁହଁକୁ ମୁହଁ ଯୋଡ଼ି ଗପି ଚାଲିଛନ୍ତି ନିଜ ନିଜ ଜୀବନ ଓ ଜଗତର ଅଙ୍ଗେନିଭା ସୁଖଦୁଃଖ। ଅଧ୍ୟାପକ ରଞ୍ଜିତ କୁମାର ପରିଡ଼ା ଗପଗୁଡ଼ିକ ସମ୍ପର୍କରେ କହନ୍ତି: ''ଅନୁଭବ ଓ ଆବେଗର ଏକ ଫେଣ୍ଟାଫେଣ୍ଟି ରୂପ ପଦ୍ମାଳୟାଙ୍କ ଗଳ୍ପ ଜଗତ। x x ସେ କାହାଣୀ ଲେଖକ ନୁହନ୍ତି, କାହାଣୀକଥକ। କାହାଣୀ କହିବାର ଶୈଳୀରେ ତାଙ୍କ ଗଳ୍ପଗୁଡ଼ିକ ଲିଖିତ। କାହାଣୀଗୁଡ଼ିକ ସଂଳାପଧର୍ମୀ। ସାଧାରଣ ଜୀବନର ଘଟଣାକ୍ରମ ଓ ତଜ୍ଜନିତ କ୍ରିୟା ଓ ପ୍ରତିକ୍ରିୟାରୁ ତାଙ୍କ ଗଳ୍ପଧାରାର ଆତ୍ମପ୍ରକାଶ।'' ଗାଳ୍ପିକା କହନ୍ତି: ''ସବୁଠି ଅନ୍ଧାରର ପରଦାକୁ ହଟେଇ ଏକ ନୂତନ ଦିଗନ୍ତର ଉନ୍ମୋଚନ ନିମନ୍ତେ ଗଳ୍ପର ଚରିତ୍ରଗୁଡ଼ିକ ପାଲଟି ଯାଇଛନ୍ତି ମହାନାୟକ। ପ୍ରକାରାନ୍ତରେ ରହିଛି କିଛି ସାବଲୀଳ ସ୍ୱପ୍ନ, ଗଢ଼ିଦେବାର ଆତ୍ମପ୍ରତ୍ୟୟ, ମାନବୀୟ ସଂବେଦନାର ଉଚ୍ଛ୍ୱାସ ଏବଂ ସମାଜ ପାଇଁ ସୁନ୍ଦର ସୁନ୍ଦର ବାର୍ତ୍ତା।'' (ଅନୁଭବରୁ କିଞ୍ଚିତ୍, ପୃ: ୧୩) 'ଭଲଲୋକ', 'ରାତି ପାହିଆସୁଚି', 'ପାଳଭୂତ', 'ଭାଗ', 'ମୋହ', 'ପ୍ରାତଃଭ୍ରମଣ', 'ଟିକି ବରମୂଳ', 'ନାସ୍ତିକ', 'ବାପଘର', 'ଭିଟାମାଟିର ମୋହ', 'ଶବଦାହ', 'ମାନିଅପା' ଓ 'ଚଳନ୍ତି ଲକ୍ଷ୍ମୀ' ଆଦି ଗଳ୍ପଗୁଡ଼ିକ ପଢ଼ିଲେ ଭାଷାର ନିଚ୍ଛଳତା ଓ ବକ୍ତବ୍ୟର ଆପଣାପଣରେ ପାଠକ ବିଭୋର ହୁଏ। 'ପାଳଭୂତ' ଗଳ୍ପର ପରିଣତିରେ ନାତି ରୁଷଭ ଜେଜେକୁ କହୁଛି: ''ଜେଜେ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି, ଯିଏ ଆମ ଚାଷଜମିକୁ ଜଗିଛି। ମତେ ଗୋଟେ କଥାକୁହ ତ! କାଲିଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁ ସମୟ ଏଇ ଗେଟ୍ ପାଖରେ ଆମ ଘରକୁ ଜଗିକି ବସୁଛ। ତମକୁ ଦେଖି ଆମ ଘର ଭିତରକୁ କୁକୁର ବିଲେଇ କେହି ପଶୁନାହାନ୍ତି। ସମସ୍ତେ ତମକୁ ଡରୁଛନ୍ତି। ତା'ହେଲେ ତମେ ଆମଘରର ପାଳଭୂତ ନା!'' ପଦ୍ମାଳୟାଙ୍କ ଗପ ପାଠିକାପାଠକଙ୍କୁ ଭାବିତ କରେ, ଭୁଲିହବାକୁ ଦିଏନି।

### ରସବଲ୍ଲରୀ



**କବି:** ସ୍ନେହ ମିଶ୍ର
**ପ୍ରକାଶକ:** ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬,
**ମୂଲ୍ୟ:** ଟ.୨୦୦/-

କବିତା କହିବା ନା ଗୀତ କହିବା ଆଲୋଚ୍ୟ ପୁସ୍ତକର ଲେଖାଗୁଡ଼ିକୁ? ପ୍ରାୟ କବିତା ପଦପକା, ଛନ୍ଦୋମୟ। କେତେକ କବିତା ଆଧ୍ୟାତ୍ମିକ ତତ୍ତ୍ୱଗର୍ଭିତ। ଯଥା: ''ଜଳରେ ତରଙ୍ଗ/ ତରଙ୍ଗରେ ଜଳ/ ଭିନ୍ନ ହେଲେ ବି ଅଭିନ୍ନ/ ତତ୍ତ୍ୱଜ୍ଞାନୀ ଜାଣେ/ କିପରି ହୁଅଇ/ ସ୍ଥିର ବ୍ରହ୍ମରେ ତରଙ୍ଗ।'' (ତରଙ୍ଗ, ପୃ:୧୫) ପ୍ରେମ ଓ ପ୍ରକୃତି ଭାବନା କବିତାଗୁଡ଼ିକୁ କରିଛି ରସାଳ। ଗୀତ ପରି ଗାଇ ହେବ ଓ କବିତା ପରି ଗୁଣି ହେବ ଅନ୍ତର୍ମନରେ। ''ସୁଖର ଠିକଣା/ ଦୁଇଦିନ ପାଇଁ/ ଦେଖୁଦେଖୁ ଚାଲିଯାଏ/ ସୁଖଦୁଃଖ ସାଥି/ ନିୟତିର ନୀତି/ ସୁଖଦୁଃଖ ଲୁଚିଥାଏ।'' (ସୁଖଦୁଃଖ ଦୁହେଁ ଯାଆଁଳା ଭାଇ, ପୃ:୫୭)। 'କାଶତଣ୍ଡୀ', 'ଜ୍ୟୋତ୍ସ୍ନାବିଧୌତ ରଜନୀ', 'ଝରା ଶେଫାଳିର ଛନକା ଛାତି', 'ଭଙ୍ଗାଚୁନା ସୁନେଲି ସ୍ୱପ୍ନର', 'ସବୁଜ କ୍ଷେତ' ଓ 'ନୀଳ ଆକାଶ' ଆଦି କବିତାରେ କବୟିତ୍ରୀଙ୍କର କଳ୍ପନାପ୍ରବଣତା ତାଙ୍କ ଅଭିବ୍ୟକ୍ତିକୁ ସ୍ୱଚ୍ଛ କରିଛି। 'ଭାଗ୍ୟ' ଭଳି କତିପୟ କବିତା ବାର୍ତ୍ତାଧର୍ମୀ। ସାମ୍ପ୍ରତିକ ସମୟର ଜଟିଳ ଜୀବନବୋଧଠୁଁ କବିତାଗୁଡ଼ିକ ଯଦିଓ ଦୂରବର୍ତ୍ତୀ, ତଥାପି 'ରସବଲ୍ଲରୀ' ପାଇଁ ସମଧର୍ମୀ। ଦୁର୍ଲଭ ରହିବେ ନାହିଁ। ସ୍ନେହ କହନ୍ତି– ''ସମାଜର ବରିଷ୍ଠ ବ୍ୟକ୍ତିତ୍ୱମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଦେଇ ସଂସ୍କୃତିକୁ ବଜାୟ ରଖିବା ପାଇଁ ମୁଁ କବିତା ମାଧ୍ୟମରେ ପ୍ରୟାସ କରେ''। ମଣିଷର ପ୍ରତି ସଂକଳ୍ପ ତପସ୍ୟାର ଅପେକ୍ଷା ରଖେ, ସେ ତପସ୍ୟା ଲେଖିକାଙ୍କଠାରୁ ଆଶା କରିବା କଦାପି ଅହେତୁକ ନୁହେଁ।

## କବିତା

### ପକ୍ଷୀ

ଶୁଭସ୍ମିତା ତ୍ରିପାଠୀ

ଫେବୃଆରୀକୁ ଭଲପାଇ
ଏପ୍ରିଲ ଖରାରେ ହଳଦୀ ରଙ୍ଗର ଫୁଲ ସାଜି
ଫୁଟି ଉଠୁଥିବା ଝିଅଟେ
ତା' ଓଠଛୁଆଁ କୋଳିମଞ୍ଜିରେ
ତିଆରି କରିଦିଏ ଗୋଟେ କୋଳିବଣ,
ସେଇଠି ବାନ୍ଧେ ଶୁଆମାନଙ୍କ ପାଇଁ ବସା,
ପ୍ରଜାପତିଙ୍କ ପାଇଁ ସଜାଏ ବିଛଣା,
ଭରି ଭରି ହସର ଦୋଳି!

ତାକୁ ଗଛ ଲଗେଇ ଆସେ ବୋଲି
ସେ ରୋକିନିଏ ଅନେକ ମରୁଡ଼ି,
ଡାକିଆଣେ ଅଝରା ମେଘଙ୍କୁ,
କେଉଁ ମେଘ ଆଙ୍କି ପୋଡ଼ି ଯାଇଥିବା ଟିପରେ
ଲଗେଇଦିଏ ଦରଦର ମଲମ,
ଆଞ୍ଜୁଳେ ବର୍ଷା ହେଇ ପୋଛିଦିଏ
ଶୁଖିଲା ସମୁଦ୍ରର ଛାତି,
ଖାଉଁଳା ତାଳପତ୍ର ପାଇଁ ଡାକି ଆଣେ
ଝରିପଡୁଥିବା କଅଁଳ ଜହ୍ନର ତାତି!

ଚିତ୍ର କରୁକରୁ କେଉଁ ଝରି ପଡୁଥିବା ତୂଳୀର ରଙ୍ଗରେ
କୋଇଲି ବସୁବସୁ ଡାଳରୁ ଖସିପଡୁଥିବା ବଉଳ ଫୁଲରେ,
ମାଟି ମେଞ୍ଚେ ମାଠିଆ ହେବା ପୂର୍ବରୁ
ସାଇତି ରଖିଥିବା ତା' କଞ୍ଚାପଣ ଟିକିଏରେ
ସେ ତା' ମନର କଥା ସବୁ ସାଇତି ରଖେ,
ପାଲଟିଯାଏ ଗୋଟେ କବିତା ଲେଖୁଥିବା ଝିଅ
କେଉଁ ସମୁଦ୍ରକୂଳିଆ ସହରର!

ମୋ: ୮୪୮୦୮୬୭୧୯୦

### ସ୍ୱର୍ଗଦ୍ୱାର

ଡ. ଗୌରୀଶଙ୍କର ସାହୁ

ଦୁଆର ଏପାଖ ବେଳାଭୂମିରେ ପାଣି ଆସେ, ଯାଏ
ଗଲାବେଳେ ନଦୀ, ପୋଖରୀ, ଗାଡ଼ିଆ ହେଇ ବହିଯାଏ
ହେଲେ, ଆସିଲାବେଳେ ଲହଡ଼ି ଭାଙ୍ଗେ
ଘୋ ଘୋ ଗର୍ଜନ କରି ମାଡ଼ିଆସେ...

ଅକାତକାତ ପାଣିରେ ଭାସିଯାଇଛି ଅନେକ ଚିଜ
ହେଲେ, ଫେରିଆସିଛି ସବୁକିଛି ଲହଡ଼ି ସହିତ
ଆଜିଯାଏ ନେଇନି ବେଳାଭୂମି କିଛି ବି ସାଗର
ଏଇ କଥା ସତ।

ଲହଡ଼ି ଡେଇଁ, ସମୁଦ୍ରର ପାଣି ଧାର ସହ ଯିଏ ବି ଯାଇଛି
ପାଣିର ସେ କାନ୍ତ-ଶାନ୍ତ ଫେରନ୍ତା ବାଟରେ
ଭ୍ରମରେ ପଡ଼ିଛି କେବେ, ଆଉ କେବେ ଭଉଁରି ଗର୍ଭରେ
ଗଡ଼ିଛି ଅନେକ ମୁଣ୍ଡ...

ଦୂର ଚକ୍ରବାଳେ ବଣିକ-ବୋଇତ
ରତ୍ନଗର୍ଭା ମହୋଦଧି, ସ୍ୱପ୍ନ ଅଗଣିତ
ଏଠି ଠେଲାବାଲା, ଚାଟ୍-ଦହିବରା
ଗରିବଗୁରୁବା, ଭିକାରି, ବସ୍ତିବାଲା
କେଇସାରି ହୋଟେଲ, ଧର୍ମଶାଳା
ସ୍ଥାବର-ଜଙ୍ଗମ-ସମ୍ପତ୍ତିର ପସରା।

କାଳେକାଳେ ମୁକ୍ତିର ମନ୍ତ୍ର ଗାଇ ଚାଲିଥାଏ
ପ୍ରତିଟି ବେଳାଭୂମି
ମୋକ୍ଷର ରହସ୍ୟ ଲୁଚିଥାଏ କେଉଁ ସାଗର କୂଳରେ
ଏ ପାଖରେ ଚିତାଟିଏ ଜଳୁଥାଏ ହୁତୁହୁତୁ
ବେଳାଭୂମି ଧାରେ, ମୋକ୍ଷ ସନ୍ଧାନରେ
ପୁରୀ ସ୍ୱର୍ଗଦ୍ୱାରେ।

ମୋ: ୭୯୭୮୪୨୧୮୩୫

### ଶବ

ନିର୍ମଳ ଚନ୍ଦ୍ର ଶୂରଦେଓ

ବେଳେବେଳେ ଜୀବନ ଥାଇ ବି
ଶବ ପାଲଟିଥାଏ ମଣିଷ।
ଆଖି ବନ୍ଦ ହୋଇଯାଏ
କାନକୁ କିଛି ଶୁଭେ ନାହିଁ
ପାଟି ବୁଜି ହେଇ ରହିଯାଏ
ଗୋଡ଼ ହାତ ଅଚଳ ହେଇ
ପଡ଼ିରହିଥାନ୍ତି ସେମାନଙ୍କ ଇଚ୍ଛାରେ।

ଜୀବନ ଚାଲିଗଲାପରେ
ଜୀବ ଶବର ରୂପନିଏ
ଆପଣାର ମଣିଷକୁ
ଦୂରେଇ ଦେବାକୁ ହୁଏ
ଇଚ୍ଛା ଥିଲେ ବି କୁଣ୍ଢେଇ ପକେଇବାକୁ
ଇଚ୍ଛା ହୁଏନି ସହଜରେ।

ନାଟକ ସମାପ୍ତି ପରେ
ଯବନିକା ପଡ଼େ।
ଦର୍ଶକ ଫେରିଯା'ନ୍ତି
ନିଜ ନିଜ ଘରକୁ
ଭଲ ମନ୍ଦ କୁହାକୁହି ହୁଅନ୍ତି–
ନାଟକରେ ଅଭିନୟ
କରୁଥିବା ଚରିତ୍ରମାନଙ୍କର
ସୁଖ ଦୁଃଖକୁ
ଭୁଲିଯାଆନ୍ତି ସଭିଏଁ
ସମୟ ସୁଅରେ।

ମୋ: ୯୯୩୮୩୦୯୬୫୨

ଗୀତି-କବିତା

### ଛାଇ ନିଦ ଖେଳେ ହୋରି

ଲକ୍ଷ୍ମୀପ୍ରିୟା ପୃଷ୍ଟି

କ୍ଳାନ୍ତ ଏ ମୋର ଆଖିପତା ତଳେ
ଛାଇ ନିଦ ଖେଳେ ହୋରି
ଅବସାଦ ମେଘ ଆଢୁଆଳେ କିଏ
ହସୁଥାଏ ଥିରିଥିରି।

ସାୟାହ୍ନ ସପନ ଯାଇଥିଲା ଫେରି
ଆଖି ମୋର ଓଦାକରି
ଅବଶ ଏ ମନେ ଆସି ଆଜି କିଏ
ସ୍ୱପ୍ନ ଦେଇଛି ଭରି।

ସାରା ଆକାଶର ମିଠା ମଉସୁମୀ
ଦେଇଛି ଦରଜ ସାରି
କ୍ଳାନ୍ତ ଏ ମୋର ଆଖିପତା ତଳେ
ଛାଇ ନିଦ ଖେଳେ ହୋରି।

ଧୂସର ଜୀବନ ବାଲିଚର ପରେ
ମେଘର ମହ୍ଲାର ଭରି
ଦେଇଯାଏ କିଏ ପ୍ରୀତି ଉପହାର
ସମୟକୁ ପର କରି।

ପରତେ ଯିବାକୁ ନାହିଁ ଅବସର
ଶୋଷ ପାଇଁ ପାଣି ଭରି
ଇସାରାରେ କିଏ ଅଜାଡ଼େ ମୁଠାଏ
ଆନନ୍ଦର ଫୁଲଝରି।

ସପନ ତୁଠକୁ ଡାକି ନେଉଥାଏ
କାହାର ରେଶମୀ ଡୋରି
କ୍ଳାନ୍ତ ଏ ମୋର ଆଖିପତା ତଳେ
ଛାଇ ନିଦ ଖେଳେ ହୋରି।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



''ପ୍ରାର୍ଥନା ଶିଖିବାକୁ ଯାହାର ମନ,
ତା'କୁ ସମୁଦ୍ର କୂଳକୁ ପଠେଇଦିଅ।''
– ଜର୍ଜ ହର୍ବର୍ଟ୍

**ଜର୍ଜ ହର୍ବର୍ଟ୍‌ଙ୍କ** ଜନ୍ମ ୩ ଏପ୍ରିଲ ୧୫୯୩ରେ ଇଂଲଣ୍ଡର ୱେଲ୍‌ସରେ ଓ ପରଲୋକ ୧ ମେ ୧୬୩୩ରେ ୱିଲ୍‌ଟସାୟାର୍‌ରେ। ସେ ଏକାଧାରରେ କବି ଓ ସୁବକ୍ତା। ବ୍ରିଟେନ୍‌ର ସର୍ବୋତ୍ତମ ଭକ୍ତିଗୀତ ରଚୟିତାଙ୍କ ମଧ୍ୟରୁ ସେ ଜଣେ। ତାଙ୍କ ଲେଖାରେ ଥାଏ ଆଧିଭୌତିକ ଚେତନାର ସ୍ୱକୀୟ ସ୍ପନ୍ଦନ। ତୀକ୍ଷ୍ଣ ଧୀଶକ୍ତି, ମିତବ୍ୟୟୀ ଅଭିବ୍ୟକ୍ତି, ଈଶ୍ୱର ନିରାଜନା, ମାନବୀୟ ଗୁଣବତ୍ତାରେ ଆଗ୍ରହ, ବାସ୍ତବଧର୍ମୀ ପ୍ରଜ୍ଞା ପାଇଁ ସେ ସୁବିଦିତ। ତାଙ୍କର ପ୍ରମୁଖ କୃତିଗୁଡ଼ିକ ମଧ୍ୟରେ 'ଇଷ୍ଟର୍ ଉଇଙ୍ଗ୍‌ସ', 'ଦ ଅଲ୍‌ଟାର' ଓ 'ଦ କୋଲାର୍' ଅନ୍ତର୍ଭୁକ୍ତ। ସେ କହନ୍ତି: ''ଦୁଇଟି କଥା ଲୁଚେଇ ହୁଏନି– ଗୋଟିଏ କାଶ ଓ ଅନ୍ୟଟି ପ୍ରେମ।''

## ହିସାବ

**ଲଘୁଗଳ୍ପ**
**ରାଜେଶ କୁମାର ବାରିକ**

ଦୀର୍ଘ ୬ ବର୍ଷ ପରେ ପୁଅ ଘରକୁ ଫେରିଛି। ପୁଅକୁ ପାଇ ଖୁସିରେ ମାଆର ପାଦ ତଳେ ଲାଗୁନଥାଏ। ପିଣ୍ଡାରେ ପଟିଆ ପକାଇ ସେ ପୁଅକୁ ଖାଇବାକୁ ଦେଲା। ଠିକ୍ ଏଇ ସମୟରେ ମାଆ ପାଖକୁ ତା'ର ବିବାହିତା ଦୁଇଝିଅ ଫୋନ୍ କରିଥା'ନ୍ତି। ଫୋନ୍‌ଟି କନ୍‌ଫରେନ୍ସ ହୋଇଥିବାରୁ ତିନିଜଣ କଥା ହେଉଥା'ନ୍ତି। ଯେଉଁ ଫୋନ୍ କଲ୍‌ଟିଏ ପାଇଁ ମାଆ ଅପେକ୍ଷା କରି ରହିଥାଏ, ଆଜି ସେଇ ଫୋନ୍ କଲ୍ ମାଆର ମନକୁ ବିଚଳିତ କରୁଛି! ସେ ଭାବିପାରୁନି ଆଜି ଖୁସି ହେବ ନା ପୁଅକୁ ଦୁଇଚାରି ପଦ ଶୁଣାଇଦେବ! ମାଆକୁ ଅଳ୍ପ ଶୁଣାଯାଉଥିବାରୁ କଲ୍ ସ୍ପିକରରେ ଥାଏ।

ତୁମ ଭାଇଁ କହୁଥିଲେ ଓମାନ ଦେଶର ଏକ ଟଙ୍କା କୁଆଡ଼େ ଆମ ଦେଶରେ ୨୩୦ ଟଙ୍କା। ସେଠାକାର ୧୦୦ ଟଙ୍କା ମାନେ ୨୩,୦୦୦ ଟଙ୍କା। ଭାଇ ୬ ବର୍ଷ ରହି ଆସିଲା ଭାବି ପାରୁଥିବୁ ସେ କେତେ ଟଙ୍କା ରୋଜଗାର କରିଥିବ! ଗତକାଲି ଯେତେବେଳେ ଆମ ଘରକୁ ଆସିଥିଲା କେଜିଏ ଦାନାଦାର ମିଠା ଆଣିଥିଲା ଆଉ ଗଲାବେଳେ ତା' ଭଣଜା ହାତରେ ୧୦୦ ଟଙ୍କା ଦେଇଯାଇଛି। ଆଜି ସେଇ କଥାକୁ ନେଇ ଆମ ଘରେ ନାଟକ ଚାଲିଛି! ଭାବିଲୁ ମାଆ ଭାଇ କ'ଣ ଠିକ୍ କଲା?

ଖାଇବା ପାଖରେ ବସି ହିସାବ କରୁଥିଲା ଏତେ ବର୍ଷର ଏତେସବୁ ଟଙ୍କା କୁଆଡ଼େ ଗଲା... ଭଉଣୀ ବାହାଘର ପାଇଁ ବାପା କରିଥିବା ଲୋନ୍। ଯୌତୁକ ଗାଡ଼ି, ବାପାଙ୍କ ପାଇଁ ଖର୍ଚ୍ଚ ହେଇଥିବା ଡାକ୍ତରଖାନା ପଇସା। ଭଙ୍ଗା ଘର ସଜଡ଼ା... ଆଉ ହିସାବ ପାଉନଥିଲା ସେ। ସିଏ ଆଖିରୁ ଲୁହ ଦୁଇଧାର ବହିଯିବା ପରେ ପାଟିରୁ ବାହାରି ପଡ଼ିଲା– ''କହୁଥିଲି ଆଉ ୨ବର୍ଷ ପରେ ଆସିବି। ଆଉ ତୁମେ ସବୁ କହିଲ କିଛି ଦରକାର ନାହିଁ ତୁ ଖାଲି ଚାଲିଆ...''

ପୁଅ ଆଖିରୁ ଲୁହ ଝରି କଂସାରେ ପଡୁଥାଏ, ସେ ଭାତଗୁଣ୍ଡାକ ପାଟିକୁ ନେଇପାରୁନଥାଏ। ଫୋନ୍ ସେପଟୁ ଝିଅମାନଙ୍କର ଅଭିଯୋଗର ସ୍ୱର ଏବେ ବି ଶୁଭୁଥାଏ, ''ମାଆ, ତୁ କିଛି କହୁନୁ ଯେ! ଭାଇ କ'ଣ ସତରେ ଏମିତି କଞ୍ଜୁସ୍ ହୋଇଗଲା?''

ମାଆ ଏଥର ଧୀରେ କରି ଫୋନ୍‌ଟିକୁ ହାତକୁ ନେଲା। ତା' ଆଖି ସାମ୍ନାରେ ପୁଅର ସେହି ୬ ବର୍ଷ ତଳର ଚେହେରା, ଆଉ ଆଜିର ରୁକ୍ଷ ଚେହେରା ନାଚିଗଲା। ସେ ବୁଝିପାରିଲା ଯେ ଘରର ଯେଉଁ ଚକ୍‌ଚକ୍ କାନ୍ଥକୁ ଦେଖି ଝିଅମାନେ ଭାଇର ରୋଜଗାର ହିସାବ କରୁଛନ୍ତି, ସେହି କାନ୍ଥ ତଳେ ପୁଅର ରକ୍ତଭିଜା ପରିଶ୍ରମ ପୋତି ହୋଇ ରହିଛି। ମାଆ ଗମ୍ଭୀର ସ୍ୱରରେ କହିଲା:



''ଲୋ ମାଆ ସୁମି, ମିନି... ତୁମେମାନେ ଠିକ୍ କହୁଛ, ଓମାନ ଟଙ୍କାର ମୂଲ୍ୟ ବହୁତ। ହେଲେ ସେ ଟଙ୍କା ଗଲା କୁଆଡ଼େ ତା'ର ହିସାବ ତୁମେ ରଖିଛ କି? ସୁମି, ତୋ' ବାହାଘର ବେଳେ ଯେଉଁ ୫ ଲକ୍ଷ ଟଙ୍କା ଋଣ ହୋଇଥିଲା, ସେଇଟା କିଏ ଶୁଝିଲା? ମିନି, ତୋ' ଶାଶୁଘର ଲୋକ ଗାଡ଼ି ପାଇଁ ଯେଉଁ ଅଝଟ କରୁଥିଲେ, ସେଥିପାଇଁ ଟଙ୍କା କିଏ ପଠାଇଥିଲା? ଆଉ ତୁମ ବାପା ଯେତେବେଳେ ମାସ ମାସ ଧରି ବଡ଼ ଡାକ୍ତରଖାନାରେ ପଡ଼ିଥିଲେ, ସେତେବେଳେ ଏଇ 'ମିଠା କେଜିଏ' ନେଇଥିବା ଭାଇ ହିଁ ରାତିରାତି ଅନିଦ୍ରା ହୋଇ ସେଠି ଖଟି ଟଙ୍କା ପଠାଉଥିଲା।''

ଫୋନ୍ ସେପଟେ କିଛି ସମୟ ପାଇଁ ନୀରବତା ଛାଇଗଲା।

ମାଆ ଆହୁରି କହିଲା: ''ଆଜି ତୁମେମାନେ ନିଜ ନିଜ ସଂସାରରେ ହସଖୁସିରେ ଅଛ, ହେଲେ ତୁମ ଭାଇ ନିଜ ଯୌବନର ୬ଟା ବର୍ଷ ସେଇ ମରୁଭୂମିର ଗରମରେ କାଟିଦେଲା, ଯେମିତି ତୁମମାନଙ୍କ ଆଖିରେ ଲୁହ ନ ଆସୁ। ତୁମେମାନେ ହିଁ କହିଥିଲ, 'ଟଙ୍କା ଦରକାର ନାହିଁ ଭାଇ, ତୁ ଫେରିଆ', ଆଉ ଆଜି ସେ ଫେରିଆସିଲା ବୋଲି ତାକୁ ହିସାବ ମାଗୁଛ? ମନେରଖ, ମିଠା ପୁଡ଼ିଆର ଆକାରରୁ ଭାଇର ସ୍ନେହ ମପାଯାଏନି।''

ମାଆ ଫୋନ୍‌ଟିକୁ କାଟିଦେଲା। ପୁଅ ପାଖକୁ ଯାଇ ତା' ମୁଣ୍ଡ ଆଉଁଶି ଦେଇ କହିଲା, ''ଖାଇଦେ ପୁଅ... ଏ ଘର, ଏ ମାଆ ସବୁ ତୋର। ତୁ ଫେରିଆସିଛୁ ମୋ' ପାଇଁ ସେଇଟା ହିଁ ସବୁଠାରୁ ବଡ଼ ସମ୍ପତ୍ତି।''

ପୁଅ ମାଆ କୋଳରେ ମୁଣ୍ଡ ରଖି କଇଁକଇଁ ହୋଇ କାନ୍ଦିଉଠିଲା। ତା'ର ୬ ବର୍ଷର ଥକାପଣ ଯେମିତି ମାଆର ସେଇ ଟିକକ ସ୍ପର୍ଶରେ ଧୋଇ ହୋଇଗଲା।

– ଦେବେନ୍ଦ୍ରପୁର, ଅଭଣା, ବାଲେଶ୍ୱର
ମୋ: ୯୯୯୮୬୨୨୩୩୬

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୪/୨୦୨୬ Bhubaneswar, Saturday, April 4/ 2026




# ପଞ୍ଜାବର କ୍ରମାଗତ ଦ୍ୱିତୀୟ ବିଜୟ

**ଚେନ୍ନାଇ,୩।୪**

ଅଧିନାୟକ ଶ୍ରେୟସ ଆୟାରଙ୍କ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଏଠାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌କୁ ୫ ଉଇକେଟରେ ଜିତି ନେଇଛି। ଏହା ପଞ୍ଜାବର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ସିଏସ୍‌କେର କ୍ରମାଗତ ଦ୍ୱିତୀୟ ପରାଜୟ।

ଆରମ୍ଭରୁ ଖୁବ ଶସ୍ତାରେ ସଞ୍ଜୁ ସାମସନ(୭)ଙ୍କ ଉଇକେଟ ହରାଇଥିବା ସିଏସ୍‌କେ ପାଇଁ ଅଧିନାୟକ ଋତୁରାଜ ଗାଏକ୍ୱାଡ ଓ ଆୟୁଷ ମାହାତ୍ରେ ଦ୍ୱିତୀୟ ଉଇକେଟ ଲାଗି ୫୫ ବଲରେ ୯୬ ରନର ପାର୍ଟନରଶିପ୍ କରିଥିଲେ। ଋତୁରାଜ ୨୮ (୨ ଚୌକା) ରନ୍ କରି ଆଉଟ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ସେହିଭଳି ମାହାତ୍ରେ ୪୩ ବଲରେ ୬ ଚୌକା ଓ ୫ ଛକା ସହିତ ବିସ୍ଫୋରକ ୭୩ ରନର ଇନିଂସ ଖେଳିଥିଲେ। ଶର୍ଫରାଜ ଖାନ ୧୨ ବଲରେ ୩୨ (୬ ଚୌକା ଓ ୧ ଛକା) ରନ କରିଥିବା ବେଳେ ଶେଷ ଆଡ଼କୁ ଶିବମ ଦୁବେ ୨୮ ବଲରେ ୪୫ (୫ ଚୌକା ଓ ୧ ଛକା)ରନ କରିଥିଲେ। ଫଳରେ ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୯ ରନ କରିଥିଲା। ପଞ୍ଜାବ ପାଇଁ ବିଜୟକୁମାର ବ୍ୟଶକ ୨ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ୧୮.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି। ଦଳ ପାଇଁ ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ୧୧ ବଲରେ ବିସ୍ଫୋରକ ୩୯ (୩ ଚୌକା ଓ ୪ ଛକା), ପ୍ରଭସିମରନ ସିଂ ୪୩ (୬ ଚୌକା ଓ ୧ ଛକା), କୁପର କନୋଲୀ ୨୨ ବଲରେ ୩୬ (୬ ଚୌକା) ଓ ଅଧିନାୟକ ଶ୍ରେୟସ ଆୟାର ୨୯ ବଲରେ ୫୦ (୪ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ଖେଳିଥିଲେ। ସିଏସ୍‌କେ ପାଇଁ ଅଂଶୁଲ କାମ୍ବୋଜ ଓ ମ୍ୟାଟ ହେନରୀ ୨ ଲେଖାଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସିଏସ୍‌କେର ଆୟୁଷ ମାହାତ୍ରେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ: ଦିଲ୍ଲୀ**
**ସମୟ: ଅପରାହ୍ନ ୩ଟା ୩୦**

**ଗୁଜରାଟ ଟାଇଟନ୍ସ ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ: ଅହମଦାବାଦ**
**ସମୟ: ସନ୍ଧ୍ୟା ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୯/୫ (ଆୟୁଷ ମାହାତ୍ରେ-୭୩, ଶିବମ ଦୁବେ-୪୫*, ସର୍ଫରାଜ ଖାନ-୩୨, ବିଜୟକୁମାର ବ୍ୟଶାକ-୨/୩୮, ମାର୍କୋ ଜାନସେନ-୧/୪୩, ଯୁଜବେନ୍ଦ୍ର ଚହଲ-୧/୨୧)। ପଞ୍ଜାବ କିଙ୍ଗ୍ସ: ୧୮.୪ ଓଭରରେ ୨୧୦/୫ (ଶ୍ରେୟସ ଆୟାର-୫୦, ପ୍ରଭସିମରନ ସିଂ-୪୩, ପ୍ରିୟାଂଶ ଆର୍ଯ୍ୟ-୩୯, ଅଂଶୁଲ କାମ୍ବୋଜ-୨/୪୩, ମ୍ୟାଟ ହେନରୀ-୨/୫୪)।

# ଏନ୍‌ସିଏ ଶିବିରରେ ଓଡ଼ିଶାରୁ ୩

**କଟକ, ୩।୪ (କୁମାରଶ୍ରୀ)**

ଗତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ପ୍ରଦର୍ଶନ ଭିତ୍ତିରେ ଚୟନ ହୋଇଥିବା ଖେଳାଳିଙ୍କୁ ନେଇ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଦେଶର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛି। ଶିବିରରେ ଯୋଗ ଦେବା ନିମନ୍ତେ ଓଡ଼ିଶାର ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଅହମ୍ମଦାବାଦରେ ହେବାକୁ ଥିବା ଶିବିରରେ ଗୁଞ୍ଜନ ସାହୁ, ଡେରାଡୁନ ଶିବିରରେ ହିମାଂଶୁ ସାହୁ ଏବଂ ଜୟପୁର ଶିବିରରେ ଆଶୁତୋଷ କୁମାର ନାଏକ ସ୍ଥାନ ପାଇଛନ୍ତି। ଆସନ୍ତା ମେ ୧୧ରୁ ଜୁନ୍ ୬ ପର୍ଯ୍ୟନ୍ତ ଶିବିର ଆୟୋଜନ ହେବ। ଉପରୋକ୍ତ ତିନି ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଆଶୁତୋଷ କୁମାର ନାଏକ


ହିମାଂଶୁ ସାହୁ


ଗୁଞ୍ଜନ ସାହୁ

# ଓଡ଼ିଶାର ପାୟଲ ଜିତିଲେ ସ୍ୱର୍ଣ୍ଣ ପଦକ

**ବଲାଙ୍ଗୀର, ୩।୪ (ବୀରେନ୍ଦ୍ର କୁମାର ଝାଙ୍କର)**

**ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍**

ଥାଇଲାଣ୍ଡର ବ୍ୟାଙ୍କକ୍ ଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ରେ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି ବଲାଙ୍ଗୀରର ବିସ୍ମୟ ପ୍ରତିଭା ପାୟଲ ନାଗ୍। ବିଶିଷ୍ଟ ପାରା ତୀରନ୍ଦାଜୀ ଖେଳାଳି ଶୀତଲ ଦେବୀଙ୍କ ସହ ମିଶି କମ୍ପାଉଣ୍ଡ ଆର୍ଚେରୀ ଟିମ୍ ଇଭେଣ୍ଟ ଫାଇନାଲରେ ବିଜୟ ଲାଭ କରିଛନ୍ତି। ହାତ ଏବଂ ଗୋଡ଼ ନ ଥିବା ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ପାୟଲ ଏହି ସଫଳତା ହାସଲ କରିଛନ୍ତି। ଗତ ୨୦୨୫ରେ ରାଜସ୍ଥାନ ଜୟପୁର ଠାରେ ଅନୁଷ୍ଠିତ ୬ଷ୍ଠ ଜାତୀୟ ପାରା-ତୀରନ୍ଦାଜୀ ଚମ୍ପିୟନଶିପ୍‌ରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ସେ ସ୍ୱର୍ଣ୍ଣପଦକ ଜିତିଥିଲେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଯମୁନାବାହାଲ ଗାଁର ପାୟଲ ନାଗ ୨୦୧୫ ମସିହାରେ ମାତ୍ର ୮ବର୍ଷ ବୟସରେ ତାଙ୍କ ମାତା ଜନତା ନାଗ ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ନିର୍ମାଣାଧୀନ କୋଠାରେ କାମ କଲାବେଳେ ହାଇଭୋଲଟେଜ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ଦୁଇ ଗୋଡ ହରାଇଥିଲେ। ଫଳରେ ପାୟଲ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିଲେ। ପାୟଲଙ୍କୁ ବଲାଙ୍ଗୀର ସ୍ଥିତ ପାର୍ବତୀ ଗିରି ବାଳ ନିକେତନକୁ ଅଣାଯାଇଥିଲା। ବାଳ ନିକେତନରେ ରହିବା ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡିଥିଲା। ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଜାମ୍ମୁ ଓ କାଶ୍ମୀରର କଟ୍ରା ସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ। ପାୟଲ ସେଠାରେ କୋଚ୍ କୁଲଦୀପ ବେଦୱାନ୍‌ଙ୍କ ତତ୍ତ୍ୱାଧାନରେ ତୀରନ୍ଦାଜୀ ପ୍ରଶିକ୍ଷଣ ନେଇଥିଲେ। ପାୟଲ ସ୍ୱର୍ଣ୍ଣପଦକ ହାସଲ କରିଥିବା ଜଣାପଡିବା ପରେ ଶୁକ୍ରବାର ପାର୍ବତୀ ଗିରି ବାଳ ନିକେତନ ଠାରେ ଅନ୍ତେବାସୀ ମାନେ ଖୁସି ମନାଇଛନ୍ତି।



ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ରେ ସ୍ୱର୍ଣ୍ଣପଦକ ଜିତିଥିବା ପାୟଲ ନାଗ ଓ ଶୀତଲ ଦେବୀ।

# ଏସ୍‌ଏଲ୍‌ସିକୁ କୋର୍ଟକୁ ଟାଣିଲେ ଥୁଶାରା

**କଲମ୍ବୋ,୩।୪:** ଚଳିତ ଆଇପିଏଲ୍‌ରେ ଖେଳିବା ପାଇଁ ଏନ୍‌ଓସି ଜାରି କରି ନ ଥିବାରୁ ଶ୍ରୀଲଙ୍କାର ଫାଷ୍ଟ ବୋଲର ନୁଆନ ଥୁଶାରା ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)କୁ କୋର୍ଟକୁ ଟାଣିଛନ୍ତି। ସେ ଏସ୍‌ଏଲ୍‌ସି ବିରୋଧରେ କଲମ୍ବୋ ଜିଲା କୋର୍ଟରେ ମକଦ୍ଦମା ରୁଜୁ କରିଛନ୍ତି। ଥୁଶାରା ତାଙ୍କ ଯୁକ୍ତିରେ ଦର୍ଶାଇଛନ୍ତି, ସେ ଇଣ୍ଟରନ୍ୟାଶନାଲ କ୍ରିକେଟରୁ ଦୂରେଇ ରହିବାକୁ ଚାହୁଁଥିବାରୁ ଏସ୍‌ଏଲ୍‌ସି ସହିତ ତାଙ୍କର କେନ୍ଦ୍ରୀୟ ଚୁକ୍ତିଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଯାଇଛି।

# ରାଜ୍ୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ଆରମ୍ଭ

**କଟକ,୩।୪(କୁମାରଶ୍ରୀ)**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୬୨ତମ ରାଜ୍ୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ୍ ମୁଖ୍ୟଅତିଥି ଏବଂ ୬ଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଭୟ ବାଳିକା ଏବଂ ବାଳକ ବର୍ଗରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ଏନ୍‌ବି ଯାଦବ, ଅକମଲ ଅଲ୍ଲୀ, କୋଷାଧକ୍ଷ ପି.କେ. ବେହେରା, ଯୁଗ୍ମ ସମ୍ପାଦକ ଅମିତ ମହାପାତ୍ର, ଦ୍ୱାରକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୬ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଶୁଭ୍ରାଂଶୁଙ୍କୁ ୬ ଉଇକେଟ, ଖୋର୍ଦ୍ଧା ବିଜୟୀ

**କଟକ,୩।୪(କୁମାରଶ୍ରୀ)**

**୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ୭୦ରନରେ କିଟ୍‌କୁ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓମ୍ ପ୍ରକାଶ ବେହେରାଙ୍କ ୪୩ରନ ଏବଂ ସ୍ୱୟଂ ମହାନ୍ତିଙ୍କ ୩୮ରନ ସହାୟତାରେ ଖୋର୍ଦ୍ଧା ସମସ୍ତ ଉଇକେଟ ହରାଇ ୧୯୨ରନ ସଂଗ୍ରହ କରିଥିଲା। କିଟ୍‌ର ହରିବଂଶ ଭୂୟାଁ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଶ୍ରୀଜିତ ଭୂୟାଁଙ୍କ ସଂଘର୍ଷପୂର୍ଣ୍ଣ ୭୮ରନର ଅପରାଜିତ ଇନିଂସ୍ ସତ୍ତ୍ୱେ କିଟ୍ ୧୨୨ରନରେ ଅଲଆଉଟ ହୋଇଥିଲା। ୨୦ରନ ବ୍ୟୟ କରି ୬ଟି ଉଇକେଟ ଦଖଲ କରିଥିବା ବିଜୟୀ ଦଳର ଶୁଭ୍ରାଂଶୁ କୁମାର ଭୋଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ପୁରୀ ୪ ଉଇକେଟରେ କଟକ-ବି'କୁ, ଢେଙ୍କାନାଳ ୮ ଉଇକେଟରେ ଗଜପତିକୁ, ଭୁବନେଶ୍ୱର 'ଏ' ୬ ଉଇକେଟରେ ରାଉରକେଲାକୁ, ସମ୍ବଲପୁର 'ବି' ୫୨ରନରେ କନ୍ଧମାଳକୁ, ଦେବଗଡ଼ ୧୧୫ରନରେ ନୂଆପଡାକୁ ପରାସ୍ତ କରିଛି।


ଶୁଭ୍ରାଂଶୁ କୁମାର ଭୋଇ

# ବୋଧାନା ଇଂଲଣ୍ଡର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଚେସ୍ ଖେଳାଳି

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ (ଫିଡେ)ର ସଦ୍ୟ ପ୍ରକାଶିତ ରେଟିଂ ତାଲିକାରେ ଭାରତୀୟ ବଂଶୋଦ୍ଭବ ବୋଧାନା ଶିବାନନ୍ଦନ ଇଂଲଣ୍ଡର ଶୀର୍ଷ ରେଟିଂ ପ୍ରାପ୍ତ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ୨୩୬୬ ଫିଡେ ରେଟିଂ ପଏଣ୍ଟ ଅର୍ଜନ କରିଥିବା ଏହି ୧୧ବର୍ଷୀୟା ଖେଳାଳିଙ୍କ ପିତାମାତ ହେଉଛନ୍ତି ତାମିଲନାଡୁ ରାଜ୍ୟ ଅନ୍ତର୍ଗତ ତିରୁଚିରାପଲ୍ଲୀର ମୂଳ ବାସିନ୍ଦା। ସେମାନେ ୨୦୦୭ରୁ ଯାଇ ଇଂଲଣ୍ଡରେ ବସବାସ କରୁଛନ୍ତି। ବୋଧାନା ହେଉଛନ୍ତି ନର୍ଥ ଲଣ୍ଡନସ୍ଥିତ ଏକ ପ୍ରାଇମେରୀ ସ୍କୁଲର ଛାତ୍ରୀ। ଫିଡେ ତାଲିକାରେ ସେ ୪ଥର ବ୍ରିଟିଶ ମହିଳା ଚାମ୍ପିୟନ ୨୫ ବର୍ଷୀୟା ଲାନ୍ ୟାଓଙ୍କୁ ପଛରେ ପକାଇ ଦେଇଛନ୍ତି। ବୋଧାନା ପ୍ରଥମ ଥର ବିଶ୍ୱର ଟପ୍ ୧୦୦ ମହିଳା ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ବର୍ତ୍ତମାନ ୭୨ତମ ସ୍ଥାନରେ ରହିଥିବା ଇଂଲିଶ ଚେସ୍ ଫେଡେରେଶନ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ, ଯିଏକି ଜଣେ ଭାରତୀୟ ବଂଶୋଦ୍ଭବ, ସେ ଶିବାନନ୍ଦନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକଦା ସେ ବୋଧାନାଙ୍କ ସହିତ ତାଙ୍କ ଅଫିସିଆଲ ବାସଭବନରେ ଚେସ୍ ଖେଳିଥିବା କଥା ମନେ ପକାଇ ଦେଇଥିଲେ।


ବୋଧାନା ଶିବାନନ୍ଦନ

# କର୍ଣ୍ଣାଟକ ଓଭରଅଲ ଚାମ୍ପିୟନ

**ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ**

**ଓଡ଼ିଶା ରନରଅପ୍**

**ରାୟପୁର, ୩।୪ (ପି.ଟି.)**

ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ମହିଳା ରିକର୍ଭ ତୀରନ୍ଦାଜୀରେ ଝାଡ଼ଖଣ୍ଡର ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ କୋମଲିକା ବାରିଙ୍କ ସ୍ୱର୍ଣ୍ଣପଦକ ହାସଲ ଉଲ୍ଲେଖନୀୟ ଘଟଣା ଥିଲା। କର୍ଣ୍ଣାଟକ ସର୍ବାଧିକ ୨୩ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରଅଲ ଚାମ୍ପିୟନ ହୋଇଛି। ଓଡ଼ିଶାର ଅର୍ଜୁନ ଖାରା ପୁରୁଷ ରିକର୍ଭ କାଟେଗୋରୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ ମଧ ତୀରନ୍ଦାଜୀ ପଦକ ତାଲିକାରେ କର୍ଣ୍ଣାଟକକୁ ହଟାଇବା ଏହା ଯଥେଷ୍ଟ ନ ଥିଲା। ଗେମ୍ସର ଉଦ୍‌ଘାଟନୀ ସଂସ୍କରଣରେ ୩୦ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପାଖାପାଖି ୩୮୦୦ ଆଥ୍‌ଲେଟ୍ ୯ଟି କ୍ରୀଡ଼ା ବିଭାଗରେ ଭାଗ ନେଇଥିଲେ। ତୀରନ୍ଦାଜୀ, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ହକି, ସୁଇମିଂ, ୱେଟ୍‌ଲିଫ୍ଟିଙ୍ଗ ଓ ରେସ୍‌ଲିଂ ଏବଂ ମାଲଖମ୍ବ ଓ କବାଡ଼ି ଭଳି ପାରମ୍ପରିକ ଖେଳ ପାଇଁ ୧୦୬ ସ୍ୱର୍ଣ୍ଣ ପଦକ ବ୍ୟବସ୍ଥା ଥିଲା। ଗେମ୍ସର ଉଦ୍‌ଘାଟନୀ ସଂସ୍କରଣରେ କର୍ଣ୍ଣାଟକ ୨୩ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ ସହ ଓଭରଅଲ ଚାମ୍ପିୟନ ହୋଇଥିବା ବେଳେ ଓଡ଼ିଶା ୨୧ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୨୧ ବ୍ରୋଞ୍ଜ ସହିତ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛି। ଓଡ଼ିଶା ଏକମାତ୍ର ଦଳ, ଯାହାର ମୋଟ ପଦକ ସଂଖ୍ୟା ୫୦ ଅତିକ୍ରମ କରିଛି। ଦଳ ମୋଟ ୫୭ ପଦକ ହାସଲ କରିଛି। ଝାଡ଼ଖଣ୍ଡ ୧୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଆୟୋଜକ ଛତିଶଗଡ଼ ଭଲ ପ୍ରଦର୍ଶନ କରି ୩ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାତେଇ ପାରିଛି। ଓଭରଅଲ ଚାମ୍ପିୟନ କର୍ଣ୍ଣାଟକ ପ୍ରଥମ ଦିବସରୁ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହି ଆସିଥିଲା। ସୁଇମିଂ ଇଭେଣ୍ଟଗୁଡ଼ିକରେ ଏହି ରାଜ୍ୟ କହିବାକୁ ଗଲେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା। ଏଥିରେ ସେମାନେ ୧୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ସେମାନେ ଆଥ୍‌ଲେଟିକ୍ସରେ ୫ ସ୍ୱର୍ଣ୍ଣ ଏବଂ ରେସ୍‌ଲିଂରେ ୩ ସ୍ୱର୍ଣ୍ଣ ଜିତିଥିଲେ। ଓଡ଼ିଶା କିମ୍ବା ଝାଡ଼ଖଣ୍ଡ ସେମାନଙ୍କୁ ଅତିକ୍ରମ କରିପାରି ନ ଥିଲେ। କର୍ଣ୍ଣାଟକର ମଣିକାନ୍ତ ଏଲ୍. ଗେମ୍ସରେ ସବୁଠାରୁ ସଫଳ ଆଥଲେଟ୍ ଥିଲେ। ସେ ୮ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିଲେ। ତାଙ୍କ ସାଥୀ ଆଥଲେଟ୍ ଧୋନିଶ ଏନ୍ ସୁଇମିଂ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ଓଡ଼ିଶାର ଅଞ୍ଜଳୀ ମୁଣ୍ଡା। ସେ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କର୍ଣ୍ଣାଟକର ମେଘାଞ୍ଜଳୀ ୪ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ହାତେଇଥିଲେ। ଓଡ଼ିଶା ଏକମାତ୍ର ଦଳ ଭାବେ ସମସ୍ତ ୬ଟି କ୍ରୀଡ଼ାରେ ଅତିକମ୍‌ରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିପାରିଥିଲା। ଏହି ଦଳ ଆଥ୍‌ଲେଟିକ୍ସରେ ୮ ଏବଂ ସୁଇମିଂରେ ୭ ପଦକ ଜିତିପାରିଛି। ପଦକ ତାଲିକାରେ ମୋଟ ୨୫ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସ୍ଥାନ ପାଇବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଅତିକମ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ମହାରାଷ୍ଟ୍ର ୬ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ଚତୁର୍ଥ ହୋଇଥିବା ବେଳେ ଅରୁଣାଚଳ ପ୍ରଦେଶ ୬ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ଟପ୍ ୫ରେ ସ୍ଥାନ ପାଇଛି।



ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ସଫଳ ଆଥଲେଟ୍ କର୍ଣ୍ଣାଟକର ମଣିକାନ୍ତ ଏଲ୍.।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ